# ଧରିତ୍ରୀ
DHARITRI

52 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Thursday, December 25/2025 Page 20 ₹ 7.00

୫୨ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 32 ମୂଲ୍ୟ₹୭/-



DN Group



## DASARATHI NAIK

**1919-1998**

OUR GUIDING LIGHT, VISIONARY, INSPIRATION
IN REMEMBRANCE ON HIS 106TH BIRTH ANNIVERSARY
**25TH DECEMBER 2025**

CREATING MILESTONES ON THE STRENGTH OF YOUR LEGACY OF INTEGRITY AND EXCELLENCE. HONOURING YOUR EXCEPTIONAL VALUES AND TIMELESS VISION.

DN HOMES
DN EPL
SARKAR NEWS

LIFELINE MULTI VENTURES
DN SEA SHELLS
VIPUL LAVANYA

THE DN WISDOM TREE GLOBAL SCHOOL
DASARATHI NAIK FOUNDATION FOR EXCELLENCE
LUXURIO ASSETS



ଆସାମର ନଗାଓଁସ୍ଥିତ ଏକ ଗ୍ରାମରେ ବୁଧବାର ଦୁଇ ହାତୀଙ୍କ ମେଳି।

# ବଳାତ୍କାରୀଙ୍କୁ ଜାମିନ, ପୀଡ଼ିତାଙ୍କ ସହ ଅନ୍ୟାୟ

## ମୃତ ସମାଜ ପାଲଟୁଛି ଭାରତ: ରାହୁଲ

ନୂଆଦିଲ୍ଲୀ,୨୪।୧୨

ଭାରତ କେବଳ ଏକ ମୃତ ଅର୍ଥନୀତିରେ ପରିଣତ ହୋଇଯାଇଛି ତାହା ନୁହେଁ, ବରଂ ଏକ ମୃତ ସମାଜ ପାଲଟିଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କୁ ଭେଟିବା ପରେ ଏପରି ମନ୍ତବ୍ୟ ଦେଇଛନ୍ତି।

ଏହି ବହୁଚର୍ଚ୍ଚିତ ମାମଲାର ଦୋଷୀ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେବାର ଦିନକ ପରେ ବଳାତ୍କାର ପୀଡ଼ିତା କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନକୁ ଯାଇଥିଲେ। ସେଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ତାଙ୍କୁ ସାକ୍ଷାତ୍ କରିଛନ୍ତି। ଏନେଇ ରାହୁଲ କହିଛନ୍ତି, ବଳାତ୍କାର ପୀଡ଼ିତାଙ୍କ ସହିତ ସମ୍ମାନର ସହ ବ୍ୟବହାର କରାଯିବା ଉଚିତ। ତାଙ୍କୁ ଅନ୍ୟାୟ ଓ ଆତଙ୍କ ଦେବା ପରିବର୍ତ୍ତେ ନ୍ୟାୟ ସୁନିଶ୍ଚିତ କରାଯିବା ଉଚିତ। ଜଣେ ଗଣବଳାତ୍କାର ପୀଡ଼ିତାଙ୍କ ପ୍ରତି ଏପରି ବ୍ୟବହାର ଉପଯୁକ୍ତ କି? ପୀଡ଼ିତା ଜଣକ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ



ରାହୁଲ ଗାନ୍ଧୀ

କରିବାକୁ ସାହସ ଦେଖାଇବା ତାଙ୍କର ଭୁଲ୍ କି? ବିଶେଷକରି ଯେତେବେଳେ ପୀଡ଼ିତାଙ୍କୁ ହଇରାଣ କରାଯାଉଛି ଓ ସେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି, ସେତେବେଳେ ଭାଜପାର ପୂର୍ବତନ ବିଧାୟକ ସେନ୍‌ଗାରଙ୍କୁ ଜାମିନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାକର କଥା ବୋଲି X ରେ ରାହୁଲ ପୋଷ୍ଟ କରିଛନ୍ତି। ବଳାତ୍କାରୀଙ୍କୁ ଜାମିନ ଓ ପୀଡ଼ିତାଙ୍କ ସହ ଅପରାଧୀଙ୍କ ଭଳି ବ୍ୟବହାର– ଏହା କେଉଁ ପ୍ରକାର ନ୍ୟାୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ଅସନ୍ତୋଷର ସ୍ୱର ଉତ୍ତୋଳନ କରିବା ଏକ ଅଧିକାର ଏବଂ ଏହାକୁ ଚପାଇଦେବା ଏକ ଅପରାଧ। ପୀଡ଼ିତା ସମ୍ମାନ, ସୁରକ୍ଷା ଓ ନ୍ୟାୟ ପାଇବାକୁ ହକ୍‌ଦାର ବୋଲି ରାହୁଲ କହିଛନ୍ତି। ଅନ୍ୟପକ୍ଷେ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ମିଳିଥିବା ଆଜୀବନ

## ମୋ ପରିବାର ପାଇଁ କାଳ: ପୀଡ଼ିତା

ଉନ୍ନାଓ,୨୪।୧୨

ସେନ୍‌ଗାରଙ୍କୁ ଜାମିନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ତାଙ୍କ ପରିବାର ପାଇଁ କାଳ ସଦୃଶ ବୋଲି ବଳାତ୍କୃତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପୀଡ଼ିତା କହିଛନ୍ତି। ପୀଡ଼ିତା କହିଛନ୍ତି, ରାହୁଲ ଗାନ୍ଧୀ ଓ ତାଙ୍କ ମା' ସୋନିଆ ଗାନ୍ଧୀ ମୋତେ ଭେଟି ସବୁକଥା ଶୁଣିବା ପରେ ସେମାନଙ୍କ ଆଖିରୁ ଲୁହ ଝରୁଥିଲା। ମୁଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଭେଟି ଗୁହାରି କରିବି। ଜଣେ ବଳାତ୍କାରୀ ଜାମିନରେ ଆସିବା ପରେ ବର୍ତ୍ତମାନ ଦେଶର ଝିଅମାନେ ବଳାତ୍କାରର ଶିକାର ହେବା ଆଶଙ୍କାରେ ଆତଙ୍କିତ ବୋଲି ପୀଡ଼ିତା କହିଛନ୍ତି।

ଦଣ୍ଡାଦେଶ ରଦ୍ଦ ଓ ଜାମିନ ରାୟକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତତ୍କାଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ। ହାଇକୋର୍ଟ ରାୟକୁ ଅନୁଧ୍ୟାନ କରିବା ପରେ ସର୍ବୋଚ୍ଚ ଅଦାଲତରେ ଏକ ସ୍ୱତନ୍ତ୍ର ଲିଭ୍ ପିଟିଶନ (ଏସ୍ଏଲ୍‌ପି) ଦାଖଲ ପାଇଁ ନିଷ୍ପତ୍ତି ନିଆଯାଇଥିବା ସିବିଆଇର ଜଣେ ମୁଖପାତ୍ର ଏକ ବିବୃତିରେ କହିଛନ୍ତି।

## ଢାକାରେ ବିସ୍ଫୋରଣ: ଜଣେ ମୃତ

ଢାକା,୨୪।୧୨

ବାଂଲାଦେଶରେ ହିଂସା ଓ ଅଶାନ୍ତ ପରିବେଶ ଜାରି ରହିଥିବାବେଳେ ବୁଧବାର ରାତି ୭ଟାରେ ଢାକାର ମୋଘବାଜାର ଅଞ୍ଚଳର ଏକ ଫ୍ଲାଇଓଭରରୁ କେହି ଜଣେ ଅଜ୍ଞାତ ବ୍ୟକ୍ତି ରାସ୍ତାକୁ କ୍ରୁଡ୍ ବୋମା ଫିଙ୍ଗିଛନ୍ତି। ଏଥିରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ୨୧ ବର୍ଷୀୟ ସୈଫୁଲ ରାସ୍ତାକଡ଼ ଏକ ଦୋକାନରେ ଚା' ପିଉଥିବାବେଳେ ତାଙ୍କ ଉପରେ ବୋମା ପଡ଼ିବାରୁ ବିସ୍ଫୋରଣ ହୋଇଥିଲା।

## ଆମେରିକାରେ ବେଆଇନ ଅନୁପ୍ରବେଶ: ୩୦ ଭାରତୀୟ ଗିରଫ

ନ୍ୟୁୟର୍କ,୨୪।୧୨

ଆମେରିକାରେ ବେଆଇନ ଭାବେ ଅନୁପ୍ରବେଶ କରିବା ଅଭିଯୋଗରେ ସେଠାକାର ସୀମା ପାଟ୍ରୋଲ ଏଜେଣ୍ଟମାନେ ୩୦ ଭାରତୀୟ ନାଗରିକଙ୍କୁ ଗିରଫ କରିଛନ୍ତି। ଗିରଫ ଭାରତୀୟମାନେ କମର୍ସିଆଲ ଡ୍ରାଇଭର ଲାଇସେନ୍ସ ରଖିଥିବାବେଳେ ସେମିଟ୍ରକ୍ ଚଳାଉଥିଲେ। ବର୍ଡର ପାଟ୍ରୋଲେ ଏଜେଣ୍ଟମାନେ କାଲିଫର୍ନିଆର ଏଲ୍ ସେଣ୍ଟ୍ରୋ ସେକ୍ଟରରୁ ୪୯ ବେଆଇନ ପ୍ରବାସୀଙ୍କୁ ଧରିଛନ୍ତି, ଯାହାଙ୍କ ମଧ୍ୟରେ ୩୦ ଭାରତୀୟ ରହିଛନ୍ତି। ଅନ୍ୟ ଅଭିଯୁକ୍ତମାନେ ଏଲ୍ ସଲ୍‌ଭାଡର, ଚାଇନା, ଏରିଟ୍ରିଆ, ହାଇତି, ହଣ୍ଡୁରାସ, ମେକ୍ସିକୋ, ରୁଷିଆ, ସୋମାଲିଆ, ତୁର୍କୀ ଓ ୟୁକ୍ରେନ୍ ନାଗରିକ ବୋଲି ଜଣାପଡ଼ିଛି। ଏମାନେ ସମସ୍ତେ ନଭେମ୍ବର ୨୩ରୁ ଡିସେମ୍ବର ୧୨ ମଧ୍ୟରେ ଯାଞ୍ଚ ବେଳେ ଧରାପଡ଼ିଥିଲେ।

# ଆରାବଳୀ: ନୂଆ ଖନନ ସମ୍ପୂର୍ଣ୍ଣ ବନ୍ଦ

ନୂଆଦିଲ୍ଲୀ,୨୪।୧୨

ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ ଏକ ସଦ୍ୟ କଟକଣା ପରେ କେନ୍ଦ୍ର ଏହି ନିଷ୍ପତ୍ତି ନେଇଛି।



ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଦିଲ୍ଲୀ ଗୁଜରାଟ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ଆରାବଳୀ ଗିରିଶୃଙ୍ଗଙ୍କୁ ବେଆଇନ ଖନନରୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକ କୌଣସି ନୂଆ ଖନନ ଲିଜ୍ ପ୍ରଦାନ କରିପାରିବେ ନାହିଁ। ଗୁଜରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଯାଏ ଚାଲିଥିବା ସମସ୍ତ ଅନିୟନ୍ତ୍ରିତ ଖନନ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ଆରାବଳୀର ଆଉ କେଉଁ ଅଞ୍ଚଳଗୁଡ଼ିକରେ ଖନନ ବନ୍ଦ କରାଯିବା ଉଚିତ, ତାହା ମଧ୍ୟ ଚିହ୍ନଟ କରିବାକୁ ଭାରତର ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ (ଆଇସିଏଫ୍‌ଆର୍‌ଇ)କୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିଏଫ୍‌ଆର୍‌ଇ ଏକ ବିଜ୍ଞାନଭିତ୍ତିକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍ ଫର୍ ସଷ୍ଟେନେବଲ ମାଇନିଂ (ଏମ୍‌ପିଏସ୍‌ଏମ୍) ପ୍ରସ୍ତୁତ କରିବ, ଯାହାକୁ ବିଭିନ୍ନ ପକ୍ଷଙ୍କ ବିଚାରବିମର୍ଶ ଓ ମତାମତ ପାଇଁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଚାଲିଥିବା ଖନନ କାର୍ଯ୍ୟକୁ କଡ଼ାକଡ଼ି ପାଳନ କରାଯିବ। ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ଲାଗୁ କରାଯିବ। ଏହି କଟକଣା ଆରାବଳୀର ସମସ୍ତ ଅଞ୍ଚଳରେ ସମାନ ଭାବେ ଲାଗୁ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: କଂଗ୍ରେସ

ନୂଆଦିଲ୍ଲୀ,୨୪।୧୨

ଆରାବଳୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କଟକଣା ଜାରି ପରେ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ଉଲ୍ଲେଖ କରିଛନ୍ତି, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଏଭଳି ନିର୍ବୋଧ ଉଦ୍ୟମ କାହାକୁ ବୋକା ବନାଇପାରିବ ନାହିଁ। ଆରାବଳୀକୁ ସୁରକ୍ଷା ଦିଆଯାଉନାହିଁ, ବରଂ ବିକ୍ରି କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା, ଯାହାକି ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ୨୦୨୫ ନଭେମ୍ବରରେ ସୁପ୍ରିମକୋର୍ଟ ପରିବେଶ ମନ୍ତ୍ରଣାଳୟ ନେତୃତ୍ୱାଧୀନ ଏକ କମିଟିର ସୁପାରିସକୁ ଗ୍ରହଣ କରିଥିଲେ, ଯହିଁରେ ଆରାବଳୀର ଏକକ ଆଇନଗତ ସଂଜ୍ଞା ପରିଭାଷିତ ହୋଇଥିଲା। ତହିଁରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବଳ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ଅନ୍ୟପକ୍ଷେ ଏହାଦ୍ୱାରା ବେଆଇନ ଖନନ ବଢ଼ିବା ସହ ପରିବେଶ ଧ୍ୱଂସହେବ ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଥିଲା।

## ୨ ନୂଆ ଏୟାରଲାଇନ୍ସକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୨୪।୧୨

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ୨ଟି ନୂଆ ଏୟାରଲାଇନ୍ସକୁ ମଞ୍ଜୁରୀ ପ୍ରଦାନ କରିଛି। ଭାରତର ଘରୋଇ ଆଭିଏଶନ୍ ବଜାରରେ ହାତଗଣତି କ୍ୟାରିୟର୍ସଙ୍କ ଆଧିପତ୍ୟ ହ୍ରାସ ପାଇଁ ଏଆଇ ହିନ୍ଦ୍ ଓ ଫ୍ଲାଏଏକ୍ସପ୍ରେସ୍‌କୁ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ଦିଆଯାଇଥିବା ଜଣାପଡ଼ିଛି।

ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଗ୍ରୁପ୍ ମିଳିତ ଭାବେ ଭାରତର ଘରୋଇ ଆଭିଏଶନ୍ ମାର୍କେଟର ୯୦% ନିୟନ୍ତ୍ରଣ କରୁଛନ୍ତି। ସେଥିରୁ ୬୫%ରୁ ଅଧିକ ନିୟନ୍ତ୍ରଣ କେବଳ ଇଣ୍ଡିଗୋ ହାତରେ ରହିଛି। ଫଳରେ ଇଣ୍ଡିଗୋ ଉପରେ ବିମାନ ଯାତ୍ରୀ ଅଧିକ ନିର୍ଭରଶୀଳ। ନିକଟରେ ଇଣ୍ଡିଗୋର ବିମାନ ଚଳାଚଳ ବାଧାପ୍ରାପ୍ତ ହେବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳି ସ୍ଥିତି ଏଡ଼ାଇବା ପାଇଁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏଆଇ ହିନ୍ଦ୍ ଓ ଫ୍ଲାଏଏକ୍ସପ୍ରେସ୍‌କୁ ଚଳିତ ସପ୍ତାହରେ ମଞ୍ଜୁରୀ ପ୍ରଦାନ କରାଯାଇଥିବାବେଳେ ୨୦୨୬ରୁ ଏହି ଦୁଇ ଏୟାରଲାଇନ୍ସର ବିମାନ ଚଳାଚଳ ଆରମ୍ଭ ହେବ ବୋଲି ବିଭାଗୀୟ ମନ୍ତ୍ରୀ କେ. ରାମମୋହନ ନାଇଡୁ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

## ଥାଇଲାଣ୍ଡ ବିଷ୍ଣୁମୂର୍ତ୍ତି ଭାଙ୍ଗିଛି: କାମ୍ବୋଡିଆର ଅଭିଯୋଗ

ନୂଆଦିଲ୍ଲୀ,୨୪।୧୨

କାମ୍ବୋଡିଆ-ଥାଇଲାଣ୍ଡ ସୀମା ସଂଘର୍ଷ ଜାରି ରହିଥିବାବେଳେ ଏଥିରେ ବଳି ପଡ଼ିଛି ଏକ ବିଷ୍ଣୁମୂର୍ତ୍ତି। କାମ୍ବୋଡିଆର ଏକ ବିବାଦୀୟ ସ୍ଥାନରେ ଥିବା ବିଷ୍ଣୁମୂର୍ତ୍ତିକୁ ଥାଇଲାଣ୍ଡ ସେନା ଭାଙ୍ଗିଦେଇଥିବା କାମ୍ବୋଡିଆ ସରକାରଙ୍କ ମୁଖପାତ୍ର କିମ୍ ଚନ୍‌ପନ୍‌ହା ବୁଧବାର ଅଭିଯୋଗ ଆଣିଛନ୍ତି। ଏକ ମେଶିନ ଲଗାଇ ମୂର୍ତ୍ତି ଭଙ୍ଗାଯାଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଥାଇଲାଣ୍ଡ ସୀମାରୁ ୧୦୦ ମିଟର ଦୂର ଏନ୍ ସେସ୍ ଅଞ୍ଚଳରେ ଅବସ୍ଥିତ ବିଷ୍ଣୁମୂର୍ତ୍ତିକୁ ୨୦୧୪ରେ ନିର୍ମାଣ କରାଯାଇଥିଲା। ବୌଦ୍ଧ ଓ ହିନ୍ଦୁ ଧର୍ମାବଲମ୍ବୀମାନେ ଏହାକୁ ପୂଜା କରୁଥିଲେ। ମୂର୍ତ୍ତି ଭଙ୍ଗ ଘଟଣାକୁ କାମ୍ବୋଡିଆ ସରକାର ନିନ୍ଦା କରିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏହାକୁ ଅତ୍ୟନ୍ତ ଅପମାନଜନକ କାର୍ଯ୍ୟ କହି ନିନ୍ଦା କରିଛି।

## ଦୁର୍ଘଟଣାରେ ୯ ମୃତ

କୁଡ୍ଡାଲେ,୨୪।୧୨

ତାମିଲନାଡୁର ଏକ ସରକାରୀ ବସ୍‌ର ଟାୟାର ଫାଟିଯିବାରୁ ଏହା ଜାତୀୟ ରାଜପଥର ବିପରୀତ ପାର୍ଶ୍ୱକୁ ଯାଇ ୨ଟି ଏସ୍‌ୟୁଭି କାର୍‌କୁ ଧକ୍କା ଦେଇଛି। ଦୁର୍ଘଟଣାରେ ୨ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ୩ ଲକ୍ଷ ଓ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ମଧ୍ୟରେ ୪ ମହିଳା ରହିଛନ୍ତି।

# ବିଏମ୍‌ସି ନିର୍ବାଚନ ଏକାଠି ଲଢ଼ିବେ ଠାକ୍‌ରେ ଭ୍ରାତା

ମୁମ୍ବାଇ,୨୪।୧୨

ଜାନୁଆରୀ ୧୫ରେ ହେବାକୁ ଥିବା ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପୂର୍ବରୁ ଏକାଠି ହୋଇଛନ୍ତି ଠାକ୍‌ରେ ଭ୍ରାତା। ଅନେକ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ସେମାନଙ୍କ ଦଳର ମେଣ୍ଟ ହେବା ନେଇ ବୁଧବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏକ ମିଳିତ ଖବରଦାତା ସମ୍ମିଳନୀରେ ରାଜ ଓ ଉଦ୍ଧବ କହିଛନ୍ତି, ଦୁଇ ଦଳ ଏକାଠି ରହିବା ପାଇଁ ଏକ ହୋଇଛନ୍ତି। ମରାଠୀ ମାନୁସ ଓ ମହାରାଷ୍ଟ୍ର ପାଇଁ ସେମାନେ ଏହି ମେଣ୍ଟ କରିଛନ୍ତି। ମୁମ୍ବାଇର ପରବର୍ତ୍ତୀ ମେୟର ଜଣେ ମରାଠୀ ହେବେ ବୋଲି ରାଜ କହିଛନ୍ତି। ସେହିପରି ନାଶିକ୍ ମହାନଗର



ଉଦ୍ଧବ ଠାକ୍‌ରେ ରାଜ ଠାକ୍‌ରେ

ନିଗମ ପାଇଁ ଆସନ ବୁଝାମଣା ଶେଷ ହୋଇଛି। ମୁମ୍ବାଇ ଓ ଅନ୍ୟ ୨୭ ମହାନଗର ନିଗମରେ ମଧ୍ୟ ମିଳିତ ଭାବେ ନିର୍ବାଚନ ଲଢ଼ିବୁ। ଆମକୁ ଏକାଠି ଦେଖି ସହିପାରୁ ନ ଥିବା ଲୋକେ ଆଗକୁ ଦେଖିବେ ଯେ ଭାଜପା ମଧ୍ୟ ଆମ ସହ ଆସିପାରେ। ତେବେ ୨୨୭ ୱାର୍ଡ ବିଶିଷ୍ଟ ବିଏମ୍‌ସି ନିର୍ବାଚନରେ କେଉଁ ଦଳ କେତୋଟି ଆସନରେ ଲଢ଼ିବେ ସେନେଇ ଦୁଇଭାଇ କିଛି ସ୍ପଷ୍ଟ କରିନାହାନ୍ତି।

# ସବୁଠୁ ଭାରି ସାଟେଲାଇଟ୍‌କୁ ଲଞ୍ଚ୍‌କଲା 'ବାହୁବଳୀ'

## ଅନ୍ତରୀକ୍ଷରେ ଭାରତର ଐତିହାସିକ ସଫଳତା

ଶ୍ରୀହରିକୋଟା,୨୪।୧୨

ଖ୍ରୀସ୍ମାସ୍ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅନ୍ତରୀକ୍ଷରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଇସ୍ରୋର ବାହୁବଳୀ ରକେଟ ବୁଧବାର ୬,୧୦୦ କେ.ଜି. ଓଜନ ବିଶିଷ୍ଟ ଆମେରିକାର କମ୍ୟୁନିକେଶନ୍ ସାଟେଲାଇଟ୍‌କୁ ଏହାର କକ୍ଷପଥରେ ସଫଳତାର ସହ ଅବସ୍ଥାପିତ କରାଇଛି। ଭାରତୀୟ ଲଞ୍ଚର ଜରିଆରେ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଇବାରେ ଏହା ହେଉଛି ସବୁଠୁ ଭାରି କୃତ୍ରିମ ଉପଗ୍ରହ।

ବ୍ଲୁବାର୍ଡ ବ୍ଲକ୍-୨ ସାଟେଲାଇଟ୍ ହେଉଛି ବୈଶ୍ୱିକ ଲୋ ଆର୍ଥ ଅର୍ବିଟ୍ (ଏଲ୍‌ଇଓ) ମିଶନରେ ସାମିଲ ହୋଇଥିବା ଅନେକ ସାଟେଲାଇଟ୍ ମଧ୍ୟରୁ ଅନ୍ୟତମ, ଯାହାକି ଉପଗ୍ରହ ଜରିଆରେ ଡାଇରେକ୍ଟ-ଟୁ-ମୋବାଇଲ ଯୋଗାଯୋଗ ସୁବିଧା ପ୍ରଦାନ କରିବ। ଏହା ସବୁଠି, ସମସ୍ତଙ୍କୁ, ସବୁବେଳେ ୪ଜି ଏବଂ ୫ଜି ଭଏସ୍, ଭିଡିଓ କଲ୍, ଟେକ୍ସଟ୍ ସହ ଷ୍ଟ୍ରିମିଂ ଓ ଡାଟା ପ୍ରଦାନ କରିବ। ଭିଏଲ୍‌ଏମ୍୩ ରକେଟ ଜରିଆରେ ଭାରତୀୟ ଭୂଖଣ୍ଡରୁ ଲଞ୍ଚ୍ କରାଯିବାରେ ଏହା ସବୁଠୁ ଓଜନିଆ ରକେଟ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

କମ୍ୟୁନିକେଶନ୍ ସାଟେଲାଇଟ୍‌କୁ ଏମ୍‌ଭିଏମ୍୩-ଏମ୍୬ ଜରିଆରେ ଲଞ୍ଚ୍ କରିବା ନେଇ ଏହା ପୂର୍ବରୁ ଇସ୍ରୋର ବାଣିଜ୍ୟିକ ଶାଖା ନ୍ୟୁସ୍ପେଶ୍ ଇଣ୍ଡିଆ (ଏନ୍‌ଏସ୍‌ଆଇଏଲ୍) ଏବଂ ଆମେରିକାର ଏଏସ୍‌ଟି ସ୍ପେଶ୍‌ମୋବାଇଲ୍ (ଏଏସ୍‌ଟି ଆଣ୍ଡ ସାଇନ୍ସ ଏଲ୍‌ଏଲ୍‌ସି) ମଧ୍ୟରେ ବୁଝାମଣା ହୋଇଥିଲା।

୨୪ ଘଣ୍ଟାର ଅବଗଣନା ଶେଷ ହେବା ପରେ ବୁଧବାର ସକାଳ ୮ଟା ୫୫ ମିନିଟ୍‌ରେ ୪୩.୫ ମିଟର ଉଚ୍ଚତା ବିଶିଷ୍ଟ ରକେଟ୍‌କୁ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଉତ୍କ୍ଷେପଣ କରାଯାଇଥିଲା। ଏହାର ୧୫ ମିନିଟ ପରେ ବ୍ଲୁବାର୍ଡ ବ୍ଲକ୍-୨ ସ୍ପେଶ୍‌କ୍ରାଫ୍ଟ ଭେହିକିଲ୍‌ଠାରୁ ଅଲଗା ହୋଇ ନିଜ କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏଲ୍‌ଭିଏମ୍୩ଏମ୍୬ ବାହୁବଳୀ ରକେଟର ଏହି ସଫଳ ଲଞ୍ଚ ପରେ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ ନ୍ୟୁସ୍ପେଶ୍ ଇଣ୍ଡିଆ ଏବଂ ଏଏସ୍‌ଟି ସ୍ପେଶ୍ ମୋବାଇଲକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଐତିହାସିକ ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ବୈଶ୍ୱିକ ବାଣିଜ୍ୟିକ ଲଞ୍ଚ ମାର୍କେଟରେ ଭାରତର କ୍ରମବର୍ଦ୍ଧିଷ୍ଣୁ ଭୂମିକାକୁ ଆହୁରି ବଳ ପ୍ରଦାନ କରି ଗତିଶୀଳ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତିଶ୍ ଧାୱନ୍ ସ୍ପେଶ୍ ସେଣ୍ଟରରୁ ବୁଧବାର ସକାଳେ ଇସ୍ରୋ ପକ୍ଷରୁ ବ୍ଲୁବାର୍ଡ ବ୍ଲକ୍-୨ ରକେଟ ଉତ୍କ୍ଷେପଣ ବେଳର ଦୃଶ୍ୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ | Bhubaneswar, Thursday, December 25/2025 | ପୃଷ୍ଠା-୧

Ministry of Rural Development
Government of India
ପ୍ରତ୍ୟେକ ଗାଁ ପାଇଁ ପକ୍କା ସଡ଼କ
ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ବିଗତ ୧୧.୫ ବର୍ଷରେ ୧.୪୭ ଲକ୍ଷ ସ୍କୁଲ, ୮୩ ହଜାର ହସ୍ପିଟାଲ, ୧.୩୯ ଲକ୍ଷ କୃଷି ସେବା ଏବଂ ୩.୨୮ ଲକ୍ଷ ପରିବହନ ସେବାଗୁଡ଼ିକୁ ସବୁ ଋତୁ ପାଇଁ ଉପଯୁକ୍ତ ସଡ଼କ ସହ ଯୋଡ଼ାଯାଇଛି ।
ଗ୍ରାମୀଣ ବିକାଶ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ
CBC 35101/13/0043/2526


Pradhan Mantri Gram Sadak Yojana



ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ପୁରୁଣା ବସ୍ଷ୍ଟାଣ୍ଡ ଛକ ନିକଟରେ ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ, ରାସ୍ତାରୋକୋ

**ଜଣେ ୧୧ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏଭଳି ଏକ ଅମାନୁଷିକ ଘଟଣା ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲିଗାଁଠାରେ ଘଟିଥିବାବେଳେ ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ତୀବ୍ର ଅସନ୍ତୋଷ। ଉତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଇଥିବାବେଳେ ପୋଲିସ ଗାଡ଼ି ଉପରକୁ ଆକ୍ରମଣ କରିଛନ୍ତି। ଏପରି କି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଅପରପକ୍ଷରେ ପୋଲିସ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଭଦ୍ରକ ଏସ୍‌ପି ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋର ନିନ୍ଦା କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ତାଙ୍କ ଇସ୍ତଫା ଦାବି ସହ ଗୁରୁବାର ୧୨ଘଣ୍ଟିଆ ଚାନ୍ଦବାଲି ବନ୍ଦ ଡାକରା ଦିଆଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ସହ ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି।**

**ଚାନ୍ଦବାଲି ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ମାମଲା**

- **ଶ୍ୱଶୁର ଘରୁ ମୁଖ୍ୟ ଅଭିଯୁକ୍ତ ଗିରଫ**
- **ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା**

ଚାନ୍ଦବାଲି,୨୪।୧୨(ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ବାଲିଗାଁଠାରେ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଚାନ୍ଦବାଲିରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଛି। ଉତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଇଛନ୍ତି। ମଙ୍ଗଳବାର ରାତିରୁ ଚାନ୍ଦବାଲି ସହରର ମଧୁବାବୁ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ତାରିଣୀ ଛକ ଆଦି ବିଭିନ୍ନ ସ୍ଥାନରେ ଲୋକେ ଟାୟାର ଜାଳି ରାସ୍ତା ବନ୍ଦ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡ଼ିତା ପରିବାରକୁ ସହାୟତା ପ୍ରଦାନ ଦାବିରେ ସାଧାରଣ ଜନତାଙ୍କ ସହ ବିଭିନ୍ନ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରି ରାସ୍ତାରେ ବସିଥିଲେ। ପୋଲିସ ପକ୍ଷରୁ ବାଲିଗାଁ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାତିରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଓ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ଭଦ୍ରକ ଅତିରିକ୍ତ ଏସ୍‌ପି, ସ୍ଥାନୀୟ ତହସିଲଦାର ଘଟଣା ଉପରେ ନଜର ରଖିଥିଲେ। ପୋଲିସ ସନ୍ଧାନୀ କୁକୁର ସହାୟତାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ଭଦ୍ରକ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ନାବାଳିକା ଜଣକ ଦିବ୍ୟାଙ୍ଗ ହୋଇଥିବାବେଳେ ଅଭିଯୁକ୍ତ ରାମପଲ୍ଲୀ ଗାଁର ବବୁଲୁ ଦାସ ତାଙ୍କୁ କୋଳି ପାରି ଖାଇବାକୁ ଦେବା ବାହାନାରେ ଡାକି ନେଇ ପ୍ରଥମେ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଘରେ କହିଦେବେ ବୋଲି କହିବାରୁ ତାଙ୍କୁ ପୁରୁଣା ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ପରିସରରେ ଥିବା ଏକ ନିଛାଟିଆ ଜାଗାକୁ ନେଇ ମୁଣ୍ଡରେ ଶକ୍ତ ଆଘାତ ଦେବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ସେଠାରେ ମୃତଦେହ ପକେଇ ଶ୍ୱଶୁର ଘର ଜଗତ୍‌ସିଂହପୁରରେ ଯାଇ ଲୁଚିଥିଲେ। ମଙ୍ଗଳବାର ରାତିରେ ସେଠାରୁ ପୋଲିସ ତାଙ୍କୁ ଗିରଫ କରିଥିବା ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ସ୍ଥାନୀୟ ଲୋକ ବାଲିଗାଁଛକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରା ନିଶା କାରବାର ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ କରି ଉକ୍ତ ଜାଗାକୁ ତୁରନ୍ତ ଉଚ୍ଛେଦ କରିବା ଓ ପୀଡ଼ିତା ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ପରେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ଏସ୍‌ପି ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ୧୨ଟା ପରେ ମୃତଦେହ ଛାଡ଼ିଥିଲେ। ପ୍ରଶାସନ ପକ୍ଷରୁ ଉକ୍ତ ଛକକୁ ତୁରନ୍ତ ଜେସିବି ସହାୟତାରେ ଉଚ୍ଛେଦ କରାଯିବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅନ୍ୟପଟେ କେତେଜଣ ଉତ୍ୟକ୍ତ ଲୋକ ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ମାତ୍ର କିଛି ଆସବାବ ପତ୍ର ବାହାରକୁ ଫିଙ୍ଗିବା ସହ ଘରର ଅନେକ ଅଂଶ ଭାଙ୍ଗି ଦେଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତ ଚାନ୍ଦବାଲି ବଜାର ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଜନସାଧାରଣଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏସ୍‌ପି ରାଉତ କହିଛନ୍ତି, ଲୋକମାନଙ୍କ ଦାବିକୁ ଗୁରୁତ୍ୱ ଦିଆଯିବ। ନିଶା କାରବାର ଉପରେ ଚଢ଼ାଉ କରାଯିବ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାନ୍ଦବାଲି ମୁଖ୍ୟ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାରୋକୋ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ଲକ୍ଷ୍ୟକରି ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ।

# ଅନୁ ଗର୍ଗ ନୂଆ ମୁଖ୍ୟ ଶାସନ ସଚିବ

**ଓଡ଼ିଶାରେ ପ୍ରଥମ ମହିଳା ସିଏସ୍**



ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)

୧୯୯୧ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ତୁଲାଉଥିବା ଅନୁ ଗର୍ଗଙ୍କୁ ଓଡ଼ିଶାର ୪୭ତମ ନୂଆ ମୁଖ୍ୟ ଶାସନ ସଚିବ (ସିଏସ୍)ଭାବେ ନିଯୁକ୍ତି ମିଳିଛି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ସେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବାକୁ ଯାଉଛନ୍ତି। ନୂଆବର୍ଷରୁ ସେ ଏହି ନୂଆ ଦାୟିତ୍ୱ ସମ୍ଭାଳିବେ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଆସନ୍ତା ୩୧ ତାରିଖରେ ଶେଷ ହେବ। ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁ ଗର୍ଗଙ୍କ କାର୍ଯ୍ୟକାଳ ରହିବ। କିଛିଦିନ ହେବ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇବ ନା ନୂଆ ଭାବେ କାହାକୁ ଏହି ଦାୟିତ୍ୱରେ ବସାଯିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଆହୁଜାଙ୍କଠାରୁ ବହୁ ବରିଷ୍ଠ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଥିବା ସତ୍ତ୍ୱେ ତାଙ୍କୁ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଦିଆଯାଇଥିଲା। ତେଣୁ ସରକାର ଆହୁଜାଙ୍କ କାର୍ଯ୍ୟକାଳ ଆଉ ଥରେ ବୃଦ୍ଧି କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। ହେଲେ ସବୁ ଚର୍ଚ୍ଚାକୁ ପଛରେ ପକାଇ ଅନୁଙ୍କ ଉପରେ ସରକାର ବିଶ୍ୱାସ ଦେଖାଇଛନ୍ତି। ଅନୁ ଏବେ ଉନ୍ନୟନ କମିଶନର ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଯୋଜନା ଓ ସଂଯୋଜନ ଏବଂ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ରହିଥିଲେ। ☞ପୃଷ୍ଠା-୨

# ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’କୁ ଅନୁମୋଦନ

**ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର**

ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)

ରାଜ୍ୟର ବରପୁତ୍ରମାନଙ୍କୁ କିଭଳି ସବୁବେଳେ ସମ୍ମାନ ମିଳିବ ସେନେଇ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ ସମେତ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି, ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସୁଧାରକ ଏବଂ ମହାନ୍ ବ୍ୟକ୍ତିତ୍ୱମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ। ସେମାନଙ୍କର ଜୀବନବ୍ୟାପୀ ସାଧନା ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ସ୍ମୃତିକୁ ପରପିଢ଼ି ପାଇଁ ସାଇତି ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟ ସଚିବ କହିଛନ୍ତି, ସାହସ, ସଂକଳ୍ପ ଏବଂ ଦୃଷ୍ଟିକୋଣ ଓଡ଼ିଆ ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପାଇଁ ଭିତ୍ତି ତିଆରି କରିଥିଲା। ଓଡ଼ିଶାର ବରପୁତ୍ର ତଥା ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନିତ କରିବା ଦ୍ୱାରା ସେମାନଙ୍କ ବଳିଦାନକୁ ସ୍ୱୀକୃତି ମିଳିବ। ନାଗରିକମାନେ ସେମାନଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତକୁ ଅନୁସରଣ କରି ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ ହେବେ। ସେମାନଙ୍କ ଅବଦାନ ପରପିଢ଼ିକୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ରାଜ୍ୟରେ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅଧୀନରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ବ୍ୟାଖ୍ୟାନ କେନ୍ଦ୍ର, ☞ପୃଷ୍ଠା-୨

# ପୀଡ଼ିତା, ମା’ଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର

**ଉନ୍ନାଓ ଗଣବଳାତ୍କାର**

- **ଅଭିଯୁକ୍ତ ସେନ୍‌ଗାରଙ୍କ ଦଣ୍ଡାଦେଶ ରଦ୍ଦ କରିଛନ୍ତି ଦିଲ୍ଲୀ ହାଇକୋର୍ଟ**
- **ରାୟ ବିରୋଧରେ ବିକ୍ଷୋଭ ବେଳେ ପୋଲିସର ବଳ ପ୍ରୟୋଗ ଅଭିଯୋଗ**

ନୂଆଦିଲ୍ଲୀ,୨୪।୧୨

୨୦୧୭ ଜୁନ୍ ୪ରେ ଉତ୍ତର ପ୍ରଦେଶର ଉନ୍ନାଓରେ ଜଣେ ୧୭ ବର୍ଷୀୟା ଝିଅଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିଲା। ୨୦୧୯ ଡିସେମ୍ବର ୧୬ରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ଭାଜପା ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାର ଦିନକ ପରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଥିଲା। ୨୦୨୦ ମାର୍ଚ୍ଚରେ ସେନ୍‌ଗାର ପୀଡ଼ିତାଙ୍କ ବାପାଙ୍କ ହାଜତ ମୃତ୍ୟୁ ପାଇଁ ଆପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୫ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ସେନ୍‌ଗାର ପାଇଥିବା ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରି ଜାମିନ ପ୍ରଦାନ କରିଥିଲେ। ବାହୁବଳୀ ନେତା ସେନ୍‌ଗାରଙ୍କୁ ହାଇକୋର୍ଟରୁ ଜାମିନ ମିଳିବା ପରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପୀଡ଼ିତା ଓ ତାଙ୍କ ମା’ ନୂଆଦିଲ୍ଲୀର ମଣ୍ଡି ହାଉସ୍‌ରେ ଅଦାଲତ ରାୟ ଉପରେ ଅସନ୍ତୋଷ ବ୍ୟକ୍ତ କରି ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାକୁ ଯାଉଥିବାବେଳେ ସୁରକ୍ଷା ବଳ ସେମାନଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିଛି। ତେବେ ଉଭୟେ ଇଣ୍ଡିଆ ଗେଟ୍‌ର ମଣ୍ଡି ହାଉସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପୂର୍ବରୁ ଅନୁମତି ନେଇ ନ ଥିଲେ। ତେଣୁ ପ୍ରଶାସନ ଦୁହିଁଙ୍କୁ ଯନ୍ତରମନ୍ତର କିମ୍ବା ସେମାନଙ୍କ ଘରକୁ ଫେରାଇ ନେବା ପାଇଁ ଉଦ୍ୟମ କରିଥିବା କେନ୍ଦ୍ରୀୟ ରିଜର୍ଭ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଜୈନ ଗ୍ରନ୍ଥ ଓ କର୍ମସିଦ୍ଧାନ୍ତ**

# ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ



ଅତିଥିବୃନ୍ଦ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

ମଥୁରାନଗରୀ,୨୪।୧୨ (ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟା ପ୍ରାୟ ୭ଟା ୩୦ମିନିଟ୍‌ରେ ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାର ମଞ୍ଚରେ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଚତୁର୍ଦ୍ଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ସମୟ: ସକାଳ ୬ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏକାଦଶତମ ବାର୍ଷିକ ଅଷ୍ଟପ୍ରହରୀ ସାଇ ନାମ ସଂକୀର୍ତ୍ତନ, ସ୍ଥାନ: ବାଲିଅନ୍ତା ବ୍ଲକ ରଙ୍ଗବଜାର ନିକଟ ଇନ୍ଦ୍ରପାଳସ୍ଥିତ ଶ୍ରୀସାଇ କ୍ଷେତ୍ରପାଳ ସେବାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୧ଟା୩୦।
- ପଣ୍ଡିତ ଡ.ଦାମୋଦର ହୋତାଙ୍କ ୯୦ତମ ଜୟନ୍ତୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଜିଲା ପ୍ରଶାସନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ସ୍ମୃତି କମିଟି ପକ୍ଷରୁ ଅଟଳ ଫେଷ୍ଟ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା।
- ପାୟଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପଞ୍ଚମୁଖୀ ମହୋତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।

## ପୁରୀ

- ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଓ ଆଲୋଚନା ଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶାସନ ଦିବସ ପାଳନ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ଅପରାହ୍ନ ୧ଟା।
- ଜମି ଅଧିକାର ଆନ୍ଦୋଳନ ଓ ସ୍ୱାଧିକାର ସମ୍ପର୍କରେ ଆଲୋଚନା ସଭା, ସ୍ଥାନ: କୁଳମଣି ଭବନ, ସମୟ: ଅପରାହ୍ନ ୩ଟା।
- ୨୫ତମ ନିମାପଡ଼ା ମହୋତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: ଶହୀଦ ଭବନ ପଡ଼ିଆ ମୁକ୍ତାକାଶ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ, ସ୍ଥାନ ୟୁଥ୍ ହଷ୍ଟେଲ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ମନ୍ଦିର ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, କଡ଼ବ, ବୋଲଗଡ଼, ସମୟ: ସକାଳ ୮ଟା।
- ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ବାଘମାରୀ ତୃପ୍ତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ:ଟାଙ୍ଗୀ ପଡିଆ, ସଂପୁର, ବୋଲଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।
- ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଡିଏ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାଜପେୟୀଙ୍କ ପ୍ରତିମୂର୍ତ୍ତି ପାଇଁ ଭୂମି ପୂଜନ ଉତ୍ସବ, ସ୍ଥାନ: ଇଲେକ୍ଟ୍ରି ଗ୍ରୀଡ୍ ଅଫିସ ନିକଟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ସଦର ଭାଜପା କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ

- ବିଜେଡ଼ି ପକ୍ଷରୁ ଚାନ୍ଦବାଲି ବନ୍ଦ ଡାକରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୬ଟା।
- ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୧୦ଟା।

## କେନ୍ଦୁଝର

- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଦରବାର ହଲ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ପବିତ୍ର ତୁଳସୀ ପୂଜନ ଦିବସ, ସ୍ଥାନ:ବଡ଼ଜଗନ୍ନାଥ ମନ୍ଦିର ପରିସର ବାରିପଦା,ସମୟ: ସକାଳ ୭ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଲେଖକ ଓ ଲେଖିକା ସାମୁଖ୍ୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ,ସମୟ: ସକାଳ ୯ଟା ।

## ଗଞ୍ଜାମ

- କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଟିଳିସିଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- କୃଷ୍ଣସାର ମୃଗ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଆସିକା ଭେଟନୟୀ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଡିଏଭି ଗୁରୁକୁଳ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ, ସ୍ଥାନ– ବିଦ୍ୟାଳୟ ନିକଟ ତାରେଣୀ ପଡିଆ, ଯୋରନ୍ଦା, ସମୟ– ପୂର୍ବାହ୍ନ ୧୦ଟା

## ଅନୁଗୋଳ

- ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା ୩୦।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଏରସମା, ସମୟ: ଅପରାହ୍ନ ୪ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ବାଜପେୟୀ ଟ୍ରଷ୍ଟ ପରିସର,ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଚର୍ଚ୍ଚ ପକ୍ଷରୁ ବଡ଼ଦିନ ଉତ୍ସବ, ସ୍ଥାନ: ଚର୍ଚ୍ଚ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୬ ଟା।

## କେନ୍ଦ୍ରାପଡ଼ା

- ବଡ଼ଦିନ ଉତ୍ସବ ପାଳନ, ସ୍ଥାନ: ବାପ୍‌ଟିଷ୍ଟ ଚର୍ଚ୍ଚ ଓ କ୍ୟାଥଲିକ ଚର୍ଚ୍ଚ, ଟାଙ୍କିବେଲାରି ଓ ଅରୁଣନଗର, ମହାକାଳପଡା, ସମୟ:ସକାଳ ୭ଟା ।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଟ୍ରଫି ଉନ୍ମୋଚନ, ସ୍ଥାନ:ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନର ସୁଶାସନ ଦିବସ ପାଳନ, ସ୍ଥାନ:ସଦ୍‌ଭାଗବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ତଥା ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ : ଯାଜପୁର ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## ନୟାଗଡ଼

- ଜିଲା ମହୋତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ ମହୋତ୍ସବ ପଡିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୦ଟା ।

## ରାୟଗଡ଼ା

- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସାଂସଦସ୍ତରୀୟ ଖେଳ ମହୋତ୍ସବ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବଡଦିନ ଉପଲକ୍ଷେ ସ୍ୱତନ୍ତ୍ର ପ୍ରାର୍ଥନା, ସ୍ଥାନ: କୋରାପୁଟ ମିଶନ କମ୍ପାଉଣ୍ଡ ଚର୍ଚ୍ଚ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ପର୍କ ଫାଉଣ୍ଡେଶନ ପକ୍ଷରୁ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଜୟନ୍ତୀ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।
- ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପକ୍ଷରୁ ଇଂରାଜୀ ସାର୍ଭିସ, ସ୍ଥାନ : ଚର୍ଚ୍ଚ ଛକ, ସମୟ : ସକାଳ ୯ଟା ୩୦।

## ବଲାଙ୍ଗୀର

- ସୁଶାସନ ଦିବସ ପାଳନ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- କ୍ରିସ୍‌ମାସ ପାଳନ, ସ୍ଥାନ: ଝିରପାଣି ଆର୍‌ସି ସମେତ ଅନ୍ୟ ଚର୍ଚ୍ଚ, ସମୟ: ସକାଳ ୬ଟା।
- ପ୍ରଗତି ମହିଳା ସମିତି ପକ୍ଷରୁ ସାମୂହିକ ଦୀପଦାନ, ସ୍ଥାନ: ସେକ୍ଟର–୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାସ୍ତରୀୟ ସୁଶାସନ ଦିବସ ଓ ଅଟଳ ବିହାରୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସଦ୍‌ଭାବନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଷ୍ଟେଟବ୍ୟାଙ୍କ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ସ୍ମୃତି ଦିବସ ଓ ବାଲ୍ ଶହୀଦ ଦିବସ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭୋଜପୁର, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା।
- ବରଗଡ଼ ଧନୁଯାତ୍ରା ମହୋତ୍ସବର ରଙ୍ଗମହଲ ଉଦ୍‌ଘାଟନ,ସ୍ଥାନ: ଲୋକମଣ୍ଡପ ପଡ଼ିଆ ମଞ୍ଚ, ମଥୁରାନଗରୀ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଅନୁଶାସନ ଦିବସ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ବୁଢ଼ୁପାଲି ବୌଦ୍ଧ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଶ୍ରୀରାମ ଲୀଳା ମହୋତ୍ସବର ପଞ୍ଚମ ରଜନୀରେ ଚନ୍ଦ୍ରପୁର, ଦେଓଗାଁ ନାଟ୍ୟ ସାଂସଦ ଦାରା ସୀତାଠାବ ଲୀଳା ନାଟକ ପରିବେଷଣ, ସ୍ଥାନ: ପଞ୍ଚମୁଖୀ ହନୁମାନ ବାଟିକା, ପଥରଘାଟ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀ ଜୟନ୍ତୀ ଓ ଜିଲା ସ୍ତରୀୟ ସୁଶାସନ ଦିବସ ପାଳନ,ସଦ୍‌ଭାବନା ସଭାଗୃହ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସୁଶାସନ ଦିବସ ପାଳନ, ସ୍ଥାନ:ଇଞ୍ଜିନିଅରିଂ ସ୍କୁଲ, ଝାରସୁଗୁଡ଼ା, ସମୟ :ପୂର୍ବାହ୍ନ ୧୦ଟା।
- ଯକ୍ଷ୍ମା ସମ୍ବନ୍ଧୀୟ ସଚେତନତା ସଭା, ସ୍ଥାନ:ଭିକମପାଲି କମ୍ୟୁନିଟି ହଲ, ସମୟ:ପୂର୍ବାହ୍ନ ୧୨ଟା।

# ଧନୁଯାତ୍ରା ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ବରଗଡ଼,୨୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ 'X'ରେ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, 'ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରାର ଶୁଭ ଅବସରରେ ମୁଁ ଦେଶବାସୀଙ୍କୁ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚର ଅନନ୍ୟ ପରମ୍ପରା ଏହି ମହୋତ୍ସବକୁ ଦେଶବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ମୁଁ ଆଶା କରୁଛି, ପୌରାଣିକ କଥାବସ୍ତୁର ଜୀବନ୍ତ ଉପସ୍ଥାପନା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବ ଆହୁରି ପରିପୁଷ୍ଟ ହେବ। ମୁଁ ଏହି ବର୍ଣ୍ଣାଢ଼୍ୟ ଯାତ୍ରାର ସଫଳ ଆୟୋଜନ ପାଇଁ ଶୁଭେଚ୍ଛା ଜଣାଉଛି।'

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ସଖା ପାଖରେ ସେ ସଖା ରହେ,**
**ଆଖିରୁ ଲୁହ ଝରଝର ବହେ।**

ଯେ ଦୁଃଖ କ'ଣ କଷ୍ଟ କ'ଣ ଜାଣିଥାଏ ବା ଭୋଗିଥାଏ ସେ ହିଁ ଅନ୍ୟର ଦୁଃଖ କଷ୍ଟକୁ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିପାରିଥାଏ। ସେହିପରି ପ୍ରକୃତ ବନ୍ଧୁ ହିଁ ବିପଦରେ ପଡ଼ିଥିବା ବନ୍ଧୁଙ୍କୁ ସାହାଯ୍ୟ ସମର୍ଥନ ଯୋଗାଇଦେବା ସହ ସମବେଦନା ଜଣାଇଥାଏ। ସମଦରଦି ବ୍ୟକ୍ତି ଅନ୍ୟର ଦୁଃଖଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହାର ଦେଖି ତାହାର ଦେଖି**
**ଫରକିଲା ମୋର ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେଜଣ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫେବୃଆରୀ ପହିଲାରୁ ଲାଗୁ ହେବ ନିୟମ: ପରିବହନ ମନ୍ତ୍ରୀ

କଟକ,୨୪।୧୨(କାର୍ତ୍ତିକ ସାହୁ)

- ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ତେଲ ନ ମିଳିବା ନିୟମ ପୁଣି କୋହଳ
- ପ୍ରଥମ ଥର ଚାଲାଣ କଟିଥିଲେ ୭ ଦିନ ମଧ୍ୟରେ ଆବେଦନ କଲେ ବିଚାର କରାଯିବ: ଏସ୍‌ଟିଏ

ମୋଟର ଯାନର ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରି 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ଲାଗୁ ନିଷ୍ପତ୍ତିକୁ ଘୁଞ୍ଚାଯାଇଛି। ପୂର୍ବରୁ ଜାନୁଆରୀରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନ ଥିବା ଯାନଗୁଡ଼ିକ ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଅବଧିକୁ ବୃଦ୍ଧି କରାଯାଇଥିବାରୁ ଜନସାଧାରଣ ବିବ୍ରତ ନ ହୋଇ ସୁବିଧାରେ ଯାଞ୍ଚ କରାଇବେ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଆଶା କରାଯାଉଛି। ଫେବୃଆରୀ ୧ ପୂର୍ବରୁ କୌଣସି ପେଟ୍ରୋଲ ପମ୍ପରେ କାହାକୁ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ। ଏହି ସମୟରେ ପ୍ରଦୂଷଣ ସାର୍ଟିଫିକେଟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବୈଧ ପ୍ରଦୂଷଣ ସାର୍ଟିଫିକେଟ ନ ଥାଇ ପ୍ରଥମ ଥର ଚାଲାଣ କଟିଥିଲେ ସେହି ଯାନ ପାଇଁ ମଧ୍ୟ ଏସ୍‌ଟିଏ କୋହଳ ମନୋଭାବ ପୋଷଣ କରିଛି। ଏସ୍‌ଟିଏ ପକ୍ଷରୁ କୁହାଯାଇଛି, ଏପରି କ୍ଷେତ୍ରରେ ପ୍ରଦୂଷଣ ସାର୍ଟିଫିକେଟ କରାଇ ଚାଲାଣ ହଟାଇ ନେବା ପାଇଁ ଲିଖିତ ଆବେଦନ କଲେ ସେଥିପାଇଁ ବିଚାର କରାଯିବ।

## ପ୍ରଥମ ପୃଷ୍ଠାରୁ...

### 'ବରପୁତ୍ର ଐତିହ୍ୟ ...

ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ କରାଯିବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି/ସ୍ମାରକୀ ସ୍ଥାପନ କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ସେମାନଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ନିମନ୍ତେ ୨୫ ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି।

### ପୀଡ଼ିତା, ମା'ଙ୍କୁ ....

ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ କୁହାଯାଇଛି। ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମା' ଏବଂ ଓକିଲ ତଥା ଆକ୍ଟିଭିଷ୍ଟ ଯୋଗିତା ଭାୟନା ଇଣ୍ଡିଆ ଗେଟ୍‌ରେ ବିକ୍ଷୋଭ କରିଥିଲେ। ସେଠାରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପୀଡ଼ିତାଙ୍କ ମା' କହିଛନ୍ତି, ସୁରକ୍ଷା କର୍ମୀମାନେ ତାଙ୍କୁ ଝିଅଠାରୁ ଛଡ଼େଇ ନେଇ ଅଲଗା କରିଥିଲେ। 'ଆମକୁ ନ୍ୟାୟ ମିଳିନାହିଁ। ମୋ' ଝିଅକୁ ପଣବନ୍ଦୀ ରଖାଯାଇଛି। ଏଥିରୁ ଜଣାପଡୁଛି ଯେ ସେମାନେ ଆମକୁ ହତ୍ୟା କରିବାକୁ ଚାହୁଁଛନ୍ତି। ସିଆର୍‌ପିଏଫ୍ ଯବାନମାନେ ଝିଅକୁ ନେଇଯିବା ସହ ମୋତେ ବସ୍‌ରୁ ରାସ୍ତା ଉପରକୁ ଫିଙ୍ଗି ଦେଇଥିଲେ' ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହି ସମୟରେ ବସ୍ ଭିତରେ ପୀଡ଼ିତା ଥିବା ସତ୍ତ୍ୱେ ସିଆର୍‌ପିଏଫ୍‌ର ମହିଳା କର୍ମଚାରୀଙ୍କୁ ମୁତୟନ କରା ନ ଯିବା ସୁରକ୍ଷା ବଳକୁ ସମାଲୋଚିତ କରିଛି। ଯୋଗିତା କହିଛନ୍ତି, ଜଣେ ପୀଡ଼ିତାଙ୍କ ପରିବାର ସହ ଏପରି ବ୍ୟବହାର କରାଯାଏ? ଏହା କ'ଣ ନ୍ୟାୟ? ପୀଡ଼ିତାଙ୍କ ମା'ଙ୍କୁ ରାସ୍ତାକୁ ଫିଙ୍ଗି ଦିଆଯାଉଛି। ସେ କାନ୍ଦି କାନ୍ଦି ଆମକୁ ଡାକୁଛନ୍ତି। ପୀଡ଼ିତା ବସ୍‌ରେ ଏକୁଟିଆ ଥିବାବେଳେ ଡ୍ରାଇଭର ବସ୍‌କୁ ନେଇ ସେଠାରୁ ଚାଲିଯାଉଛନ୍ତି।

### ଅନୁ ଗର୍ଗ ନୂଆ ...

ଅନୁ ୧୯୬୯ ମାର୍ଚ୍ଚ ୧ ରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ଲେଡି ଶ୍ରୀରାମ କଲେଜରୁ ମନସ୍ତତ୍ତ୍ୱ ବିଭାଗରେ ସ୍ନାତକ ଏବଂ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ। ଏହାପରେ ଆମେରିକାର ବଲ୍‌ଟିମୋର ସ୍ଥିତ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ହେଲ୍‌ଥରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୂର୍ବରୁ ଅନୁ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଭାବେ ଶ୍ରମ ଏବଂ ଇଏସ୍‌ଆଇ, ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ରହିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଭାବେ ୨୦୦୮ରୁ ୨୦୧୨ ଯାଏ ଦାୟିତ୍ୱ ତୁଲାଇଥିଲେ। ୧୯୯୨ ରୁ ୨୦୦୩ ପର୍ଯ୍ୟନ୍ତ ସେ ବିଭିନ୍ନ ଜିଲାର ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ବରଗଡ଼ ଏବଂ ସମ୍ବଲପୁର ଜିଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ। ସେହିପରି ଝାରସୁଗୁଡ଼ା ଏବଂ କଳାହାଣ୍ଡିରେ ଅତିରିକ୍ତ ଜିଲାପାଳ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ସେ କେନ୍ଦ୍ରରେ ବୟନ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ, ପ୍ରଧାନମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ମଧ୍ୟ ଦାୟିତ୍ୱରେ ଥିଲେ। ଏହାସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ୨୦୨୪ ସାଧାରଣ ନିର୍ବାଚନରେ ଶାସନକୁ ଆସିବା ପରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ମନୋଜ ଆହୁଜା ରାଜ୍ୟର ମୁଖ୍ୟ ଶାସନ ସଚିବ ହୋଇଥିଲେ। ୨୦୨୪ ଜୁଲାଇ ୧ରେ ସେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ଡିସେମ୍ବର ୨୦୨୪ରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ୧ ଜାନୁଆରୀ ୨୦୨୫ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବର୍ଷକ ପାଇଁ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇବା ପରେ ଅନୁ କହିଛନ୍ତି, ତାଙ୍କୁ କାର୍ଯ୍ୟ କରିବା ଲାଗି ବଡ଼ ସୁଯୋଗ ମିଳିଲା ।

### ବରଗଡ଼ ଧନୁଯାତ୍ରା ...

ପୌରାଧ୍ୟକ୍ଷା କଳ୍ପନା ମାଝି, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ଏସ୍‌ପି ପି.ଏସ୍. ମୀନାଙ୍କ ସମେତ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମାରୋହକୁ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ ସଂଯୋଜନା କରିଥିଲେ। ମହୋତ୍ସବ ଉଦ୍‌ଘାଟନ ପରେ ଦୀର୍ଘ ୧୧ଦିନ ପାଇଁ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଛି। ସେହିପରି ବରଗଡ଼ ସହର ଏବଂ ଅମ୍ବାପାଲି ମଝିରେ ପ୍ରବାହିତ ଜୀରାନଦୀ ଯମୁନା ହୋଇଛି। ମହୋତ୍ସବ ଉଦ୍‌ଘାଟିତ ହେବା ପରେ ମହାରାଜ ଉଗ୍ରସେନଙ୍କ ଉପସ୍ଥିତିରେ ସ୍ଥାନୀୟ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଏହାପରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ମଥୁରାନଗରୀର ଶାସନ ନିଜ ହାତକୁ ନେଇଥିଲେ। ଶାସନ ହାତକୁ ନେବା ପରେ କଂସ ମହାରାଜ ଦେବକୀ, ବସୁଦେବଙ୍କୁ କାରାଗାର(ସମଲେଶ୍ୱରୀ ମଣ୍ଡପ)କୁ ପ୍ରେରଣ କରିଥିଲେ। ଅନ୍ୟପଟେ କଂସ ରାଜୁତିରେ ମଥୁରାନଗରୀ ଅଶାନ୍ତ ହୋଇପଡ଼ିଥିବାବେଳେ ଶୂନ୍ୟବାଣୀ ଶୁଣି କଂସ ମଧ୍ୟ ବିଚଳିତ ହୋଇ ପଡ଼ିଛନ୍ତି। ନିଜ ବିଚଳିତ ମନକୁ ଶାନ୍ତ କରିବା ପାଇଁ କଂସ ମହାରାଜ ରାଜ ଦରବାରରେ ନୃତ୍ୟ ପରିବେଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। କୃତ୍ତିକା ନକ୍ଷତ୍ର ବ୍ୟବସାୟକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଦିନଟିରେ କିଛି ସମୟ ଟେନ୍‌ସନ ଲାଗି ରହିଲେ ମଧ୍ୟ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇ ଯିବ।

**ବୃଷ** ପରୋକ୍ଷ ଶତ୍ରୁତାଜନିତ ପ୍ରତ୍ୟେକ ସମୟରେ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡିବ। ବାକି ପଡିଥିବା କାମକୁ ଶେଷ କରିବେ କିମ୍ବା ହାତକୁ ନେଇଥିବା କାମଟିକୁ ଆରମ୍ଭ କରି ଦ୍ୱନ୍ଦ୍ୱରେ ପଡିଯିବେ। କର୍ମକ୍ଷେତ୍ରରେ ବକେୟା ଅର୍ଥ ଓ ସମ୍ମାନ ପାଇପାରନ୍ତି। ରୋହିଣୀ ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟିବ।

**ମିଥୁନ** ଆଜି ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବା ପାଇଁ ଦୁଶ୍ଚିନ୍ତା ଲାଗିରହିବ। ପୁନର୍ବସୁ ନକ୍ଷତ୍ର ପରିବାରରେ ସହମତିରେ କାମ କଲେ ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହେବେ।

**କର୍କଟ** କର୍ମକ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି ତାହାକୁ ସମ୍ପୂର୍ଣ୍ଣ କରିପାରିବେ। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବହୁତ ଦିନରୁ ରହିଆସିଥିବା ସମସ୍ୟା ଆଜି ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ରର ସେବା ଓ ସାହାଯ୍ୟ ଲାଭକରି ସହଯାତ୍ରୀଟି ଆଜି ଖୁସି ହୋଇଯିବ। ପରୋକ୍ଷ ଶତ୍ରୁତାରୁ ପାରିବାରିକ ସମସ୍ୟା ପ୍ରଗତିର ପଥରୋଧ କରିପାରେ।

**କନ୍ୟା** ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥିମାନେ ଠିକ୍ ସମୟରେ ନ ଆସିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆର୍ଥିକ ଦିଗଟି ପୂର୍ବପରି ରହିବାରୁ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିପାରିଲେ ହଇରାଣ ହେବାକୁ ପଡ଼ିପାରେ ।

**ତୁଳା** ଆଜି କୌଣସି ଅଭାବ ରହିବ ନାହିଁ କିମ୍ବା କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ବିଶାଖା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରି ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ପରିସ୍ଥିତିବଶତଃ ମନର ଦୁଃଖକୁ ମନ ଭିତରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟହେବେ।

**ବିଛା** ଅନୁରାଧା ନକ୍ଷତ୍ର ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ସାମାଜିକ ସ୍ତରରେ ସଭାସମିତି, ଆଲୋଚନା କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡିପାରେ। ଆତ୍ମୀୟଙ୍କ ସହାନୁଭୂତିରୁ କେତେକ ସମସ୍ୟା ଲାଘବ ହୋଇଯିବାର ସୂଚନା ରହିଛି।

**ମକର** ପାରିବାରିକ ବିବାଦ ବୃଦ୍ଧି କାରଣରୁ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆଜିର କାମଗୁଡ଼ିକ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହୋଇପାରେ। ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ** ପରିସ୍ଥିତି ଲାଘବ ଉଦ୍ଦେଶ୍ୟରେ ଆଲୋଚନାର ଦିଗକୁ ବଦଳାଇବାରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ର ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଜିର କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** କର୍ମକ୍ଷେତ୍ରରେ ବନ୍ଧୁ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ହାତକୁ ନେଇଥିବା କାମ ଶେଷ କରିବା ସକାଶେ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ରେବତୀ ନକ୍ଷତ୍ର ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସଂଯମତା ଅବଲମ୍ବନ କଲେ ବଡ଼ବଡ଼ ସମସ୍ୟାରୁ ମୁକ୍ତ ହୋଇପାରିବେ।

ଆଜି ଡିସେମ୍ବର ୨୫ ତାରିଖ, କ୍ରିସ୍‌ମାସ୍ ଓ ବଡ଼ଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ଜୟନ୍ତୀ, ପୌଷ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର। ରାଶିନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଦିବା ଘ.୦୮.୧୭ ମି. ଗତେ ଶତଭିଷା ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୨୨ ଗତେ ଘ.୦୭.୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୨୮ ମଧ୍ୟେ ରାହୁ କାଳ ।




# ଦକ୍ଷ ଅଫିସର ପାଇବେ ବଡ଼ ବିଭାଗ

ଭୁବନେଶ୍ୱର, ୨୪।୧୨
(ସୁନିତ୍ ମିଶ୍ର)

- ଉନ୍ନୟନ କମିଶନର ପଦକୁ ନେଇ ଚର୍ଚ୍ଚା
- ମାର୍ଚ୍ଚ ୨୦୨୯ରେ ସରିବ ଗର୍ଗଙ୍କ କାର୍ଯ୍ୟକାଳ
- ଆହୁଜାଙ୍କୁ ନୂଆ ଦାୟିତ୍ୱ ମିଳିବ ନା ନାହିଁ ଚର୍ଚ୍ଚାରେ

ରାଜ୍ୟ ସରକାର ଉନ୍ନୟନ କମିଶନର ତଥା ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର୍ ଅନୁ ଗର୍ଗଙ୍କୁ ବୁଧବାର ଓଡ଼ିଶାର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦେଇଛନ୍ତି। ଗର୍ଗ ଏହି ଦାୟିତ୍ୱ ପାଇବା ପରେ ତାଙ୍କ ହାତରେ ଥିବା ଦାୟିତ୍ୱଗୁଡ଼ିକୁ ଏବେ ଅନ୍ୟ କେଉଁ ଅଫିସରମାନଙ୍କ ମଧ୍ୟରେ ବଣ୍ଟାଯିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗର୍ଗ ଉନ୍ନୟନ କମିଶନର ସହିତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଯୋଜନା ଓ ସଂଯୋଜନ ଏବଂ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗର ଦାୟିତ୍ୱରେ ରହିଛନ୍ତି। ତେଣୁ ରାଜ୍ୟର ପରବର୍ତ୍ତୀ ଉନ୍ନୟନ କମିଶନର କିଏ ହେବେ ସେଥିପ୍ରତି ସମସ୍ତଙ୍କ ବିଶେଷ ନଜର ରହିଛି। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଗୁଡିକୁ ରାଜ୍ୟ ସରକାର ଏବେ ଅନ୍ୟ ଦକ୍ଷ ଅଫିସରମାନଙ୍କ ମଧ୍ୟରେ ବାଣ୍ଟିବା ପ୍ରକ୍ରିୟା ଆରମ୍ଭ କରିବେ।

ବର୍ତ୍ତମାନ ଗୃହ ବିଭାଗ ସାଙ୍ଗକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କ ନାଁକୁ ନେଇ ଆଲୋଚନା ଜୋର୍ ଧରିଛି। ତାଙ୍କଠାରୁ ବରିଷ୍ଠ ଭାବେ ଯେଉଁ ଓଡ଼ିଶା କ୍ୟାଡର୍ ଅଫିସର ଅଛନ୍ତି, ସେମାନେ ଏବେ ଦିଲ୍ଲୀରେ ଡେପୁଟେଶନରେ ରହିଛନ୍ତି। ତାଙ୍କଠାରୁ କନିଷ୍ଠ ଆଇଏଏସ୍ ଅଫିସର ଓଡ଼ିଶାର ମୁଖ୍ୟ ଶାସନ ସଚିବ ହେବାପରେ ସେମାନେ ଓଡ଼ିଶା ଆସି ଉନ୍ନୟନ କମିଶନର ଦାୟିତ୍ୱ ନେବା ସମ୍ଭାବନା ସେପରି ନାହିଁ। ଅନ୍ୟପଟେ ଅନୁଙ୍କ ହାତରେ ରହିଥିବା ୨ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ତଥା ଯୋଜନା ଓ ସଂଯୋଜନ ଏବଂ ଜଳ ସମ୍ପଦ ଦାୟିତ୍ୱ କାହାକୁ ଯିବ ତାହା ମଧ୍ୟ ଚର୍ଚ୍ଚାରେ ଅଛି। କାରଣ ଏହି ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସରକାରରେ ରହିଥାଏ। ଆସନ୍ତା ୩୧ ଡିସେମ୍ବରରେ ଅବସର ନେବାକୁ ଥିବା ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବାପରେ ରାଜ୍ୟ ସରକାର ତାଙ୍କୁ କେଉଁଠାରେ ଥଇଥାନ କରିବେ ନା ନାହିଁ ତାହା ମଧ୍ୟ ଆଲୋଚନାର ବିଷୟ। କାରଣ ପୂର୍ବରୁ ଅନେକ ଥର ଏଭଳି ଦେଖିବାକୁ ମିଳିଛି, ଯେଉଁମାନେ ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଇଛନ୍ତି, ସେମାନଙ୍କୁ ସରକାର ଅନ୍ୟ ସ୍ଥାନରେ ଥଇଥାନ କରିଛନ୍ତି। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ ଥିବା ପ୍ରଦୀପ ଜେନା ବର୍ତ୍ତମାନ ଓଇଆର୍‌ସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ପୂର୍ବରୁ ଥିବା ଓଡିଶାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଅବସର ପରେ ତତ୍କାଳୀନ ସରକାର ତାଙ୍କୁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଥିଲେ। ତାଙ୍କ ପୂର୍ବରୁ ଅସିତ୍ ତ୍ରିପାଠୀ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇଥିଲେ। ସେ ଆଗୁଆ ଅବସର ନେଇଥିଲେ ସୁଦ୍ଧା ତତ୍କାଳୀନ ସରକାର ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ଏହିପରି ଅନେକ ଉଦାହରଣ ରହିଛି। ଯଦିଓ ରାଜ୍ୟରେ ନୂଆ କରି ଭାଜପା ସରକାର ଆସିଛି, ଏହି ସମୟରେ ଆହୁଜାଙ୍କ କ୍ଷେତ୍ରରେ କ'ଣ ନିଷ୍ପତ୍ତି ହେବ ତାହା ଚର୍ଚ୍ଚାରେ ଅଛି।

ସୂଚନାଯୋଗ୍ୟ, ଆହୁଜା ଓଡ଼ିଶାର ମୁଖ୍ୟ ଶାସନ ସଚିବ ସହିତ ରାଜ୍ୟ ସରକାରଙ୍କ ମୁଖ୍ୟ ରେସିଡେନ୍ସ କମିଶନର, ନୂଆଦିଲ୍ଲୀ ମଧ୍ୟ ରହିଛନ୍ତି। ନିକଟରେ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଦିଗରେ ତ୍ୱରିତ ବେଗ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ବଙ୍ଗଳା ମିଳିଛି। ସେଠାରୁ ରାଜ୍ୟ ସରକାରଙ୍କ ଅନେକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ତେଣୁ ନୂଆଦିଲ୍ଲୀରେ ଥିବା କାର୍ଯ୍ୟଗୁଡ଼ିକୁ ତ୍ୱରିତ କରିବା ଏବଂ ତା'ର ତର୍ଜମା ଲାଗି ଆହୁଜାଙ୍କୁ ରାଜ୍ୟ ସରକାର କିଛି ନୂଆ ଦାୟିତ୍ୱ ଦେଇପାରନ୍ତି ବୋଲି ଯାହା ଚର୍ଚ୍ଚା ଆରମ୍ଭ ହୋଇଛି ତାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

ଅନ୍ୟପଟେ ୧ ମାର୍ଚ୍ଚ ୧୯୬୯ରେ ଜନ୍ମଗ୍ରହଣ କରିଥିବା ଅନୁ ଗର୍ଗଙ୍କ କାର୍ଯ୍ୟକାଳ ୨୦୨୯ ମାର୍ଚ୍ଚରେ ଶେଷ ହେବ। ତାହାକୁ ଦେଖିଲେ ଅନୁ ଗର୍ଗ ୩ ବର୍ଷ ୩ ମାସ ପର୍ଯ୍ୟନ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ରହିବା ଏକ ପ୍ରକାର ନିଶ୍ଚିତ। ଦରକାର ପଡ଼ିଲେ ସରକାର ତାଙ୍କ କାର୍ଯ୍ୟକାଳ ସେହି ସମୟରେ ବୃଦ୍ଧି କରିପାରନ୍ତି। ଏବେ ଗର୍ଗଙ୍କଠାରୁ ଓଡ଼ିଶା କ୍ୟାଡର୍‌ର ୨ ଜଣ ବରିଷ୍ଠ ଆଇଏଏସ୍ ଅଫିସର ୧୯୯୦ ବ୍ୟାଚ୍‌ର ସଞ୍ଜୀବ ଚୋପ୍ରା ଏବଂ ଗୁଣ୍ଡି ଶ୍ରୀନିବାସ ଦିଲ୍ଲୀରେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସଞ୍ଜୀବ ଚୋପ୍ରାଙ୍କ କାର୍ଯ୍ୟକାଳ ଏପ୍ରିଲ ୨୦୨୭ରେ ଶେଷ ହେବ। ସେହିପରି ଜି. ଶ୍ରୀନିବାସଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୬ରେ ସରିବ। ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେବାପରେ ତାଙ୍କଠାରୁ ଓଡ଼ିଶାରେ କେହି ବରିଷ୍ଠ ଆଇଏଏସ୍ ଅଫିସର ନାହାନ୍ତି। ସେହି ବ୍ୟାଚ୍‌ର ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ୧୯୯୧ ବ୍ୟାଚ୍‌ର ହେଲେ ମଧ୍ୟ ବରିଷ୍ଠତା ଦୃଷ୍ଟିରୁ ଅନୁ ଗର୍ଗ ଆଗରେ ରହିଛନ୍ତି। ସତ୍ୟବ୍ରତଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୭ରେ ଶେଷ ହେବ। ସେହିପରି କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ ରସ୍ତୋଗୀ ଜାନୁଆରୀ ୨୦୨୭ରେ ଅବସର ନେବେ। ତେଣୁ ଏହାକୁ ଦୃଷ୍ଟିଦେଲେ ଜଣାପଡୁଛି, ସଞ୍ଜୀବ ଚୋପ୍ରା, ଜି. ଶ୍ରିନିବାସ, ସତ୍ୟବ୍ରତ ସାହୁ ଏବଂ ସଞ୍ଜୟ ରସ୍ତୋଗୀଙ୍କ ମୁଖ୍ୟ ଶାସନ ସଚିବ ହେବା ସମ୍ଭାବନା କ୍ଷୀଣ।

# ୩ ରିଂରୋଡ୍ ନିର୍ମାଣ ନେଇ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୨
(ସୁନିତ୍ ମିଶ୍ର)

- ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଇକୋନୋମିକ୍ ରିଜିଅନ ହେବ
- ୪ ସହରକୁ ଗ୍ରୋଥ୍ ହବ୍ ଭାବେ ବିକଶିତ କରାଯିବ



ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ ଗଠନ ହେବ। ଏହି ସମଗ୍ର ଅଞ୍ଚଳରେ ଥିବା ସହରଗୁଡିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଉକ୍ତ ଇକୋନୋମିକ୍ ରିଜିଅନରେ ୩ଟି ରିଂରୋଡ୍ ନିର୍ମାଣ ହେବ। ଏଥିରେ କ୍ୟାପିଟାଲ ରିଂରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟର ରିଂରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ ରିଜିଅନ ରିଂରୋଡ୍(୧୧୧ କି.ମି.) ସହିତ ସମନ୍ୱିତକରି ନିର୍ମାଣ କରାଯିବା ପ୍ରସ୍ତାବ ରହିଛି। ଏହାସହ କଟକ ଜିଲା ଜାତମୁଣ୍ଡିଆ-ତ୍ରିଶୂଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କି.ମି. ଏକ ଆଉଟର ରିଂ ରୋଡ୍ ଏବଂ ଖୋର୍ଦ୍ଧା ଜିଲା ତମାଣ୍ଡୋଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କି.ମି.ର ଏକ ଇନର ରିଂ ରୋଡ୍ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଂରୋଡ୍ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ ଗଠନ ନେଇ ସମୀକ୍ଷା କରିଛନ୍ତି। ବୈଠକର ଆଲୋଚନା ମୁତାବକ,ଏଥିସହ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କି.ମି. ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡ଼ା ଦେଇ ୭୦ କି.ମି. ରେଳପଥ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଯେହେତୁ ଏହା ପାରାଦୀପକୁ ସଂଯୋଗ କରୁଛି, ତେଣୁ ଏହି ଇକୋନୋମିକ୍ ରିଜିଅନ ଗଠନ ହେବା ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ। ଏହି ରିଜିଅନ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍ଚରିଂ, ପରିବହନ, ବନ୍ଦରଭିତ୍ତିକ ଶିଳ୍ପ, କେମିକାଲ୍ସ, ଟେକ୍ସଟାଇଲ୍ସ, ଆଇଟି ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ। ଏସବୁ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଅଞ୍ଚଳ ରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ କହିଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକା, ଅଂଶୁପା ହ୍ରଦର ସମନ୍ୱିତ ପରିଚାଳନା ଯୋଜନା କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୧୨
(ବନ୍ଦନା ସେଠୀ)

**ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ କମିଟି ବୈଠକ**

ଚିଲିକା ଉନ୍ନୟନ ପ୍ରାଧିକରଣ (ସିଡିଏ)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ବୁଧବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଲିକା ଏବଂ ଅଂଶୁପା ହ୍ରଦର ସମନ୍ୱିତ ପରିଚାଳନା ଯୋଜନା ଉପରେ କାର୍ଯ୍ୟ ଯୋଜନା, ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଆର୍ଥିକ କ୍ଷମତା, ବିଭିନ୍ନ କାର୍ଯ୍ୟ, କ୍ରୟ, ଗବେଷଣା କାର୍ଯ୍ୟକଳାପ, ପ୍ରତିଷ୍ଠା ବିଷୟ ଏବଂ ଆଗାମୀ ଆର୍ଥିକ ବର୍ଷର ବଜେଟ ଆକଳନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଜଳ ବିନିମୟ, ଢାଞ୍ଚା ଏବଂ ଇକୋ-ସିଷ୍ଟମର ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଆଇଆଇଟି, ମାଡ୍ରାସ, ଚେନ୍ନାଇ ଦ୍ୱାରା ଡିପିଆର୍ ପ୍ରସ୍ତୁତ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମସ୍ତ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀ ଅନୁସରଣ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଚିଲିକା ବିକାଶ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଏମ୍. ଯୋଗଜୟାନନ୍ଦ ଯୋଗଦେଇ ଲୁଣାପାଣିସ୍ତରର ରକ୍ଷଣାବେକ୍ଷଣ, ତଦାରଖ, ନିର୍ବାପନ କାର୍ଯ୍ୟ, ମତ୍ସ୍ୟ ସମ୍ପଦ ବିକାଶ ଏବଂ ସାମାଜିକ ଆର୍ଥିକ ବିକାଶ କାର୍ଯ୍ୟ ବିଷୟରେ କହିଥିଲେ। ବୈଠକରେ ପିସିସିଏଫ୍ (ୱାଇଲ୍ଡ ଲାଇଫ୍) ପ୍ରେମ୍ କୁମାର ଝାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ବିକଶିତ ଗାଁ ବିକଶିତ ଓଡ଼ିଶା'ରେ ସଂଶୋଧନ

ଭୁବନେଶ୍ୱର,୨୪।୧୨
(ରବିନାରାୟଣ ଜେନା)

**୧୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରକଳ୍ପରେ ୩ ବର୍ଷର ତ୍ରୁଟି ଦାୟିତ୍ୱ ଅବଧି ବାଧ୍ୟତାମୂଳକ**

'ବିକଶିତ ଗାଁ ବିକଶିତ ଓଡ଼ିଶା'କୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା କରିବା ଲାଗି ସରକାର ଗୁରୁତ୍ୱାରୋପ କରିଛନ୍ତି। ଏଣିକି ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମସ୍ତ ପ୍ରକଳ୍ପ ପାଇଁ ସମାପ୍ତି ତାରିଖରୁ ୩ ବର୍ଷର ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି(ଡିଫେକ୍ଟ ଲାଏବିଲିଟି ପିରିୟଡ୍-ଡିଏଲ୍‌ପି) ପ୍ରଚଳନ କରାଯିବ। ଏହାଦ୍ୱାରା ପ୍ରକଳ୍ପର ଦୀର୍ଘକାଳୀନ ଗୁଣବତ୍ତା ନିଶ୍ଚିତ ହେବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆସିଥିବା ଏ ସଂକ୍ରାନ୍ତୀୟ ସଂଶୋଧିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସଂଶୋଧିତ ପ୍ରକ୍ରିୟା ଅନୁଯାୟୀ, ଆବଶ୍ୟକତା-ଭିତ୍ତିକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ଜିଲାପାଳ, ଜିଲା ପରିଷଦ, ବ୍ଲକ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସୂଚନାଫଳକ ଏବଂ ଜିଲା ୱେବ୍‌ପୋର୍ଟାଲରେ ବିଜ୍ଞପ୍ତି ପ୍ରକାଶ କରି ପଞ୍ଚାୟତିରାଜ ସଂସ୍ଥା(ପିଆର୍‌ଆଇ) ସଦସ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ନାଗରିକ ସମାଜ ସଦସ୍ୟଙ୍କଠାରୁ ଆହ୍ୱାନ କରାଯିବ। ଏହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯିବା ପରେ ଜିଲାପାଳ ଏହାର ଅନୁମୋଦନ କରିବେ। ପ୍ରକଳ୍ପର ଗୁଣବତ୍ତା ଓ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଏହି ସଂଶୋଧନ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# ଆଜିଠୁ ବଢ଼ିବ ଶୀତ, ଘନ କୁହୁଡ଼ି

ଭୁବନେଶ୍ୱର, ୨୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଥିଲେ ମଧ୍ୟ ଶୀତ ଲହରି ଜାରି ରହିଛି। ପ୍ରବଳ ଥଣ୍ଡା ସାଙ୍ଗକୁ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଗୁରୁବାର ବଡ଼ଦିନଠାରୁ ରାଜ୍ୟରେ ଥଣ୍ଡାର ପରିମାଣ ଆହୁରି ବଢ଼ିବ। ୭ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୁରୁବାରଠାରୁ ୨୯ ତାରିଖ ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ପ୍ରବଳ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବିଶେଷକରି ପ୍ରାତଃ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# ରାଜ୍ୟର ୪୯୧ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

## ଅଙ୍ଗନୱାଡିରେ ସ୍ୱଚ୍ଛତା, ଶୌଚାଳୟ, ବିଦ୍ୟୁତ୍ ସେବା ଓ ପାନୀୟ ଜଳ ସୁବିଧାକୁ ଗୁରୁତ୍ୱ

ଭୁବନେଶ୍ୱର,୨୪।୧୨(ସୁଚିସ୍ମିତା ସାହୁ)




ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀ ରବି ନାରାୟଣ ନାଏକ ଆଭାସି ମାଧ୍ୟମରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ତୃଣମୂଳସ୍ତରର ବିକାଶର କେନ୍ଦ୍ରବିନ୍ଦୁ ହେଉଛି ଅଙ୍ଗନୱାଡ଼ି। ତେଣୁ ଅଙ୍ଗନୱାଡିର ଭିତ୍ତିଭୂମି ବିକାଶ ଉପରେ ଫୋକସ ଦେଇ ଗ୍ରାମୀଣ ବିକାଶକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଅଙ୍ଗନୱାଡିକୁ ସଶକ୍ତ କରି ସେଥିରେ ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ୍ ସେବା, ପୁଷ୍ଟି ବଗିଚା ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ କହିଲେ, ଅଙ୍ଗନୱାଡି କେନ୍ଦ୍ରଗୁଡିକ ବିକଶିତ ଗାଁ ବିକଶିତ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମହିଳାଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ଅଙ୍ଗନୱାଡିର ଭିତ୍ତିଭୂମି ଉପରେ ନିର୍ଭର କରୁଛି ବୋଲି ସେ ଦୃଢ଼ ମତ ରଖିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆୟୁକ୍ତ ଗିରିଶ ଏସ. ଏନ, ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସାଇଁ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏଥିସହ ଆଭାସି ମାଧ୍ୟମରେ ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ।

ଉଦ୍‌ଘାଟିତ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୧୧୧ଟି ରହିଛି। ସେହିପରି ବାଲେଶ୍ୱରରେ ୬୩, ବରଗଡ଼ରେ ୩୬, ଭଦ୍ରକରେ ୨୮, କଟକରେ ୨୪, ଗଜପତିରେ ୧୦, ଜଗତ୍‌ସିଂହପୁରରେ ୩୪, ଯାଜପୁରରେ ୨୦, କେନ୍ଦ୍ରାପଡ଼ାରେ ୧୯, ଖୋର୍ଦ୍ଧାରେ ୨୩, ପୁରୀରେ ୨୪, ନୟାଗଡରେ ୧୪, କୋରାପୁଟରେ ୧୮, କନ୍ଧମାଳରେ ୧୬, ଗଜପତିରେ ୧୦, ସୁନ୍ଦରଗଡରେ ୪, ସୁବର୍ଣ୍ଣପୁରରେ ୧୧, ସମ୍ବଲପୁରରେ ୯, ରାୟଗଡାରେ ୧, ନୂଆପଡ଼ାରେ ୨, ନବରଙ୍ଗପୁରରେ ୩, ମାଲକାନଗିରିରେ ୧, କେନ୍ଦୁଝରରେ ୫, ଢେଙ୍କାନାଳରେ ୨, ବଲାଙ୍ଗୀରରେ ୭ ଓ ଅନୁଗୋଳରେ ୬ଟି ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହାକୁ ମିଶାଇ ଦୁଇଟି ପର୍ଯ୍ୟାୟରେ ୧୪୦୪ ଅଙ୍ଗନୱାଡ଼ିକୁ ସଶକ୍ତ କରାଯାଇଛି। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବରରେ ୯୧୩ଟି ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।






ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ସେଗୁଡ଼ିକୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା

-ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ) ଓ ଗୁରୁପଞ୍ଚମୀ ବ୍ରତ



# ଜୈନ ଗ୍ରନ୍ଥ ଓ କର୍ମ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ଜୈନ ଗ୍ରନ୍ଥ ଅନୁଯାୟୀ, ପରମସତ୍ତାଙ୍କ ହିସାବ ଖାତାରେ ପ୍ରତ୍ୟେକ କର୍ମର ଭଲ ମନ୍ଦ ଫଳ ରହିଛି। ନିଜର ଲୋଭ ଓ ମୋହ (ଖାଇବାପାଇଁ ଆରମ୍ଭକରି ବିଜିନ କର୍ମରେ ଲିପ୍ତ ରହିବା) କାର୍ମିକ ଅସମନ୍ୱୟ ସୃଷ୍ଟିକରେ ଏବଂ ଯାହାକୁ ସକାରାତ୍ମକ ଓ ଭଲକର୍ମ ଦ୍ୱାରା ପରିଶୋଧ କରିବାକୁ ପଡ଼େ। ସେହିଭଳି ଖରାପ କର୍ମ, ଭୌତିକ ଆସକ୍ତି ଓ ପାପରୁ ମୁକ୍ତ ରହିଲେ ଦିବ୍ୟ ଜୀବନ ଉନ୍ମୁକ୍ତ ରହେ। ଯେତେବେଳେ ଜୀବନରେ କର୍ମର ଭଲ ଓ ମନ୍ଦ ଫଳ ଭୋଗିବାର ନ ଥାଏ ସେତେବେଳେ ମଣିଷ ଜୀବନମୁକ୍ତ ହୋଇଯାଏ। ଯେଉଁମାନେ ଏହି ଶିକ୍ଷା ପ୍ରଦାନ କରନ୍ତି ସେମାନେ ହେଉଛନ୍ତି ତୀର୍ଥଙ୍କର। ଜୀବନ ରୂପକ ନଦୀ ପାର ହେବା ଲାଗି ଏହି ଆଧ୍ୟାତ୍ମିକ ପଥପ୍ରଦର୍ଶକମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିଥାନ୍ତି। ଜୈନଧର୍ମରେ ଥିଲେ ଗୃହସ୍ଥ ପୁରୁଷ, ଗୃହସ୍ଥ ମହିଳା,ସନ୍ୟାସୀ ଏବଂ ସନ୍ୟାସିନୀ। ସନ୍ୟାସୀ ଓ ସନ୍ୟାସିନୀମାନେ ଭୌତିକ ଜୀବନରୁ ଦୂରେଇ ରହି ଜୀବନମୁକ୍ତ ହେବା ଲାଗି ସେମାନଙ୍କ ଶରୀରକୁ ଶୃଙ୍ଖଳିତ ଓ ସଂଯମ କରିଥାନ୍ତି। ଗୃହସ୍ଥ ଜୈନ ଧର୍ମାବଲମ୍ବୀମାନେ ଆଶ୍ରମ ବ୍ୟବସ୍ଥାର ଆବଶ୍ୟକତା ପୂରଣ କରନ୍ତି। କେବଳ ଏତିକି ନୁହେଁ, ସେମାନେ ଜୈନମନ୍ଦିର ନିର୍ମାଣକରି ଜୈନ ନୀତିଶିକ୍ଷାର ପ୍ରଚାରରେ ସହଯୋଗ କରିବା ସହ ପାଣ୍ଡୁଲିପି ବା ପ୍ରାଚୀନ ଧର୍ମଗ୍ରନ୍ଥ ଲେଖା ପାଇଁ ପାଣ୍ଠି ଯୋଗାଇ ଥାଆନ୍ତି। ପ୍ରାଚୀନ କାଳରେ ମନ୍ଦିରଗୁଡ଼ିକ ଥିଲା କାହାଣୀ ଓ ପ୍ରତୀକର କେନ୍ଦ୍ରସ୍ଥଳୀ। ମନ୍ଦିରର କାନ୍ଥ ଓ ପାଚେରିରେ ତୀର୍ଥଙ୍କରଙ୍କ ମୂର୍ତ୍ତି ରହିଛି। ଏହାସହ ଜୈନ ପରମଶକ୍ତି ସମ୍ପର୍କରେ ଏବଂ ଜ୍ଞାନପ୍ରାପ୍ତ ସନ୍ୟାସୀଙ୍କ ଜୀବନର ଅଧ୍ୟାୟଗୁଡ଼ିକର ଶିଳାଲେଖ ମଧ୍ୟ ଅଛି। ଯଦିଓ ପୁରାତନ ଜୈନ ଗ୍ରନ୍ଥ ବା ପାଣ୍ଡୁଲିପି ରଚନା ଖ୍ରୀଷ୍ଟାବ୍ଦ ୫୦୦ରେ ଆରମ୍ଭ ହୋଇଥିଲା, ତଥାପି ତାହା ସେତେବେଳେ ଏକ ମୁଖ୍ୟ କାର୍ଯ୍ୟ ନ ଥିଲା। ଅନେକ କଳାକୃତି କନା ଉପରେ କରାଯାଉଥିଲା, ଯାହା ପବିତ୍ର ପ୍ରତୀକ କିମ୍ବା ତୀର୍ଥସ୍ଥଳ ମ୍ୟାପକୁ ପ୍ରଦର୍ଶିତ କରୁଥିଲା। ଯେଉଁମାନେ ପବିତ୍ର ସ୍ଥଳୀଗୁଡ଼ିକୁ ଯାତ୍ରା କରିପାରୁ ନ ଥିଲେ, ସେମାନେ ଏହି ମ୍ୟାପକୁ ପୂଜା କରୁଥିଲେ। ଯେଉଁମାନେ ମନ୍ଦିର ନିର୍ମାଣ କରିପାରୁ ନ ଥିଲେ ,ସେମାନେ ସନ୍ୟାସୀଙ୍କ ଜୀବନ କାହାଣୀକୁ କନା ଉପରେ ଲେଖୁଥିଲେ। ସେହିସବୁ କାହାଣୀଗୁଡ଼ିକ ମଧ୍ୟରେ ଜଣେ ଜୈନ ମୁନିଙ୍କ କଥା ରହିଛି। କୌଣସି ଜୀବକୁ ଶିକାର କରିବାକୁ ଅସମର୍ଥ ହୋଇ ହତାଶ ହୋଇପଡ଼ିଥିବା ଜଣେ ଶିକାରୀ ମୁନିଙ୍କୁ ଆକ୍ରମଣ କରିବାକୁ ତା'କୁକୁରଙ୍କୁ ପଠାଇଥିଲେ ମଧ୍ୟ ମୁନି ଶାନ୍ତ ହୋଇ ବସିଥିଲେ।

ଖ୍ରୀଷ୍ଟାବ୍ଦ ୧୨୦୦ ପରେ ଭାରତରେ ଯେତେବେଳେ ଇସଲାମ ଧର୍ମ ପ୍ରସାର ଲାଭ କଲା, ସେତେବେଳେ ମନ୍ଦିର ନିର୍ମାଣ କରିବା କଷ୍ଟକର ହୋଇଗଲା। ଅନେକ ଧର୍ମୀୟ ପୀଠକୁ ଧ୍ୱଂସ କରିଦିଆଗଲା କିମ୍ବା ସେସବୁର ରୂପରେଖ ବଦଳାଇଦିଆଗଲା। ଫଳରେ ଜୈନମାନେ ସେମାନଙ୍କ



ଶକ୍ତିକୁ ଲେଖାରେ ଉପଯୋଗ କରିବାକୁ ଲାଗିଲେ। ସେମାନେ ଗ୍ରନ୍ଥର କଳାକୁ ପରିବର୍ତ୍ତନକରି ଏକ କେନ୍ଦ୍ରୀୟ ସାଂସ୍କୃତିକ ଅଭିବ୍ୟକ୍ତିରେ ପରିଣତ କରିଥିଲେ। ଫଳରେ ଯାହା ଗୌଣ କାର୍ଯ୍ୟ ଥିଲା, ତାହା ଏକ ପ୍ରମୁଖ ଶିଳ୍ପ ପାଲଟିଗଲା। ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଜୈନ ସମ୍ପ୍ରଦାୟର ସାହିତ୍ୟ ଦୁର୍ଲଭ ଥିଲା, ଯାହା ମନ୍ଦିରକୁ କେନ୍ଦ୍ରକରି ରହିଥିବା ରୀତିନୀତି ପରମ୍ପରାକୁ ଗୁରୁତ୍ୱ ଦେଉଥିଲା। ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଥିଲା ପଢ଼ିବା ପାଇଁ ନୁହେଁ, ବରଂ ଆଧ୍ୟାତ୍ମିକ ଶ୍ରେୟ ନେବା ପାଇଁ । ତେବେ ଏହି ପରିବର୍ତ୍ତନ ଯୋଗୁ କଳାକାର, କାଗଜ ପ୍ରସ୍ତୁତକାରୀ, ଲେଖକ, ବଢ଼େଇ,କମାରଙ୍କର ଏବଂ ହସ୍ତଲିପିର ଉତ୍ଥାନ ଘଟିଥିଲା। ବିଶେଷ ଜ୍ଞାନ ଥିବା ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଲିଖନୀରେ ଲେଖକମାନେ ଲେଖୁଥିଲେ। ଗ୍ରନ୍ଥାଗାରକୁ 'ଭଣ୍ଡାର' କୁହାଯାଉଥିଲା ଏବଂ ପାଣ୍ଡୁଲିପିଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସେସବୁ ନିର୍ମାଣ କରାଯାଇଥିଲା। ବହୁ ସମୟରେ ଏଗୁଡ଼ିକୁ ମନ୍ଦିର ପରିସରରେ ନିର୍ମାଣ କରାଯାଉଥିଲା।

ଉତ୍ତର ଭାରତରେ ପ୍ରଥମେ ବିର୍ଚ୍ଚ ଗଛର ଖୋଳପାରେ ପାଣ୍ଡୁଲିପି ଲେଖା ଯାଉଥିଲାବେଳେ ଦକ୍ଷିଣ ଭାରତରେ ତାଳପତ୍ର ବ୍ୟବହାର କରାଯାଉଥିଲା। ତେବେ ପାଖାପାଖି ୧୪ଶ ଶତାବ୍ଦୀରେ କେନ୍ଦ୍ର ଏସିଆରୁ ମୋଗଲମାନଙ୍କ ଦ୍ୱାରା ପ୍ରଥମ କାଗଜ ଭାରତକୁ ଆସିବା ପରେ ଜୈନ ଲେଖକମାନେ ଲେଖିବା ପାଇଁ ଏହାକୁ ବ୍ୟାପକ ଭାବେ ବ୍ୟବହାର କରିଥିଲେ। ଏହି କାଗଜ ନରମ ଓ ଝୋଟ ଥିଲା। ଏହା ଉପରେ ରଙ୍ଗ କରିବା ସହଜ ଥିଲା ଏବଂ ସବିଶେଷ ବିବରଣୀ ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇପାରୁଥିଲା। ପାଣ୍ଡୁଲିପିଗୁଡ଼ିକ ବାକ୍ସରେ ରଖାଯାଇ ତାହାକୁ ଲାଇବ୍ରେରିରେ ରଖାଯାଉଥିଲା। ଯେତେବେଳେ ତାହାକୁ ବ୍ୟବହାର କରିବାକୁ ପଡୁଥିଲା, ସେତେବେଳେ ସେସବୁକୁ ବାକ୍ସରୁ ବାହାରକରି କନାରେ ଗୁଡ଼ାଯାଇ ରଖାଯାଉଥିଲା। ପଶ୍ଚିମ ଉପକୂଳରେ କୋଙ୍କଣ, ଗୁଜରାଟ ଏବଂ ରାଜସ୍ଥାନ ଭଳି ସମୃଦ୍ଧ ଅଞ୍ଚଳରେ ପାଣ୍ଡୁଲିପିର ପ୍ରମୁଖ ସଂରକ୍ଷଣ କେନ୍ଦ୍ରଗୁଡ଼ିକ ରହିଥିଲା।

ଜୈନ ପାଣ୍ଡୁଲିପିଗୁଡ଼ିକ ଏହାର ସ୍ୱଚ୍ଛ ଢାଞ୍ଚା ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ପ୍ରତ୍ୟେକ ପୃଷ୍ଠା ଡିଜାଇନ ସ୍ପଷ୍ଟ ଥିଲା ଏବଂ ବେଳେବେଳେ ଏହାକୁ ଗୋଟିଏ, ତିନୋଟି କିମ୍ବା ପାଞ୍ଚଟି ଚତୁଷ୍ପଦରେ ବିଭକ୍ତ କରାଯାଉଥିଲା। ଧାଡ଼ି ସମାନ୍ତର ରହିଥିବାବେଳେ ବର୍ଣ୍ଣନାଗୁଡ଼ିକରେ ସମନ୍ୱୟ ଥିଲା। ଦେଖିବାକୁ ଗଲେ ସ୍ୱଚ୍ଛତା, ସ୍ପଷ୍ଟତା ଏବଂ ଶୃଙ୍ଖଳା ଜୈନ ଦର୍ଶନର କେନ୍ଦ୍ର ଥିଲା। ଏଣୁ ପାଣ୍ଡୁଲିପି ପୃଷ୍ଠାରେ କଳାର ଅଭିବ୍ୟକ୍ତି ଦେଖିବାକୁ ମିଳୁଥିଲା। ରଙ୍ଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଥିଲା। ଜୈନ ଲାଲ୍ ପୃଷ୍ଠଭୂମିରେ ଗାଢ଼ ନୀଳରଙ୍ଗ ଥିଲା ସମ୍ପୂର୍ଣ୍ଣ ନିଆରା, ଯାହା ଶାନ୍ତି ଓ ଅସୀମର ପ୍ରତୀକ। ଏସବୁ ଏକ ପ୍ରକାର ଦୃଷ୍ଟିଆକର୍ଷକ ଥିଲା, ଯାହା ଭାରତରେ ଅନ୍ୟ ସବୁ ପାଣ୍ଡୁଲିପିଠାରୁ ଥିଲା ସମ୍ପୂର୍ଣ୍ଣ ନିଆରା । ପାଣ୍ଡୁଲିପିଗୁଡ଼ିକର ବିଷୟଗୁଡ଼ିକୁ କଳ୍ପସୂତ୍ର ଏବଂ ଅନ୍ୟ ଗ୍ରନ୍ଥରୁ ଉଦ୍ଧୃତ କରାଯାଉଥିଲା। ତୀର୍ଥଙ୍କରଙ୍କ ଜୀବନୀ ସବୁ କଳ୍ପସୂତ୍ରରେ ବର୍ଣ୍ଣନା କରାଯାଇ ସମୟ ଚକ୍ର, ଜୈନ ଜଗତର ସ୍ଥିତି ଏବଂ ସୃଷ୍ଟି ଓ ବିଲୟର ଅସୀମ ଧାରାକୁ ବୁଝାଉଛି। ଏହା ମଧ୍ୟ ସୃଷ୍ଟିର ପ୍ରମୁଖ ଭୂମିକାରେ ଥିବା ନଅ ବାସୁଦେବ ଏବଂ ସେମାନଙ୍କ କଳବଳ ଭାଇ ତଥା ପ୍ରତି ବାସୁଦେବଙ୍କୁ ସ୍ଥାନିତ କରିଛି, ଯେଉଁମାନେ ୧୨ ଜଣ ସମ୍ରାଟ ବା ଚକ୍ରବର୍ତ୍ତୀ ଓ ୨୪ ଜଣ ତୀର୍ଥଙ୍କରଙ୍କୁ ବିରୋଧ କରିଥିଲେ।

ପଞ୍ଚଟି ପବିତ୍ର ଘଟଣା ମାଧ୍ୟମରେ ପ୍ରତ୍ୟେକ ତୀର୍ଥଙ୍କରଙ୍କ ଜୀବନକୁ ବର୍ଣ୍ଣନା କରାଯାଇଛି। ଏହା ପଞ୍ଚ କଲ୍ୟାଣକ ଭାବେ ଜଣାଶୁଣା ଯାହା ଗର୍ଭାଧାନ, ଜନ୍ମ, ତ୍ୟାଗ, ଜ୍ଞାନପ୍ରାପ୍ତି ଏବଂ ମୋକ୍ଷକୁ ପ୍ରତିପାଦିତ କରେ। ବହୁ ସମୟରେ ପାଣ୍ଡୁଲିପିଗୁଡ଼ିକ ଏଗୁଡ଼ିକୁ କାହାଣୀର ପୁନରାବୃତ୍ତିକରି ଜୈନ ନୀତିଶିକ୍ଷାକୁ ପ୍ରତିଫଳିତ କରିଛି। ଅନେକରେ ମଧ୍ୟ କଳକା ଆଚାର୍ଯ୍ୟ କଥା ପଞ୍ଚ କଲ୍ୟାଣକରେ ରହିଛି। ମୁନି କଳକା ଉଜ୍ଜୟିନୀର ଅହଂକାରୀ ଶାସକ, ଯିଏ ତାଙ୍କ ଭଉଣୀଙ୍କୁ ଅପହରଣ କରିଥିଲେ, ତାଙ୍କୁ ଦଣ୍ଡିତ କରିବା ପାଇଁ କିଭଳି ବିଦେଶୀ ରାଜାଙ୍କୁ ଆମନ୍ତ୍ରଣ କରିଥିଲେ ତାହା ଉଲ୍ଲେଖ କରାଯାଇଛି। ଆଉ ଏକ ଲୋକପ୍ରିୟ କାହାଣୀରେ ରାଜା ଯଶୋଧାରା ଏବଂ ତାଙ୍କ ମା'ଙ୍କ ପୁନର୍ଜନ୍ମ କଥା ରହିଛି। ଏଥିରେ ଯଶୋଧାରାଙ୍କ ମା' ତାଙ୍କ ସ୍ତ୍ରୀଙ୍କ ବ୍ୟଭିଚାରକୁ ସାମ୍ନାକୁ ଆଣିଛନ୍ତି। ଉନବିଂଶ ଶତାବ୍ଦୀରେ ସଂସ୍କାର ଅଭିଯାନ ପରିପ୍ରେକ୍ଷୀରେ ଅନେକ ପଣ୍ଡିତ ପ୍ରାଚୀନ ଜୈନ ଗ୍ରନ୍ଥଗୁଡ଼ିକୁ ଅନୁବାଦକରି ସଂରକ୍ଷିତ ରଖିବାକୁ ଚାହିଁଥିଲେ। ଏହାକୁ ଉଗ୍ରବାଦୀମାନେ ବିରୋଧ କଲେ। ତେବେ ଶେଷରେ ଯେତେବେଳେ ଅନୁବାଦ ସରିଲା, ବିଦ୍ୱାନ୍ ହର୍ମନ ଜାକୋବି ସ୍ପଷ୍ଟ କରିଥିଲେ ଯେ, ଜୈନଧର୍ମ ହେଉଛି ଏକ ଭିନ୍ନ ଧର୍ମ , ଏହା ହିନ୍ଦୁ ସମ୍ପ୍ରଦାୟ ନୁହେଁ। ଇଂରେଜ ଶାସନ ବେଳେ ୧୮୮୧ ଜନଗଣନାରେ ଜୈନମାନଙ୍କୁ ଏକ ପୃଥକ୍ ଗୋଷ୍ଠୀ ଭାବେ ବର୍ଗୀଭୁକ୍ତ କରାଯାଇ ଆର୍ଯ୍ୟ ସମାଜ ଭଳି ହିନ୍ଦୁ ସଂସ୍କାର ଅଭିଯାନ(ଯାହା ଜୈନ ପାଇଁ ଅଲଗା ପରିଚୟ ଚାହୁଁ ନ ଥିଲା)କୁ ବିରୋଧ କରାଯିବା ପାଇଁ ପ୍ରେରିତ କରାଯାଇଥିଲା। ଜୈନ ପାଣ୍ଡୁଲିପିରେ ଅନ୍ତିମ ସମୟ ପୂର୍ବରୁ ମଣିଷର ଭଲ ଓ ମନ୍ଦ କର୍ମର ହିସାବକୁ ରେକର୍ଡ କରିଛି। ଅବ୍ୟବସ୍ଥା କିମ୍ବା ମନୋବିକାର ନୁହେଁ , ବରଂ ବିଶ୍ୱ ସମ୍ପୂର୍ଣ୍ଣ କର୍ମ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ବୋଲି ଏହିସବୁ ପାଣ୍ଡୁଲିପି ଜୈନ ବିଚାରକୁ ପ୍ରକାଶ କରିଛି।

-devduttofficial@gmail.com

# ଗାନ୍ଧୀ ନୂଆଁଖାଇ



ସଂଗ୍ରାମ କେଶରୀ ରାଉତ

ନୂଆ ଫସଲ ଅମଳ ପରେ ଆମ ଓଡ଼ିଶାରେ ବିଭିନ୍ନ ତିଥି ନେଇ ନୂଆଁଖାଇ ପାଳନ କରାଯାଏ। ବିଶେଷକରି ଓଡ଼ିଶାର ପଶ୍ଚିମାଞ୍ଚଳରେ ନୂଆଖାଇ ବା ନୂଆଁଖାଇ ଏକ ଗଣପର୍ବ। ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ଥର ଆସିଥିଲେ ୧୯୨୮ ଓ ୧୯୩୪ ମସିହାରେ। ୧୯୨୮ ମସିହାରେ ଗାନ୍ଧିଜୀ ପ୍ରଥମଥର ଝାରସୁଗୁଡ଼ା ରେଳ ଷ୍ଟେସନରେ ଓହ୍ଲାଇ ସମ୍ବଲପୁରଠାରେ ମହାନଦୀ ବାଲିବନ୍ଧରେ ସଭା କରି ଗୋଟିଏ ରାତି ଚନ୍ଦ୍ରଶେଖର ବେହେରାଙ୍କ ଘରେ ରହି ଫେରିଯାଇଥିଲେ। ପରେ ତତ୍କାଳୀନ ସମ୍ବଲପୁର (ଅବିଭକ୍ତ) ଜିଲାରେ ଏକ ନୂଆ ଘଟଣା ଘଟିଥିଲା। ସେତେବେଳେ ଜିଲାରେ ଭାଦ୍ରବ ମାସରେ ନୂଆଖିଆ ପାଳନ କରାଯାଉଥିଲା। କିନ୍ତୁ ସେହି ବର୍ଷ କାର୍ତ୍ତିକ ମାସରେ ଲୋକେ ଆଉଥରେ ନୂଆଁଖିଆ ପାଳିଲେ। ସେହି ନୂଆଁଖିଆକୁ ଲୋକେ କହିଲେ ଗାନ୍ଧୀ ନୂଆଁଖିଆ। ଖରିଫ ଧାନ କାଟିଲା ପରେ, ବର୍ଷା ପରେ ନଡ଼ାରୁ ଆଉଥରେ ଧାନଗଛ ଉଠିଲା ଓ ଫଳିଲା। ସେହି ଧାନକୁ ମଧ୍ୟ କୃଷକମାନେ ଅମଳ କଲେ। ତାହାକୁ ଗାନ୍ଧିଜୀ ନୂଆଁଖାଇ ଅନ୍ନ ଭାବେ ଖାଇଲେ। ୧୯୨୧ ଏପ୍ରିଲ ୨୬ ତାରିଖରେ ପ୍ରଥମ ପ୍ରଦେଶ କଂଗ୍ରେସ ସଭାପତି ଭାବରେ ଗୋପବନ୍ଧୁ ଦାସ ଝାରସୁଗୁଡ଼ା ଆସି ରାଜ୍ୟର ପ୍ରଥମ କଂଗ୍ରେସ ଅଫିସ ପୁଞ୍ଜାପଡ଼ାର ବିହାରୀ ରାମ ତନ୍ତ୍ରୀ (୧୯୩୪ ବିହାରୀ ରାମଙ୍କ ଘରେ ରାତ୍ରିଯାପନ କରିଥିଲେ), ଚୌକିପଡ଼ାର ମହାବୀର ସିଂହଙ୍କ ଘରେ ଓ ଚିନ୍ତାମଣି ପୁଜାରୀଙ୍କ ପାଞ୍ଚପଡ଼ା ଗ୍ରାମରେ କଂଗ୍ରେସ ଅଫିସ ଖୋଲିବାର ବ୍ୟବସ୍ଥା କଲେ। ଗାନ୍ଧିଜୀଙ୍କ ବାଣୀ ଏକାଦଶବ୍ରତ, କାର୍ଯ୍ୟ ଯେମିତି କି ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ, ବିଦେଶୀ ବସ୍ତ୍ର ବର୍ଜନ, ଚରଖାରେ ସୂତା କାଟିବା, ମହିଳା ଶିକ୍ଷାର ବିକାଶ, କପାଚାଷ ଓ ସମବାୟ ଆଦି କାର୍ଯ୍ୟ ଜିଲା କଂଗ୍ରେସ ସଭାପତି ଚିନ୍ତାମଣିଙ୍କ ନେତୃତ୍ୱରେ ଜୋରସୋରରେ ଚାଲିଲା, ଯାହାଫଳରେ ସମ୍ବଲପୁର ଜିଲାରେ ୪୮୦୦ ପ୍ରତ୍ୟକ୍ଷ କଂଗ୍ରେସ କର୍ମୀଙ୍କ ମଧ୍ୟରୁ କେବଳ ୨୦୦୦ରୁ ଅଧିକ କର୍ମୀ ସେମାନେ ପ୍ରସ୍ତୁତ ହୋଇ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଲାଗିପଡ଼ିଲେ। ୧୯୨୭ ମସିହାରେ ପୁନର୍ବାର ଗୋପବନ୍ଧୁ ଝାରସୁଗୁଡ଼ା ଆସି ମହାନଦୀର ପରନଦୀ ଇରାବତୀ (ଇବ) ନଦୀ କୂଳସ୍ଥ ଗାନ୍ଧୀ ବିଚାରର ପ୍ରୟୋଗଶାଳା ଭାବେ ପରିଚିତ ହୋଇଥିବା ପାଞ୍ଚପଡ଼ା ଗ୍ରାମର ସମସ୍ତ କାର୍ଯ୍ୟ ଦେଖି ଅଭିଭୂତ ହେଲେ। ଏହାର ପ୍ରଭାବ ଜିଲାରେ ପଡ଼ିଲା। ସବୁ ବର୍ଗରୁ ଶହ ଶହ ଲୋକ ଏକତ୍ର ହୋଇ ହାତରେ ତମ୍ବା, ତୁଳସୀ ଓ ଶାଳଗ୍ରାମ ଧରି ଶପଥ କରି ନିଶା ପୂରା ଛାଡ଼ିଦେଲେ। ଯାହାଫଳରେ ମଦ ଭାଟିଗୁଡ଼ିକ ବନ୍ଦ ହୋଇଗଲା। ଏହି କାରଣରୁ ରାଜସ୍ୱ କମିଯିବାରୁ ତତ୍କାଳୀନ ଡି.ସି. (ଅଜିର ଜିଲାପାଳ) ଜନସ୍ଙ୍କ ସାହେବଙ୍କୁ ୧୯୩୦ ମସିହାରେ ଚାକିରିରୁ ନିଲମ୍ବିତ ହେବାକୁ ପଡ଼ିଲା। ଗାନ୍ଧୀ ଏସବୁ ଶୁଣି ପ୍ରଶଂସା କରି କହିଲେ, 'ସାରା ଦେଶ ମେଁ ଐସା ହୋନା ଚାହିଏ'।

୧୯୩୯ ମସିହା ଚିନ୍ତାମଣି ପୁଜାରୀ, କମଳଲୋଚନ ଲୋଇ, ଯୋଗେନ୍ଦ୍ର ପଟେଲ ଓ କଷ୍ଟୁରାମ ତନ୍ତ୍ରୀଙ୍କ ନେତୃତ୍ୱରେ ଦଳିତ ଗଣ୍ଡ, ଘାସି, ପାବ ଓ ମେଉଁଟ (ହରିଜନ) ସମ୍ପ୍ରଦାୟର ଲୋକମାନେ ପଞ୍ଚପଡ଼ାର ପୁରାତନ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କଲେ (ହରିଜନ ମନ୍ଦିର ପ୍ରବେଶ)। ଏହା ସାରା ଦେଶରେ ଚହଳ ପକାଇଥିଲା। କପାଚାଷରୁ ସୂତାକଟା ଏବଂ ଖଦି ବସ୍ତ୍ର କାର୍ଯ୍ୟ ଏକ ଗଣକାର୍ଯ୍ୟରେ ପରିଣତ ହୋଇଥିଲା। ସ୍ୱାଧୀନ ଭାରତ ନାମକ ଏକ ମୁଦ୍ରାକାରୀ ପତ୍ରିକା ମଧ୍ୟ ପ୍ରକାଶ କରାଗଲା। ଏସବୁ କାର୍ଯ୍ୟ କରୁଥିବା ଲୋକଙ୍କୁ ବହୁତ ପ୍ରତିକୂଳ ପରିସ୍ଥିତି ଦେଇ ଯିବାକୁ ପଡୁଥିଲା। ଏମାନଙ୍କୁ ନିଆଁ ପାଣି ବାସନ୍ଦ, ପୋଖରୀ ଘାଟ ବ୍ୟବହାର କରିବାକୁ ବାରଣ ଥିଲା। ଏହି ସଂସ୍କାର କାର୍ଯ୍ୟ କରୁଥିବା ଲୋକମାନେ ଯେଉଁପୋଖରୀ ଘାଟକୁ ଯାଇ ବ୍ୟବହାର କରୁଥିଲେ ସେହି ପୋଖରୀମାନେ ଗାନ୍ଧୀଘାଟ ବା କଂଗ୍ରେସ ଘାଟ କହୁଥିଲେ। ଏହି ଅଞ୍ଚଳଗୁଡ଼ିକରେ ଗାନ୍ଧୀ ଆଦର୍ଶରେ ପରିଚାଳିତ ସଂସ୍କାରକମାନେ ଅଲଗା ନୂଆଁଖାଇ କଲେ। ଏହି ନୂଆଁଖାଇରେ ସବୁ ଜାତି ଧର୍ମର ଲୋକ ଏକଜୁଟ ହୋଇ ଘରୁ ଘରୁ ଚାଉଳ ଆଣି ଗୋଟିଏ ହାଣ୍ଡିରେ ପକାଇ ରୋଷେଇ କରୁଥିଲେ। ଯାହାକୁ ସମସ୍ତ ବର୍ଗ ଲୋକ ଏକତ୍ର ବସି ଭୋଜନ କରୁଥିଲେ। ତାହାକୁ ମଧ୍ୟ ବିରୋଧୀ ଲୋକମାନେ ଗାନ୍ଧୀ ନୂଆଁଖାଇ କହିଲେ। ଏହି ସଂସ୍କାରମୂଳକ ଆଦର୍ଶକୁ ମନେପକାଇ ଚଳିତ ମାସ ୨୧ ତାରିଖ (ଡିସେମ୍ବର) ପଞ୍ଚପଡ଼ା ଝାରସୁଗୁଡ଼ାଠାରେ ଗାନ୍ଧୀ ନୂଆଁଖାଇ ଭେଟଘାଟର ଆୟୋଜନ କରାଯାଇଥିଲା। ଯାହା ଏକ ସଂହତି ଓ ସମଭାବର ବାର୍ତ୍ତା ପ୍ରେରଣ କରିବ।

ମୋ: ୯୪୩୭୮୧୮୩୩୩

## ଏଇ ଭାରତରେ

ପଲିଥିନ ବ୍ୟବହାର ଉପରେ କଟକଣା ଲାଗୁ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ପୂର୍ବଭଳି ଲାଗି ରହିଛି। ଅଧିକାଂଶ ଲୋକ ବ୍ୟାଗ୍ ନ ନେଇ ପଲିଥିନରେ ପରିବା ଆଣିବା ଦେଖାଯାଏ। ଲୋକମାନେ ବଜାରକୁ ପରିବା କିଣିବାକୁ ଯିବା ସମୟରେ ବ୍ୟାଗ୍ ନେବା ଲାଗି ଚାହୁଁନାହାନ୍ତି। କିନ୍ତୁ ଏହା ବୁଝିବାକୁ ପ୍ରସ୍ତୁତ ନୁହନ୍ତି ଯେ, ପଲିଥିନ୍‌ର ପରିବେଶଗତ ପ୍ରଭାବ ଅତ୍ୟନ୍ତ ଭୟଙ୍କର। ତେବେ ଏହାର କୁପ୍ରଭାବକୁ ଉପଲବ୍ଧି କରି ପଲିଥିନ ବ୍ୟବହାର ହ୍ରାସ ସକାଶେ ଚେନ୍ନାଇର ମହିଳାମାନେ ଏକ ଭିନ୍ନ ଉପାୟ ଆପଣାଇଛନ୍ତି। ସେମାନେ ଗାଢ଼ ସବୁଜ ରଙ୍ଗର ବିଦ୍ୟୁତ୍‌ଚାଳିତ(ଇଭି) ଅଟୋରେ ପରିବା ନେଇ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଚେନ୍ନାଇର ମହିଳା ଗ୍ରୁପକୁ ତାମିଲନାଡୁ ସରକାର ଇଭି ଅଟୋ ଯୋଗାଇ ଦେଇଛନ୍ତି। ଏହି ଅଟୋରେ ପରିବା ଟୋକେଇ ରହିବାର ବ୍ୟବସ୍ଥା କରାଯାଇଛି ଏବଂ ପରିବାଗୁଡ଼ିକୁ ସେମାନେ ମାଞ୍ଜାପାଇ ବ୍ୟାଗ୍(ହଳଦିଆ ରଙ୍ଗର କନାବ୍ୟାଗ୍)ରେ ଲୋକଙ୍କୁ ଦେଉଛନ୍ତି। ତାମିଲନାଡୁ ସରକାର ପଲିଥିନ ବ୍ୟବହାର ହ୍ରାସ ପାଇଁ ତିନିବର୍ଷ ପୂର୍ବେ ମାଞ୍ଜାପାଇ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଏବେ ରାଜ୍ୟର ୧୯ଟି ସ୍ଥାନରେ ଏହି ବ୍ୟାଗ୍ ତିଆରି କରାଯାଇ ଲୋକଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଛି। ଚେନ୍ନାଇରେ ମଧ୍ୟ ୪୦ଟି ଜାଗାରେ ଏହା ଉପଲବ୍ଧ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୭୬

- ରାଜ୍ୟର ବିଶିଷ୍ଟ ଆଡଭୋକେଟ ଲଳିତ କୁମାର ଦାସଗୁପ୍ତାଙ୍କ ୮୧ ବର୍ଷ ବୟସରେ ପରଲୋକ।
- ମାଧବ ସିଂହ ସୋଲାଙ୍କିଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜରାଟରେ ନୂତନ ୧୮ ଜଣିଆ କଂଗ୍ରେସ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।
- ଭାରତ ସହ ବନ୍ଧୁତା ଓ ସେବା ଯୋଗୁ ୪ ବ୍ରିଟିଶ ମହିଳାଙ୍କୁ ଆନ୍ତର୍ଜାତିକ ମହିଳା ପୁରସ୍କାର ପ୍ରଦାନ।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | | | | | | | |
| | 1 | | | | | | | 4 |
| | | | 2 | | | 8 | 6 | 3 |
| | | | 6 | | | | 2 | |
| 9 | 4 | | | 8 | | | 5 | |
| | 3 | | 1 | | | | | |
| 8 | | 4 | | | 6 | | | |
| | | 5 | 3 | | | 4 | | |
| | | | | 9 | 6 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 8 | 4 | 9 | 3 | 5 | 6 |
| 8 | 4 | 3 | 1 | 5 | 6 | 7 | 9 | 2 |
| 6 | 5 | 9 | 3 | 2 | 7 | 1 | 4 | 8 |
| 4 | 8 | 7 | 5 | 9 | 1 | 2 | 6 | 3 |
| 9 | 1 | 6 | 7 | 3 | 2 | 4 | 8 | 5 |
| 5 | 3 | 2 | 4 | 6 | 8 | 9 | 7 | 1 |
| 3 | 6 | 8 | 2 | 7 | 4 | 5 | 1 | 9 |
| 2 | 9 | 4 | 6 | 1 | 5 | 8 | 3 | 7 |
| 1 | 7 | 5 | 9 | 8 | 3 | 6 | 2 | 4 |

ଗତକାଲିର ଉତ୍ତର

# ଯିଶୁଖ୍ରୀଷ୍ଟଙ୍କ ଜନ୍ମ ମହତ୍ତ୍ୱ



ହରିଶ୍ଚନ୍ଦ୍ର ଅରିଶଲ୍ୟ

"ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ତାଙ୍କ ନିଜର ଅଦ୍ୱିତୀୟ ପୁତ୍ର ପ୍ରଭୁ ଯିଶୁଙ୍କୁ ପୃଥିବୀକୁ ପଠାଇଲେ। ଏଣୁ ଯେ କେହି ଯିଶୁଙ୍କଠାରେ ବିଶ୍ୱାସ କରିବ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ।"-(ଯୋହନ ୩:୧୬)। ବାଇବେଲ କୁହେ " ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ର ପ୍ରଭୁ ଯିଶୁଙ୍କୁ ଜଗତକୁ ପଠାଇଲେ। ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ। ପ୍ରଭୁ ଯିଶୁଙ୍କ ଜନ୍ମ ସମସ୍ତଙ୍କ ପାଇଁ। କାରଣ ଈଶ୍ୱର ସମସ୍ତଙ୍କୁ ପ୍ରେମ କରନ୍ତି ଏବଂ ତାଙ୍କ କରୁଣା ସଭିଙ୍କ ପାଇଁ। ବାଇବେଲ କୁହେ, "ଆଦ୍ୟରେ ବାକ୍ୟ ଥିଲା , ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ। ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ (ମନୁଷ୍ୟ ସମାଜରେ) ବାସ କଲେ, ଆଉ ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ।" ଜୀବନ୍ତ ଈଶ୍ୱରଙ୍କ ପ୍ରଥମ ଓ ଶେଷ ମନୁଷ୍ୟ ଅବତାର ନେଇ ଜନ୍ମଗ୍ରହଣ କରିବା ଏବଂ ମନୁଷ୍ୟ ଜାତିର ପାପ କ୍ଷମାର ଯୋଜନା ସଫଳ ହେଲା।

ବାଇବେଲ କୁହେ, " କାଳ ସମ୍ପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ (ସାରାଜଗତ) ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ"। ପ୍ରଭୁଯିଶୁ ଠିକ୍ ସମୟରେ ମନୁଷ୍ୟ ଅବତାର ନେଇ ଜନ୍ମଗ୍ରହଣ କଲେ, ଯାହାଦ୍ୱାରା ମନୁଷ୍ୟ ଜାତି ମୁକ୍ତି ଓ ମୋକ୍ଷ ପାଇବେ। ବାଇବେଲ କୁହେ, ପାପ, ମନୁଷ୍ୟଙ୍କୁ ପବିତ୍ର ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରିଦେଇଛି। କିନ୍ତୁ ପ୍ରଭୁ ଯିଶୁଙ୍କ ମନୁଷ୍ୟ ଅବତାର ଜନ୍ମ ପରେ, ଲେଖାଅଛି, " ଏକାମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ତ ମନୁଷ୍ୟଙ୍କ ମଧ୍ୟରେ ଏକାମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯିଶୁ, ଜଣେ ମନୁଷ୍ୟ।" ପ୍ରଭୁ ଯିଶୁଙ୍କ ଜନ୍ମରେ ମନୁଷ୍ୟ ଜାତି ପବିତ୍ର ଜୀବନ ଈଶ୍ୱରଙ୍କ ସହ ସମ୍ପର୍କ ରଖିବା ସମ୍ଭବ ହୋଇପାରିଛି।

ପ୍ରଭୁ ଯିଶୁଙ୍କ ଜନ୍ମ ଏକ ଦରିଦ୍ର, ସାଧାରଣ ପରିବାରରେ ଏବଂ ଗୁଣ୍ୟ ପରିବେଶ, ଗୁହାଳରେ ପଶୁଶାଳାରେ ହୋଇଥିଲା। ସେଥିପାଇଁ ପ୍ରଭୁ ଯିଶୁ ସବୁ ଶ୍ରେଣୀର ଲୋକଙ୍କୁ ଗ୍ରହଣ କରିପାରନ୍ତି ପୁଣି ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ଆଦୃତ ହୁଅନ୍ତି। ତାହାଙ୍କ ଜନ୍ମର ପରିବେଶ ଦ୍ୱାରା, ସେ ମାନବ ଜାତିକୁ ସମତାର ଆଦର୍ଶ ଦେଇଛନ୍ତି। ନୂତନ ଧର୍ମ ସ୍ଥାପନାର୍ଥେ ନୁହେଁ କି ଅବା କୌଣସି ପୁରାତନ ଧର୍ମକୁ ସଞ୍ଜୀବିତ କରିବାକୁ ନୁହେଁ,ବରଂ ନୂତନ ଜୀବନ ପ୍ରଦାନ ପାଇଁ ଜନ୍ମଗ୍ରହଣ କରିଥିଲେ। ବାଇବେଲ କୁହେ, "ଯିଶୁ ତାଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମକୁ କହୁଅଛି, ପୁନର୍ବାର ଜନ୍ମ



ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖିପାରେ ନାହିଁ। ପ୍ରଭୁ ଯିଶୁ ନୂତନ ଜୀବନ ଦିଅନ୍ତି। ନୂତନ ଧର୍ମ ନୁହେଁ, ନୂତନ ଜୀବନ, ନୂତନ ପ୍ରକୃତି, ନୂତନ ଚରିତ୍ର ଓ ନୂତନ ଉତ୍ତମ ମନ ଦେବା ପାଇଁ ସେ ଜନ୍ମ ଗ୍ରହଣ କଲେ ; ନୂତନ ଧର୍ମ ବା କୌଣସି ଧର୍ମ ସଂସ୍ଥାୟ ଆହ୍ୱାନ ନିମନ୍ତେ ଜନ୍ମ ନ ଥିଲେ।

ବାଇବେଲ କୁହେ "ଉର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର, ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି। ଶାନ୍ତିର ରାଜକୁମାର ପ୍ରଭୁ ଯିଶୁଙ୍କ ଜନ୍ମ ପୃଥିବୀରେ ଶାନ୍ତି ସ୍ଥାପନାର ଆହ୍ୱାନ ଦେଇଛନ୍ତି। ସର୍ବସାଧାରଣ ମନୁଷ୍ୟ ସମାଜରେ ଶାନ୍ତି ସ୍ଥାପନ କରିବା ତାହାଙ୍କ ଲକ୍ଷ୍ୟ, ସାଧନା ଓ ଆହ୍ୱାନ। ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ ଓ ଭୌଗୋଳିକ ସୀମା ନିର୍ବିଶେଷରେ ପ୍ରଭୁଯିଶୁ ଶାନ୍ତି ସମସ୍ତଙ୍କ ପାଇଁ ପ୍ରଦାନ କରୁଛନ୍ତି। ନୂତନ ଜୀବନର ଆହ୍ୱାନ ଦେଉଛନ୍ତି। ପୁଣି ପରିତ୍ରାଣ ମୁକ୍ତିର ସୁଯୋଗ ନିଜେ ଅର୍ପଣ କରୁଛନ୍ତି।

ଯିଶୁଖ୍ରୀଷ୍ଟ ଜନ୍ମ ହେବା ବହୁ ପୂର୍ବରୁ ଈଶ୍ୱରଙ୍କ ବାକ୍ୟ ବାଇବେଲରେ ଭବିଷ୍ୟବାଣୀ ଉଲ୍ଲେଖ ହୋଇଥିଲା। ପୁରାତନ ନିୟମ ଶିଖାଇବାରୁ ପୁସ୍ତକରେ ଲେଖାଅଛି, " ଯେହେତୁ ଆମ୍ଭମାନଙ୍କ ନିମନ୍ତେ ଏକ ପୁତ୍ରଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱ ଭାର ଥୁଆଯିବ। ତାହାଙ୍କ ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ" । ସେହି ସମୟରେ ଅନେକ ଇହୁଦୀ ଏବଂ ଅଣ ଇହୁଦୀ ଶାସ୍ତ୍ରଜ୍ଞ ଓ ପଣ୍ଡିତମାନେ ପ୍ରଭୁ ଯିଶୁଙ୍କ ଜନ୍ମ ଅପେକ୍ଷାରେ ଥିଲେ। ଅବଶ୍ୟ ପ୍ରଭୁ ଯିଶୁଙ୍କ ଜନ୍ମ ତାରିଖର ଲିଖିତ ପ୍ରମାଣ ବାଇବେଲରେ ନାହିଁ କିନ୍ତୁ ତାଙ୍କର ଜନ୍ମ ଭବିଷ୍ୟତ ବାଣୀକୁ ସଫଳ କରିଛି।

ଖ୍ରୀଷ୍ଟମାସ ପାଳନ ଅବସରରେ ମାନବ ସମାଜକୁ ପ୍ରଭୁ ଯିଶୁଙ୍କ ଆହ୍ୱାନ ରହିଛି। ବାଇବେଲ କୁହେ, ଯିଶୁ ତାହାଙ୍କୁ କହିଲେ ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ କେହି ପିତା ଈଶ୍ୱରଙ୍କ ନିକଟକୁ ଯାଏ ନାହିଁ। ପୁଣି ଆହ୍ୱାନ ଦେଲେ, ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି। ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ଠାରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ର ଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ।

ସାଧାରଣତଃ ଧର୍ମ କହିଲେ, ମନୁଷ୍ୟ ଈଶ୍ୱରଙ୍କ ସନ୍ଧାନ କରେ। କିନ୍ତୁ ଖ୍ରୀଷ୍ଟ ବିଶ୍ୱାସରେ ଏହା ବିପରୀତ: ଈଶ୍ୱର ମନୁଷ୍ୟମାନଙ୍କ ସନ୍ଧାନରେ। ପ୍ରଭୁ ଯିଶୁ ଈଶ୍ୱରଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି। ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା। ସେ ଆଜିକାଲି ଓ ସର୍ବଦା ସମାନ ସେହିପରି ଅପରିବର୍ତ୍ତନୀୟ। ଯିଶୁଖ୍ରୀଷ୍ଟ ପ୍ରଭୁ ଓ ତ୍ରାଣକର୍ତ୍ତା। ମୁକ୍ତିଦାତା, ପାପ କ୍ଷମାକାରୀ, ସେ ଧର୍ମଗୁରୁ ବା କୌଣସି ନୂତନ ଧର୍ମର ସଂସ୍ଥାପକ ନୁହନ୍ତି ସେ ଖ୍ରୀଷ୍ଟ ଧର୍ମ ଗଢ଼ନ୍ତି ନାହିଁ। ଅତଏବ, ଏହି ଖ୍ରୀଷ୍ଟମାସରେ, ଈଶ୍ୱର ସମସ୍ତଙ୍କୁ ଦୟା, ଅନୁଗ୍ରହ ଓ ଆଶୀର୍ବାଦ କରନ୍ତୁ ଏବଂ ୨୦୨୬ ନୂତନ ବର୍ଷରେ ପଦାର୍ପଣ କରିବାକୁ କଲ୍ୟାଣ କରନ୍ତୁ।

ଅହମଦାବାଦ, ଗୁଜରାଟ
ମୋ: ୯୪୯୪୭୮୨୭୭୭

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବଲପୁର ଷ୍ଟେଶନ ସୁରେନ୍ଦ୍ର ସାଏଙ୍କ ନାଁରେ ହେଉ

ମହାଶୟ,

ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶ ପ୍ରତି ଅତୁଳନୀୟ ଅବଦାନ ଚିରକାଳ ଉଜ୍ଜୀବିତ ରଖିବାକୁ ଦେଶର ଅନେକ ରେଳଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ସେମାନଙ୍କ ନାମରେ ନାମିତ ହେଲାଣି। ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ର ପ୍ରତି ସେମାନଙ୍କ ଉତ୍ସର୍ଗୀକୃତ ସେବା ଶ୍ରଦ୍ଧାର ସହ ସ୍ମରଣ କରିବା ଓ ଉତ୍ତରପିଢ଼ିଙ୍କୁ ଜଣାଇବା। କେତୋଟି ଉଦାହରଣ ରହିଛି- ମୁମ୍ବାଇର ଛତ୍ରପତି ଶିବାଜୀ ଷ୍ଟେଶନ(ପୂର୍ବ ନାମ ଭିକ୍ଟୋରିଆ ଟର୍ମିନସ), ଭୋପାଳର ରାଣୀ କମଳାପତି ଷ୍ଟେଶନ(ହବିବଗଞ୍ଜ), ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ଜଙ୍କସନ(ମୋଗଲସରାଇ), ପ୍ରୟାଗରାଜ(ଆଲ୍ଲାହାବାଦ), କୋଲକାତା ମେଟ୍ରୋରେ କବି ସୁଭାଷ, କବି ନଜରୁଲ, ମହାନାୟକ ଉତ୍ତମ କୁମାର ଷ୍ଟେଶନ ଓ ଆହୁରି ଅନେକ। ୧୮୫୭ ମସିହାର ସିପାହି ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ବ୍ରିଟିଶ୍ ସରକାର ବିରୋଧରେ 'ଉଲଗୁଲାନ'(ଆନ୍ଦୋଳନ) ଆରମ୍ଭ କରିଥିଲେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ। ସେ ଦେଶର ଏକମାତ୍ର ସ୍ୱାଧୀନତା ସଂଗ୍ରାମୀ, ଯିଏ ତାଙ୍କ ପୂରା ଜୀବନକାଳ ୭୫ ବର୍ଷ ମଧ୍ୟରୁ ୩୭ ବର୍ଷ ଜେଲରେ କାଟିଥିଲେ। ତାଙ୍କର ଅପୂର୍ବ ଦେଶପ୍ରୀତି ଓ ଅସୀମ ତ୍ୟାଗକୁ ସମ୍ମାନ ଜଣାଇ ବୁର୍ଲାସ୍ଥିତ ଇଞ୍ଜିନିୟରିଂ କଲେଜ(ଅଧୁନା ବିଶ୍ୱବିଦ୍ୟାଳୟ) ଓ ଝାରସୁଗୁଡ଼ା ବିମାନବନ୍ଦର ତାଙ୍କ ନାମରେ ନାମିତ କରାଯାଇଛି। ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରମୁଖ ରେଳଷ୍ଟେଶନ ସମ୍ବଲପୁର ଏବେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଉ। ବିପ୍ଳବର ଅନିର୍ବାଣ ଦୀପଶିଖା ବୀର ସୁରେନ୍ଦ୍ର ସାଏଙ୍କୁ ଅଧିକରୁ ଅଧିକ ଜାଣିବାର ଏହା ଅବକାଶ ସୃଷ୍ଟି କରିବ।

-ପ୍ରତାପ ନାୟକ, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖିଛି ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ତୋଳା ପୁଲ ଶେଷେ ଗୀତରେ ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜାନୁଆରୀ ୧୦ ସୁଦ୍ଧା ସବୁ ଜିଲାରେ ଧାନକିଣା: ମୁଖ୍ୟମନ୍ତ୍ରୀ

## ୧୨ ଜିଲାରୁ ଉଠିଲାଣି ୪,୯୭,୫୯୪ ମେଟ୍ରିକ୍ ଟନ୍ ଧାନ

ଭୁବନେଶ୍ୱର,୨୪।୧୧ (ରବିନାରାୟଣ ଜେନା)

ଜାନୁଆରୀ ୧୦ ତାରିଖ ସୁଦ୍ଧା ସବୁ ଜିଲାରେ ଧାନ ସଂଗ୍ରହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଧାନ ସଂଗ୍ରହ ବୈଠକ ଅବସରରେ କହିଛନ୍ତି। ବୈଠକରୁ ଜଣାପଡ଼ିଛି ଯେ, ଆଜି ପର୍ଯ୍ୟନ୍ତ ରାଜ୍ୟର ୧୨ ଜିଲାରେ ଧାନକ୍ରୟ ପ୍ରକ୍ରିୟା ଚାଲୁ ରହିଛି ଏବଂ ୧୭ ଜିଲାରେ ଟୋକନ୍ ପ୍ରଦାନ କରାଯାଇଛି। ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଆଉ ୫ ଜିଲାରେ ଧାନକିଣା ଆରମ୍ଭ ହେବ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ୧,୧୧,୧୨୮ ଜଣ କୃଷକ ତାଙ୍କର ୪,୯୭,୫୯୪ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିପାରିଛନ୍ତି। ଏପର୍ଯ୍ୟନ୍ତ ଏଥିପାଇଁ ପ୍ରାୟ ୧୦୫୬.୦୮ କୋଟି ଟଙ୍କାର ଅର୍ଥ ପ୍ରଦାନ କରାଯାଇଛି। ବୈଠକରେ ଧାନ ସଂଗ୍ରହରେ ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ହେବ ଏବଂ କୌଣସି ପରିସ୍ଥିତିରେ ଚାଷୀମାନଙ୍କ ହକ୍ ଉପରେ ଆଞ୍ଚ୍ ନ ଆସିବ, ତାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଲର୍‌ମାନେ ଯେପରି ଚାଷୀମାନଙ୍କଠାରୁ ଠିକ୍ ଭାବରେ ଧାନ ସଂଗ୍ରହ କରିବେ ଏବଂ ଚାଷୀମାନେ ଯେପରି ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଇବେ, ସେଥିପ୍ରତି ଶତପ୍ରତିଶତ ଧାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଅଣଧାନ ଫସଲ ସଂଗ୍ରହ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷକରି ମାଣ୍ଡିଆ, ଡାଲିଜାତୀୟ ଫସଲ ଓ ତୈଳବୀଜ ଚାଷକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ମିଟର ଭଡ଼ା ସମ୍ପୂର୍ଣ୍ଣ ଉଚ୍ଛେଦ

## ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)

ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ବିଦ୍ୟୁତ୍ ଉପଭୋକ୍ତାଙ୍କ ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ କ୍ୟାବିନେଟ୍ ଏମ୍‌ଏମ୍‌ଏସ୍‌ବିୱାଇ- ସ୍ମାର୍ଟ ମିଟର ସଂଯୋଗ ଯୋଜନାର ପ୍ରଥମ ପର୍ଯ୍ୟାୟକୁ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନୂତନ ପଦକ୍ଷେପ ଦ୍ୱାରା ରାଜ୍ୟର ସ୍ୱଳ୍ପ ପରିମାଣର (୨ କିଲୋୱାଟ୍ ସମେତ) ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତା ବିଶେଷ ଭାବେ ଉପକୃତ ହେବେ। ଏହି ଯୋଜନା ଅନ୍ତର୍ଗତ ସ୍ମାର୍ଟ ମିଟର ସଂଯୋଗ ପାଇଁ ଉପଭୋକ୍ତାଙ୍କୁ କୌଣସି ଅତିରିକ୍ତ ମିଟର ଭଡ଼ା ଦେବାକୁ ପଡ଼ିବ ନାହିଁ କିମ୍ବା ଏହା ଖୁଚୁରା ଯୋଗାଣ ଟାରିଫ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହି ଯୋଜନାକୁ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ ଯଥା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍), ଟିପି ନର୍ଦ୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ନିଜ ନିଜର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ କାର୍ଯ୍ୟକାରୀ କରିବେ। ୨୦୨୫ ମାର୍ଚ୍ଚ ୨୪ରୁ ରିଟେଲ୍ ସପ୍ଲାଏ ଟାରିଫ୍ ଅର୍ଡର ଅନୁଯାୟୀ, ୨ କିଲୋୱାଟ୍ ପର୍ଯ୍ୟନ୍ତ କଣ୍ଟ୍ରାକ୍ଟ ଡିମାଣ୍ଡ (ସିଡି) ଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ପାଇଁ ୧ ଏପ୍ରିଲ ୨୦୨୫ରୁ ମିଟର ଭଡ଼ା ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୨ କିଲୋୱାଟ୍ ପର୍ଯ୍ୟନ୍ତ କଣ୍ଟ୍ରାକ୍ଟ ଡିମାଣ୍ଡ(ସିଡି)ଥିବା ଉପଭୋକ୍ତାଙ୍କ ପାଇଁ ୧୧,୫୩,୧୦୦ଟି ସ୍ମାର୍ଟ ମିଟର ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ଏଥିମଧ୍ୟରୁ ୮,୭୫,୦୦୦ ପୁରୁଣା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ ଏବଂ ପ୍ରାୟ ୨,୭୮,୧୦୦ଟି ନୂତନ ସଂଯୋଗ ପାଇଁ ସ୍ମାର୍ଟ ମିଟର ବ୍ୟବହାର କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

# ସରକାରଙ୍କ ଅପାରଗତାରୁ ବଢୁଛି ବଳାତ୍କାର: କଂଗ୍ରେସ

ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)

ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ବଳାତ୍କାର ଏବଂ ହତ୍ୟା ଘଟଣାକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିଛି। କଂଗ୍ରେସ ଭବନରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭଦ୍ରକର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, କଂଗ୍ରେସ ସବୁବେଳେ ନାରୀ ସୁରକ୍ଷା ନେଇ ଆନ୍ଦୋଳନ କରୁଛି। ବିଧାନସଭାରେ କଂଗ୍ରେସ ସଦସ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ରାଜ୍ୟ ସରକାର ବାରମ୍ବାର ଏହାକୁ ଏଡ଼ାଇ ଚାଲିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ନାରୀ ସୁରକ୍ଷାକୁ ନେଇ ସବୁବେଳେ ସରକାରଙ୍କୁ ପ୍ରଶ୍ନ ପଚାରୁଛନ୍ତି ଓ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ରାଜ୍ୟ ସରକାର ବାଳିକା ଓ ମହିଳାଙ୍କ ପ୍ରତି ଆଦୌ ସଚେତନ ନୁହନ୍ତି ବୋଲି ସେଠୀ କହିଛନ୍ତି।

# ଅନ୍ନଦାତାଙ୍କ ପସନ୍ଦ 'ଇ-ରୂପୀ'

## ଖୋଜାପଡୁନାହାନ୍ତି ସାହୁକାର

ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)

ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟ ତଥା ଦେଶର ଉନ୍ନତି। ସେମାନଙ୍କୁ କିଭଳି ସରକାରୀ ରିହାତି ବିନା ଦ୍ୱିଧାରେ ମିଳିପାରିବ ତାହାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷି ବିଭାଗ (ଯାନ୍ତ୍ରିକ) ପକ୍ଷରୁ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)କୁ ଅନୁସରଣ କରି ଏକ ଅଭିନବ ପଦକ୍ଷେପ ସ୍ୱରୂପ 'ଇ-ରୂପୀ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯାହାକି ସାରା ଦେଶରେ ଡିଜିଟାଲ ପେମେଣ୍ଟ କାର୍ଯ୍ୟକ୍ରମରେ ପ୍ରଥମ। ଏହା ମାଧ୍ୟମରେ କୃଷକମାନଙ୍କୁ ଆଉ କୌଣସି ପ୍ରକାର କୃଷି ଯାନ୍ତ୍ରିକ ଉପକରଣ କିଣିବା ଲାଗି ସାହୁକାରଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ ନାହିଁ। କୃଷକମାନେ ଏଣିକି ସିଧାସଳଖ କୃଷି ଯାନ୍ତ୍ରିକ ଉପକରଣ ରିହାତି ଦରରେ ପାଇପାରିବେ। ପୂର୍ବରୁ କୃଷକମାନେ କୌଣସି କୃଷି ଯାନ୍ତ୍ରିକ ଉପକରଣ କିଣିବା ବେଳେ ସେମାନଙ୍କୁ ଉପକରଣର ପୂରା ଦାମ୍ ଦେବାକୁ ପଡୁଥିଲା। ଏଥିପାଇଁ ସେମାନଙ୍କୁ ଗାଁ ସାହୁକାର କିମ୍ବା ବ୍ୟାଙ୍କରୁ ଋଣ ନେବାକୁ ପଡୁଥିଲା। କୃଷି ବିଭାଗ ପକ୍ଷରୁ ଏହି ବ୍ୟବସ୍ଥା ଲାଗୁହେବା ପରେ କୃଷକମାନେ ସିଧାସଳଖ ଡିଲର୍ସମାନଙ୍କଠାରୁ କୃଷି ଯାନ୍ତ୍ରିକ ଉପକରଣ ଅଧାଦାମ୍‌ରେ କିଣିପାରୁଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗୀୟ ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚଳିତବର୍ଷ ଫେବୃଆରୀ ୨୫ରେ ସବୁ ଜିଲାର କୃଷି କାର୍ଯ୍ୟନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ସରକାରଙ୍କ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଡ୍ୟୁର (ଏସ୍‌ଓପି)କୁ ଅନୁସରଣ କରି କୃଷକମାନଙ୍କୁ ରିହାତି ସୁବିଧା ଯୋଗାଇବାକୁ ମୁଖ୍ୟଯନ୍ତ୍ରୀ ଅନୁରୋଧ କରିଥିଲେ। ଏହାକୁ ନେଇ ଗତ ୯ ମାସ ମଧ୍ୟରେ ରାଜ୍ୟର ୧୧ହଜାର କୃଷକ ଲାଭାନ୍ୱିତ ହୋଇଛନ୍ତି। ଇତିମଧ୍ୟରେ କୃଷକମାନଙ୍କୁ ସେମାନଙ୍କ ରିହାତି ବାବଦକୁ ସରକାରଙ୍କ ପକ୍ଷରୁ ୩୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇସାରିଲାଣି।

ତଥ୍ୟ ଅନୁଯାୟୀ, 'ଇ-ରୂପୀ' କାର୍ଯ୍ୟକାରୀ ବେଳେ କେବଳ ପମ୍ପ୍ ଏବଂ ସିଞ୍ଚନ(ସ୍ପ୍ରେୟର୍ସ) ଉପରେ ରିହାତି ପ୍ରଦାନ କରାଯାଉଥିଲା। ଏହାପରେ ୫୨ଟି ଉପକରଣରେ କୃଷକଙ୍କୁ ରିହାତି ଦିଆଯାଉଛି। ଏହି ବ୍ୟବସ୍ଥା ଅନୁଯାୟୀ ଜଣେ କୃଷକଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣରେ ରିହାତି ପ୍ରଦାନ କରାଯାଇପାରୁଛି। ତେବେ ପୂର୍ବରୁ ବିଭିନ୍ନ ପ୍ରକାର କୃଷି ଯାନ୍ତ୍ରିକ ଉପକରଣରେ ବହୁ ଅନିୟମିତତା ନେଇ ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ଏଭଳି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ କୃଷି ବିଭାଗର ସମସ୍ତ ଯାନ୍ତ୍ରିକ ଉପକରଣକୁ କିଭଳି ଇ-ରୂପୀ ଅନ୍ତର୍ଭୁକ୍ତ କରାଯାଇ କୃଷକମାନଙ୍କୁ ଟ୍ରାକ୍ଟର ସହ ଅନ୍ୟାନ୍ୟ ଉପକରଣରେ ରିହାତି ଦିଆଯାଇପାରିବ ସେନେଇ ପ୍ରକ୍ରିୟା ଜାରି ରହିଛି। ଯଦି କୌଣସି କୃଷକ ଉପକରଣ କିଣିବାରେ ସମସ୍ୟାରେ ପଡ଼ିବେ ତେବେ ସେଥିନେଇ ନିଃଶୁଳ୍କ ନମ୍ବର ଜାରି କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆଜି ଭାଜପା ପାଳିବ ବାଜପେୟୀଙ୍କ ୧୦୧ତମ ଜନ୍ମ ଶତାବ୍ଦୀ

ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଶତବ୍ଦୀ ବର୍ଷ ଗୁରୁବାର ପାଳନ ହେବ। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ୧୦ତମ 'ଅଟଳ ସମ୍ମାନ-୨୦୨୫' କାର୍ଯ୍ୟକ୍ରମ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ୨୦୨୫ ବର୍ଷ ପାଇଁ ଅଟଳ ସମ୍ମାନ ପ୍ରଦାନ କରିବେ। ଚଳିତ ବର୍ଷ ପାଇଁ କୁଞ୍ଜବିହାରୀ ପାଣିଗ୍ରାହୀଙ୍କୁ ଅଟଳ ସମ୍ମାନ ୨୦୨୫, ଡ. ଭାଗ୍ୟ ଲିପି ମଲ୍ଲଙ୍କୁ ଅଟଳ ସଂସ୍କୃତି ସମ୍ମାନ, ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଅଟଳ କବିତା ସମ୍ମାନ, ଉତ୍ସଗଙ୍କୁ ଅଟଳ ସେବା ସମ୍ମାନରେ ସମ୍ମାନିତ କରାଯିବ। ଅପରାହ୍ନରେ ସ୍ୱର୍ଗତଃ ବାଜପେୟୀଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବ ବୋଲି ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ ସୂଚନା ଦେଇଛନ୍ତି।



# ଅଧ୍ୟାପକ ନିଯୁକ୍ତିରେ ଲାଗୁହେବ ସଂରକ୍ଷଣ ନୀତି

**ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)**

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଯେପରି ଅଧ୍ୟାପକ ଅଭାବ ରହିବ ନାହିଁ ଏବଂ ସବୁ ବର୍ଗଙ୍କୁ ଉପଯୁକ୍ତ ନିଯୁକ୍ତି ସୁଯୋଗ ମିଳିବ, ତା'ଉପରେ ରାଜ୍ୟ କ୍ୟାବିନେଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅଧ୍ୟାପକ ନିଯୁକ୍ତିରେ ସଂରକ୍ଷଣ ନୀତି ପ୍ରଣୟନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।

ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକପ୍ରକାରର ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧ୍ୟାଦେଶ-୨୦୨୫ର ପ୍ରଣୟନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏଣିକି ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟଟିକୁ ଏକକ ଭାବରେ ବିଚାର କରିବାକୁ ଏହି ଅଧ୍ୟାଦେଶରେ ପ୍ରସ୍ତାବ ଦିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ପ୍ରତ୍ୟେକ କ୍ୟାଡର ନିମନ୍ତେ ପୋଷ୍ଟ-ଆଧାରିତ ରୋଷ୍ଟର ବ୍ୟବସ୍ଥା କରାଯିବ, ଯଦ୍ୱାରା ସଂରକ୍ଷଣ ନୀତି ସମସ୍ତ ବିଶ୍ୱବିଦ୍ୟାଳୟରେ ସମାନ ଭାବେ ପ୍ରୟୋଗ ହେବ ଏବଂ ନିଯୁକ୍ତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସହଜ ହେବ। ଏହି ସଂଶୋଧନ ଫଳସ୍ୱରୂପ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଏବଂ ଅନ୍ୟାନ୍ୟ ଯୋଗ୍ୟ ବର୍ଗମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ପ୍ରଶାସନିକ ପ୍ରଣାଳୀରେ ସରଳତା ଏବଂ ରାଷ୍ଟ୍ରୀୟ ସ୍ତରର ଅନୁସରିତ ନୀତି ସହିତ ସମନ୍ୱୟକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ଅପ୍‌ଗ୍ରେଡ୍ ହେବ ୫ ଆଇଟିଆଇ

ଆହୁଜା କହିଛନ୍ତି, ଆଗାମୀ ଦିନରେ ଆଇଟିଆଇକୁ ରାଜ୍ୟରେ ତ୍ୱରାନ୍ୱିତ କରିବା ଲାଗି ଉତ୍କର୍ଷ ଆଇଟିଆଇ ଯୋଜନା କାର୍ଯ୍ୟକାରୀ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହାଦ୍ୱାରା ଆଇଟିଆଇଗୁଡ଼ିକୁ ଜୋନାଲ୍ ଆଇଟିଆଇ ଭାବେ ଅପ୍‌ଗ୍ରେଡ୍ କରାଯିବ। ବର୍ତ୍ତମାନ ରାଜ୍ୟରେ ଥିବା ୫ଟି ଶିଳ୍ପ ପ୍ରଶିକ୍ଷଣ ସଂସ୍ଥା ଯଥା,ସରକାରୀ ଆଇଟିଆଇ-ପୁରୀ, ବଲାଙ୍ଗୀର, ଅମ୍ବାଗୁଡ଼ା-କୋରାପୁଟ, ରାଜକନିକା-କେନ୍ଦ୍ରାପଡ଼ା ଓ ରାଉରକେଲା-ସୁନ୍ଦରଗଡ଼କୁ 'ଉତ୍କର୍ଷ ଆଇଟିଆଇ' କରାଯିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଓଏଏସ୍ ଅଧିକାରିଣୀଙ୍କ ଧାରଣା

**ବାରିପଦା,୨୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବଦଳି ଆଦେଶ ଧରି ଆସିଥିବା ଜଣେ ଓଏଏସ୍ ଅଧିକାରିଣୀଙ୍କୁ ମୟୂରଭଞ୍ଜ ଜିଲାପାଳ କାର୍ଯ୍ୟରେ ଯୋଗଦେବା ପାଇଁ ମନା କରିଦେଲେ। ତାଙ୍କ ନାମରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣରେ ସମ୍ପୃକ୍ତିକୁ ନେଇ ଏନ୍‌ଜିଟିରେ ମାମଲା ବିଚାରାଧୀନ ଥିବାରୁ ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ଜିଲାପାଳ ଏଭଳି ପଦକ୍ଷେପ ଗ୍ରହଣ କରିଥିବାବେଳେ ଓଏଏସ୍ ଅଧିକାରିଣୀ ଜଣଙ୍କ ବୁଧବାର ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୨୦ରେ ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲରେ ଓଏଏସ୍ ଅଧିକାରିଣୀ ମମତାଜ ମହାରଣା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ତହସିଲ ଅଧୀନରେ ଥିବା ଡିଙ୍ଗିରା ଓ ମହୁପରା ଲିଜ୍ ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଘଟଣାରେ ସେ ବିବାଦୀୟ ହୋଇପଡ଼ିଥିଲେ। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତହସିଲଦାର ମହାରଣାଙ୍କୁ ଚାକିରିରୁ ନିଲମ୍ବନ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା।


**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**CORRIGENDUM**

**No.RDM-LAB-RGD-0010-2022-19827/R&DM. Dated 31 May 2025**

**No.XXVIII-12** : In inviting a reference to this Department Notification No.18907 dated 23.05.2025 issued u/s 93(1) of the RFCTLAR&R Act, 2013 for withdrawal of an area of **Ac.0.091** from acquisition of land in Village-Sunkarimentu under Rayagada Tahasil of Rayagada district for Construction of Titlagarh-Vizianagaram 3rd Rail Line Project in Rayagada District, the words "Collectorate, Malkangiri" appearing in Line No.7 of the said Notification may be read as **"Collectorate, Rayagada".**

The other terms and conditions in the Notification shall remain unchanged.

Sd./- (Madhusmita Sahoo)
Additional Secretary to Government

OIPR-24001/14/0240/2526



**OFFICE OF THE NOTIFIED AREA COUNCIL, G.UDAYAGIRI, KANDHAMAL**
Email id: orissagudnac@gmail.com
Letter No.2844, Date 23.12.2025
**CORRIGENDUM**
**E-Tender Notice No.2777/12.12.2025**
**Bid identification No.GUDGR-NAC-01/2025-26**

No.C-1890:At the page No.34, Schedule "C", **"List of Plants & Eqipments to be deployes on contract work (For Work Sl. No. 1 & 2)"** may read as **"List of Plants & Equipments to be deloplyes on contract work (For Work Sl.No.2 only)"** and at page no.35, in Sl.No. 6,9,10,11,12,13,14 the sentence (special for work sl.No.1) may read as **(special for work Sl.No.2).**
Other details are unchanged.

Sd./- Executive Officer
NAC, G.Udayagiri

OIPR-13202/11/0006/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KHORDHA**
Tel.No.(06755) 221502, E-mail: eemidkhurda@yahoo.co.in
Letter No.5943, Dt.22.12.2025

No.A-1185: **Invitation for Bids**
**Bid Identification No.SEMIDKHD 17/2025-26**

| | | | |
|---|---|---|---|
| 1. | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover system in Online Mode only for civil works in Check Dams under MATY Scheme and different Mips under CAPEX Scheme as detailed in the table below from the eligible Class of Contractors. | | |
| 2. | Nature of Work | : | Civil Works in MATY Scheme and Capex Scheme in different Blocks of Khordha District. |
| 3. | No. of Works | : | 07 (Seven) Nos. only |
| 4. | Cost of Bid Document | : | Rs.6,000/- and 10000/- through online only |
| 5. | Tender Value | : | Rs. to 52.85 Lakhs |
| 6. | Class of Contractor | : | 'B' Class as applicable |
| 7. | Availability of Bid documents Online | : | 10.30 A.M. of Dt.26.12.2025 to 5.30 PM of Dt.05.12.2025 |
| 8. | Last Date and Time for Receipt of Bids in the Portal | : | 5.30 P.M. of Dt.05.12.2025 |
| 9. | Date of Opening of Bids | : | 11.30 AM of Dt.06.12.2025 |
| 10. | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of Bid can also be seen in the said website. The Authority reserves the right to defer/reject/ accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./- Superintending Engineer
Minor Irrigation Division, Khordha

OIPR-32042/11/0031/2526



**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, SAMBALPUR**
PLOT NO.407 (FIRST FLOOR), AT-NEAR BIDYUT COLONY, AINTHAPALI
P.O.-AINTHAPALI, DIST-SAMBALPUR-768004
Email: eisambalpur-od@od.gov.in
No.1363/ Date: 23.12.25
**Tender Notice Ref.No.1276, Dt.26.11.2025**
**1st CORRIGENDUM**

NO.AA-50:Due to non-received of quotations from bidders with in due date i.e. on dt.23.12.2025 for hiring of office accommodation for functioning of Zonal Standard Testing Laboratory at Sambalpur the last date of submission of quotations from bidders and opening of tender is rescheduled as mentioned below:

1. The last date for submission of sealed quotations/ tenders for hiring of office accommodation for functioning of Zonal Standard Testing Laboratory at Sambalpur has been extended upto dt.07.01.2026, Time 05.30 P.M.
2. Date and Time of opening of sealed quotations on dt.08.01.2026 at 11.AM.

All other terms & conditions as per tender call notice under reference will remain unchanged.

Sd./- Additional Chief Engineer-cum-
Electrical Inspector, Sambalpur

OIPR-04091/11/0002/2526



**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER CITY FOREST DIVISION, BHUBANESWAR**
E-Procurement Notice
**INVITATION FOR BIDS (IFB)**
e-Procurement Bid Identification No.DFO(CFD)- FE & CC-01/2025-26
Letter No.255, Date: 22.12.2025
E-mail ID: dfo.cityforest@odisha.gov.in, Tel:0674-2548836

No.MM-427: Bid documents consisting of work, estimated cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website www.tendersodisha.gov.in.

| | | |
|---|---|---|
| 1 | Name of the Work | Construction of Building works as per DTCN available in the website www.tenderodisha.gov.in |
| 2 | No. of Works | 02 Nos. (Forest Guard Quarter-1 No., Forester Quarter-1 No. at different places of City Forest Division |
| 3 | No. of Covers | Single Cover |
| 4 | Estimated Cost | Rs.13.140 to Rs.16.259 |
| 5 | Period of Completion | 03 Calendar Months |
| 6 | Date & Time of Bidding | 11.00 Hrs. of 23.12.2025 to 17.00 Hrs of 02.01.2026 |
| 7 | Class of Contractor | "D" & "C" Class Contractor |
| 8 | Last Date & Time for receipt of bids in portal | 17.00 Hrs. of 02.01.2026 |
| 9 | Submission of Original documents (TP Cost, Bid Security Declaration, affidavit in scheduled-F), joint venture agreement with electrical contractor in case of composite and other documents as per DTCN | During Office hours of 17.00 P.M. of Dt.02.01.2026 |
| 10 | Bids received online shall be opend on | 11.00 Hrs. of 05.01.2026 |
| 11 | Name & Address of the Officer Inviting Bid | Divisional Forest Officer, City Forest Division, Greenpark Nursery, Saheed Nagar, Bhubaneswar |

Further, details can be seen from the e-Procurement portal www.tenderodisha.gov.in. The Addendum/ Corrigendum if any will be hosted in the website only.

Sd./- Divisional Forest Officer
City Forest Division, Bhubaneswar

OIPR-08150/11/0002/2526



**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

File No. ୨୮୩୧/୨୦୨୫ — Dated: ୦୮।୧୦।୨୦୨୫

No. X-03: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଗନିପୁଟ, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୮/୨୦୨୨, ତା୧୧।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୮୮୨୮ ତା୦୨।୦୮।୨୦୨୫ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଗନିପୁଟ, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗନିପୁଟ | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୧୨।୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
**ମୌଜା: ଗନିପୁଟ, ଥାନା: ବୈପାରିଗୁଡ଼ା ନଂ. - ୧୦୯, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୫ | ରୟତି | ୧୩୧୧ | ୨.୪୪୬ | ୦.୩୭୫ | ଡଙ୍ଗର | ଗୁପ୍ତ ମାଝୀ, ଚଉଧୁରୀ ମାଝୀ, ପି.: ଗୋବିନ୍ଦ ମାଝୀ, ଗୌରା ମାଝୀ, ସ୍ୱା: ଗୋବିନ୍ଦ ମାଝୀ, ଜା: ଭୂମିଆ, ବା: ନିଜଗାଁ |
| ୧୫ | ରୟତି | ୧୩୧୪ | ୧.୦୫୦ | ୦.୧୨୧ | ଡଙ୍ଗର | |
| ୧୫ | ରୟତି | ୧୩୧୫ | ୨.୧୩୭ | ୦.୦୫୬ | ଡଙ୍ଗର | |
| ୧୫ | ରୟତି | ୧୩୩୮ | ୨.୭୧୮ | ୧.୪୦୭ | ଡଙ୍ଗର | |
| ୧୯ | ରୟତି | ୧୧୧୪ | ୦.୪୯୪ | ୦.୧୧୯ | ଧାନ ଅଣଜଳସେଚିତ ଦୁଇ | ଗୁରୁ ପୂଜାରୀ, ସୁଦାମ ପୂଜାରୀ, ପାର୍ବତୀ ପୂଜାରୀ, ମଙ୍ଗୁଳି ପୂଜାରୀ, କୁଶ ପୂଜାରୀ, ପି.: ଉଗ୍ରସେନ ପୂଜାରୀ, ଘେନୁ ପୂଜାରୀ, ରଘୁନାଥ ପୂଜାରୀ, ଶତପଥୀ ପୂଜାରୀ, ପି.: ଆଦୁ ପୂଜାରୀ, ଜା: ରଣା, ବା: ନିଜଗାଁ |
| ୧୯ | ରୟତି | ୧୧୧୮ | ୦.୭୫୪ | ୦.୨୧୧ | ଧାନ ଅଣଜଳସେଚିତ ଦୁଇ | |
| ୧୯ | ରୟତି | ୧୨୯୮ | ୦.୩୬୩ | ୦.୧୦୪ | ଧାନ ଅଣଜଳସେଚିତ ଦୁଇ | |
| ୩୨ | ରୟତି | ୧୨୫୫ | ୩.୨୩୭ | ୧.୭୦୩ | ଡଙ୍ଗର | ଚନ୍ଦ୍ର ମାଝୀ, ପି.: ଡମ୍ବରୁ ମାଝୀ, ଜା: ଭୂମିଆ, ବା: ନିଜଗାଁ |
| ୩୨ | ରୟତି | ୧୨୬୦ | ୦.୫୮୧ | ୦.୫୭୬ | ଧାନ ଅଣଜଳସେଚିତ ଦୁଇ | |
| ୫୩ | ରୟତି | ୧୨୫୯ | ୨.୪୫୯ | ୦.୫୮୨ | ଡଙ୍ଗର | ତ୍ରିଲୋଚନ ଖରା, ଡମଣି ଖରା, ପି.: ଆଦୁ ଖରା, ବୁଦୁରି ଖରା, ପି.: ସମରା ଖରା, ଜା: ରଣା, ବା: ନିଜଗାଁ |
| ୫୮ | ରୟତି | ୧୧୪୬ | ୦.୫୧୪ | ୦.୨୪୭ | ଧାନ ଅଣଜଳସେଚିତ ଦୁଇ | ଦାମୋଦର କଲିଆ, ପି.: ଅର୍ଜୁନ କଲିଆ, ଜା: ଭୂମିଆ, ବା: ନିଜଗାଁ |
| ୫୮ | ରୟତି | ୧୨୫୮ | ୦.୯୭୧ | ୦.୦୭୭ | ଡଙ୍ଗର | |
| ୮୩ | ରୟତି | ୧୧୧୨ | ୦.୩୦୪ | ୦.୧୦୦ | ଧାନ ଅଣଜଳସେଚିତ ଦୁଇ | ପିତ କମାର, ସମନାଥ କମାର, ଗୁରୁ କମାର, ଲୁକୁ କମାର, ରାଜେନ୍ଦ୍ର କମାର, ପି.: ମୁଦି କମାର, ମଙ୍ଗଳା କମାର, ମାଧବ କମାର, ପି.: ହରିଶ୍ଚନ୍ଦ୍ର କମାର, ସନାଦେଇ କମାର, ସ୍ୱା.: ହରିଶ୍ଚନ୍ଦ୍ର କମାର, ଜା: କମାର, ବା: ନିଜଗାଁ |
| ୮୩ | ରୟତି | ୧୨୫୩ | ୨.୮୧୭ | ୦.୪୬୬ | ଡଙ୍ଗର | |
| ୮୩ | ରୟତି | ୧୨୬୫ | ୦.୧୪୩ | ୦.୦୪୧ | ଧାନ ଅଣଜଳସେଚିତ ଦୁଇ | |
| ୮୩ | ରୟତି | ୧୨୬୬ | ୦.୩୦୯ | ୦.୩୦୯ | ଧାନ ଅଣଜଳସେଚିତ ଦୁଇ | |
| ୮୩ | ରୟତି | ୧୨୬୭ | ୦.୧୭୩ | ୦.୧୫୧ | ଧାନ ଅଣଜଳସେଚିତ ଦୁଇ | |
| ୮୩ | ରୟତି | ୧୨୭୬/ ୧୪୨୮ | ୧.୫୫୭ | ୦.୦୨୭ | ଧାନ ଅଣଜଳସେଚିତ ଦୁଇ | |
| ୮୪ | ରୟତି | ୧୩୧୬ | ୧.୫୨୫ | ୦.୬୦୦ | ଧାନ ଅଣଜଳସେଚିତ ଦୁଇ | ପିତବାସ ମାଝୀ, କୃଷ୍ଣ ମାଝୀ, ଦୁର୍ଯ୍ୟୋଧନ ମାଝୀ, ପି.: ଗୋବର୍ଦ୍ଧନ ମାଝୀ, ଭାବଦେଇ ମାଝୀ, ସ୍ୱା.: ଗୋବର୍ଦ୍ଧନ ମାଝୀ, ଜା: ଭୂମିଆ, ବା: ନିଜଗାଁ |
| ୮୪ | ରୟତି | ୧୩୪୩ | ୩.୩୭୩ | ୧.୫୧୩ | ଡଙ୍ଗର | |
| ୮୬ | ରୟତି | ୧୩୦୩ | ୨.୧୨୫ | ୧.୬୧୯ | ଡଙ୍ଗର | ପୁରୁଷୋତ୍ତମ ବେରୁକୁ, ନାଥ ବେରୁକୁ, ପି.: ମହାଦେବ ବେରୁକୁ, ଜା: ରଣା, ବା: କୋରାପୁଟ |
| ୮୬ | ରୟତି | ୧୩୩୯ | ୧.୦୧୩ | ୦.୩୫୨ | ଡଙ୍ଗର | |
| ୮୬ | ରୟତି | ୧୩୪୪ | ୦.୨୭୨ | ୦.୦୨୮ | ଡଙ୍ଗର | |
| ୮୬ | ରୟତି | ୧୩୪୭ | ୭.୫୧୨ | ୦.୧୮୬ | ଡଙ୍ଗର | |
| ୧୦୨ | ରୟତି | ୧୧୨୦ | ୧.୧୯୮ | ୦.୧୨୬ | ଡଙ୍ଗର | ଭଗବାନ ଡମ, ପି.: କିଲୁ ଡମ, ସୋମନାଥ ଡମ, ବିଶ୍ୱ ଡମ, ଲଛମି ଡମ, ସନ ଡମ, ପି.: ଘାସିଆ ଡମ, ଘଡୁଆ ଡମ, ବୁଦୁ ଡମ, ଧନପତି ଡମ, ପି.: ଘାସି ଡମ, ଗୁପ୍ତ ଡମ, ଗୋରା ଡମ, ପି.: ଘଡୁ ଡମ, ଜା: ଡମ, ବା: ନିଜଗାଁ |
| ୧୦୨ | ରୟତି | ୧୧୩୩ | ୦.୩୭୧ | ୦.୦୯୬ | ଧାନ ଅଣଜଳସେଚିତ ଦୁଇ | |
| ୧୨୦ | ରୟତି | ୧୧୧୯/ ୧୪୨୬ | ୦.୪୯୪ | ୦.୧୩୩ | ଧାନ ଅଣଜଳସେଚିତ ଏକ | ଗୁକୁଣା ମାଝୀ, ସ୍ୱା.: ଦୈତାରୀ ମାଝୀ, ଜା: ରଣା, ବା: ନିଜଗାଁ |
| ୧୫୦ | ରୟତି | ୧୨୫୬ | ୪.୭୫୭ | ୦.୦୩୮ | ଡଙ୍ଗର | ହରିବନ୍ଧୁ ପାଲମ, ଡମ୍ବରୁ ପାଲମ, ସୁନାଧରୁ ପାଲମ, ପି.: ବଳରାମ ପାଲମ, ବଳଭଦ୍ର ପାଲମ, ନବିନା ପାଲମ, ପି: ଗୋପାଳ ପାଲମ, ଲକ୍ଷ୍ମୀ ପାଲମ, ସ୍ୱା.: ଗୋପାଳ ପାଲମ, ଜା: ରଣା, ବା: ନିଜଗାଁ |
| ୧୫୦ | ରୟତି | ୧୩୦୨ | ୩.୫୫୮ | ୦.୦୬୨ | ଡଙ୍ଗର | |
| ୨୨୨/ ୧୪ | ରୟତି | ୧୨୬୯/ ୧୪୩୯ | ୦.୫୯୩ | ୦.୦୦୪ | ଧାନ ଅଣଜଳସେଚିତ ଏକ | ବୁଦ୍ରା ହରିଜନ, ପି.: ଗୋବର୍ଦ୍ଧନ ହରିଜନ, ଜା: ଡମ୍ବ, ବା: ଗନିପୁଟ |
| ୨୨୨/ ୧୭ | ରୟତି | ୧୧୧୪/ ୧୪୪୨ | ୦.୯୮୮ | ୦.୮୦୦ | ଧାନ ଅଣଜଳସେଚିତ ଦୁଇ | ଶକୁନ୍ତଳା ସାହୁ, ସ୍ୱା.: ନନ୍ଦକିଶୋର ସାହୁ, ଜା: ବ୍ରାହ୍ମଣ, ବା: ବୈପାରିଗୁଡ଼ା |
| ୨୨୨/ ୧୭ | ରୟତି | ୧୧୧୩ | ୦.୯୧୯ | ୦.୮୨୭ | ଧାନ ଅଣଜଳସେଚିତ ଦୁଇ | |
| ୨୨୨/ ୨୮ | ରୟତି | ୧୧୧୭/ ୧୪୫୯ | ୦.୯୧୯ | ୦.୯୧୯ | ଧାନ ଅଣଜଳସେଚିତ ଦୁଇ | ଆଦୁ ମାଳି, ପି.: ସାନମୁଦି ମାଳି, ଜା: ମାଳି, ବା: ଲକ୍ଷ୍ମୀପୁର |
| ୨୨୨/ ୨୯ | ରୟତି | ୧୧୧୭/ ୧୪୬୦ | ୦.୯୧୯ | ୦.୮୦୬ | ଧାନ ଅଣଜଳସେଚିତ ଦୁଇ | ଡମ୍ବରୁ ମାଳି, ପି.: ସାନମୁଦି ମାଳି, ଜା: ମାଳି, ବା: ଲକ୍ଷ୍ମୀପୁର |
| ୨୨୨/ ୩୦ | ରୟତି | ୧୧୧୭/ ୧୪୬୧ | ୦.୯୨୨ | ୦.୯୨୨ | ଧାନ ଅଣଜଳସେଚିତ ଦୁଇ | ଦୟାନିଧି ମାଳି, ପି.: ଭଗବାନ ମାଳି, ଜା: ମାଳି, ବା: ଲକ୍ଷ୍ମୀପୁର |
| ୨୨୨/ ୩୧ | ରୟତି | ୧୧୧୭ | ୦.୯୨୨ | ୦.୯୦୧ | ଧାନ ଅଣଜଳସେଚିତ ଦୁଇ | ପୂର୍ଣ୍ଣ ମାଳି, ଭାଗିରଥି ମାଳି, ପି.: ରାମଚନ୍ଦ୍ର ମାଳି, ଜା: ମାଳି, ବା: ଲକ୍ଷ୍ମୀପୁର |
| | ମୋଟ | | | ୧୬.୬୦୫ | | |

| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | |
|---|---|
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | ୧୬.୬୦୫ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | - |
| ମୋଟ | ୧୬.୬୦୫ |

Sd./- Special Land Acquisition Officer
Jeypore - Malkangiri New B.G. Rail
Link Project-cum-Tahasildar, Boipariguda

OIPR-24385/14/0010/2526



**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

File No. 2812/2025 — Dated: 4.10.2025

No. X-16: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମୁଣ୍ଡିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୫/୨୨, ତା୧୧।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୨୫ ତା୨୮।୦୭।୨୦୨୫ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମୁଣ୍ଡିଗୁଡ଼ା, ଥାନା: ବୈପାରୀଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **https://koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡିଗୁଡ଼ା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | | | | ୧୨.୫୬୭ ଏକର | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୩୧।୧୨।୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
**ମୌଜା: ମୁଣ୍ଡିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟ**
**ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁଥିବା ଜମିର ରକମା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡିଗୁଡ଼ା | ଗ୍ରାମାଞ୍ଚଳ | ୧୧ | ୪୯ | ଜଳାଶୟ | ୦.୨୪୨ | ୦.୧୫୩ | ଗଙ୍ଗା ନାୟକ, ବଳରାମ ନାୟକ, ନରସିଂ ନାୟକ, ପି.: ପଦଳମ ନାୟକ, ଜା: ଭୂମିଆ, ବା: ନିଜଗାଁ |
| | | ୧୧ | ୫୦ | ଜଳାଶୟ | ୦.୨୩୫ | ୦.୧୮୭ | ଗଙ୍ଗା ନାୟକ, ବଳରାମ ନାୟକ, ନରସିଂ ନାୟକ, ପି.: ପଦଳମ ନାୟକ, ଜା: ଭୂମିଆ, ବା: ନିଜଗାଁ |
| | | ୧୧ | ୬୦ | ଧାନ ଅଣ ଜଳସେଚିତ ଦୁଇ | ୪.୧୨୭ | ୧.୦୬୮ | ଗଙ୍ଗା ନାୟକ, ବଳରାମ ନାୟକ, ନରସିଂ ନାୟକ, ପି.: ପଦଳମ ନାୟକ, ଜା: ଭୂମିଆ, ବା: ନିଜଗାଁ |
| | | ୧୨ | ୬୮ | ଧାନ ଅଣ ଜଳସେଚିତ ଏକ | ୨.୨୪୯ | ୦.୦୪୧ | ଗଜନା ନାଏକ, ଜୟନ୍ତୀ ନାଏକ, ପି.: ବଳରାମ ନାଏକ, ମାଳତି ନାଏକ, ବଲା ନାଏକ, ସ୍ୱା.: ବଳରାମ ନାଏକ, ଠକଧର ନାଏକ, ଖଗପତି ନାଏକ, କମଳଲୋଚନ ନାଏକ, ଉଦ୍ଧବ ନାଏକ, ପି.: ମାଧବ ନାଏକ, ବତୀ ନାଏକ, ସ୍ୱା.: ଅର୍ଜୁନ ନାଏକ, ତିଳ ନାଏକ, ପି.: ଜୟରାମ ନାଏକ, ରାଧା ନାଏକ, ପି.: ରାମ ନାଏକ, ଦୈତାରି ନାଏକ, ପି: ପରମାନନ୍ଦ ନାଏକ, ମୁକ୍ତା ନାଏକ, ପି.: ମଙ୍ଗଳା ନାଏକ, ଗୌରୀ ନାଏକ, ସ୍ୱା.: ମଙ୍ଗଳା ନାଏକ, ଜା: ଭୂମିଆ, ବା: ନିଜଗାଁ |
| | | ୧୬ | ୯ | ଧାନ ଅଣ ଜଳସେଚିତ ଏକ | ୦.୪୬୯ | ୦.୦୪୮ | ଗୌରଚନ୍ଦ୍ର ଦାସ, ପି.: ଉଦ୍ଧବ ଦାସ, ଜା: ବୈଷ୍ଣବ, ବା: ଘୁମର |
| | | ୧୬ | ୧୦ | ଧାନ ଅଣ ଜଳସେଚିତ ଏକ | ୦.୯୩୯ | ୦.୮୧୦ | ଗୌରଚନ୍ଦ୍ର ଦାସ, ପି.: ଉଦ୍ଧବ ଦାସ, ଜା: ବୈଷ୍ଣବ, ବା: ଘୁମର |
| | | ୨୮ | ୨ | ଧାନ ଅଣ ଜଳସେଚିତ ଏକ | ୨.୬୬୯ | ୧.୦୨୮ | ଡମୁଣୀ ନାଏକ, ପି.: ଶୁକୁ ନାଏକ, ଜା: ରଣା, ବା: ପ୍ରଧାନୀ ପୁଟ, ଶୁକଦେବ ନାଏକ, ପି.: ଗୁରୁ ନାଏକ, ଜା: ରଣା, ବା: ଦିଗାପୁର |
| | | ୨୮ | ୫ | ଧାନ ଅଣ ଜଳସେଚିତ ଏକ | ୨.୪୪୬ | ୧.୮୯୬ | ଡମୁଣୀ ନାଏକ, ପି.: ଶୁକୁ ନାଏକ, ଜା: ରଣା, ବା: ପ୍ରଧାନୀ ପୁଟ, ଶୁକଦେବ ନାଏକ, ପି.: ଗୁରୁ ନାଏକ, ଜା: ରଣା, ବା: ଦିଗାପୁର |
| | | ୩୪ | ୧୦୫ | ଧାନ ଅଣ ଜଳସେଚିତ ଏକ | ୦.୩୫୮ | ୦.୦୦୪ | ଧନ ପୂଜାରୀ, ପି.: ନାରାୟଣ ପୂଜାରୀ, ମକୁନ୍ଦ ପୂଜାରୀ, ଠକ ପୂଜାରୀ, ପି.: କେଶବ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୪ | ୧୦୭ | ଧାନ ଅଣ ଜଳସେଚିତ ଏକ | ୦.୩୪୬ | ୦.୦୦୧ | ଧନ ପୂଜାରୀ, ପି.: ନାରାୟଣ ପୂଜାରୀ, ମକୁନ୍ଦ ପୂଜାରୀ, ଠକ ପୂଜାରୀ, ପି.: କେଶବ ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୫ | ୫୫ | ଧାନ ଅଣ ଜଳସେଚିତ ଦୁଇ | ୦.୩୨୧ | ୦.୩୨୧ | ଧନ ପୂଜାରୀ, ପି.: ମଧୁ ପୂଜାରୀ, ସୁକ୍ର ପୂଜାରୀ, ଜୟ ପୂଜାରୀ, ପି.: ସୁତି ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୫ | ୫୬ | ଧାନ ଅଣ ଜଳସେଚିତ ଦୁଇ | ୦.୦୩୭ | ୦.୦୩୩ | ଧନ ପୂଜାରୀ, ପି.: ମଧୁ ପୂଜାରୀ, ସୁକ୍ର ପୂଜାରୀ, ଜୟ ପୂଜାରୀ, ପି.: ସୁତି ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୫ | ୫୭ | ଧାନ ଅଣ ଜଳସେଚିତ ଦୁଇ | ୦.୩୯ | ୦.୩୭୫ | ଧନ ପୂଜାରୀ, ପି.: ମଧୁ ପୂଜାରୀ, ସୁକ୍ର ପୂଜାରୀ, ଜୟ ପୂଜାରୀ, ପି.: ସୁତି ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୫ | ୫୮ | ଧାନ ଅଣ ଜଳସେଚିତ ଏକ | ୧.୫୯୪ | ୦.୧୩୪ | ଧନ ପୂଜାରୀ, ପି.: ମଧୁ ପୂଜାରୀ, ସୁକ୍ର ପୂଜାରୀ, ଜୟ ପୂଜାରୀ, ପି.: ସୁତି ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୫ | ୫୯ | ଧାନ ଅଣ ଜଳସେଚିତ ଦୁଇ | ୦.୩୨୧ | ୦.୩୨୧ | ଧନ ପୂଜାରୀ, ପି.: ମଧୁ ପୂଜାରୀ, ସୁକ୍ର ପୂଜାରୀ, ଜୟ ପୂଜାରୀ, ପି.: ସୁତି ପୂଜାରୀ, ଜା: ଭୂମିଆ, ବା: ନିଜଗାଁ |
| | | ୩୬ | ୬ | ଧାନ ଅଣ ଜଳସେଚିତ ଏକ | ୧.୫୮୧ | ୦.୭୩୯ | ଧନୁର୍ଜୟ ବଦାପୁଟିଆ, ପି.: କୋମଳ ଲୋଚନ ବଦା ପୁଟିଆ, ଜା: ଭୂମିଆ, ବା: ଘୁମର |
| | | ୩୬ | ୮ | ଧାନ ଅଣ ଜଳସେଚିତ ଏକ | ୦.୬୮ | ୦.୨୧୭ | ଧନୁର୍ଜୟ ବଦାପୁଟିଆ, ପି.: କୋମଳ ଲୋଚନ ବଦା ପୁଟିଆ, ଜା: ଭୂମିଆ, ବା: ଘୁମର |
| | | ୪୪ | ୩ | ବନ୍ଧ | ୦.୦୨୫ | ୦.୦୨୫ | ପାର୍ବତୀ ଖୁଣ୍ଟିଆ, ପି.: ଅର୍ଜୁନ ଖୁଣ୍ଟିଆ, ଜା: ଗୌଡ଼, ବା: ନିଜଗାଁ |
| | | ୬୩ | ୩୯ | ଧାନ ଅଣ ଜଳସେଚିତ ଦୁଇ | ୦.୭୨୯ | ୦.୬୯୦ | ରାମନାଥ ମିଶ୍ର, ଗଣନାଥ ମିଶ୍ର, ସୋମନାଥ ମିଶ୍ର, କେଦାରନାଥ ମିଶ୍ର, ବୈଦ୍ୟନାଥ ମିଶ୍ର, ପି.: ଗୋପୀନାଥ ମିଶ୍ର, ସରସ୍ୱତୀ ମିଶ୍ର, ସ୍ୱା.: ଗୋପୀନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ, ସଦାଶିବ ମିଶ୍ର, ହରି ମିଶ୍ର, ବନମାଳୀ ମିଶ୍ର, ପି.: ସତ୍ୟବାଦୀ ମିଶ୍ର, ଜା: ବ୍ରାହ୍ମଣ, ବା: ଜୟପୁର |
| | | ୭୬ | ୪ | ଧାନ ଅଣ ଜଳସେଚିତ ଏକ | ୦.୭୬ | ୦.୫୦୦ | ହରିଶ୍ଚନ୍ଦ୍ର ସାନ୍ତରା, ପି.: ନାରାୟଣ ସାନ୍ତରା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୭୬ | ୫୧ | ଧାନ ଅଣ ଜଳସେଚିତ ଦୁଇ | ୧.୨୧୧ | ୦.୩୮୭ | ହରିଶ୍ଚନ୍ଦ୍ର ସାନ୍ତରା, ପି.: ନାରାୟଣ ସାନ୍ତରା, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୧୨୧/ ୬ | ୩୭ | ଧାନ ଅଣ ଜଳସେଚିତ ଏକ | ୧.୨୮୫ | ୦.୯୩୪ | ଲବ ସେଠୀ, ପି.: ସନାଧର ସେଠୀ, ଜା: ଧୋବା, ବା: ଘୁମର |
| | | ୧୨୧/ ୧୦ | ୧/ ୬୦୫ | ଧାନ ଅଣ ଜଳସେଚିତ ଏକ | ୧.୯୭୪ | ୦.୧୪ | ହରି ହରିଜନ, ପି.: ସଦା ହରିଜନ, ଜା: ଡମ୍ବ, ବା: ଘୁମର |
| | | ୧୨୧/ ୧୧ | ୩୮ | ଧାନ ଅଣ ଜଳସେଚିତ ଏକ | ୦.୯୩୪ | ୦.୯୩୪ | ରାମଚନ୍ଦ୍ର ଦାସ, ପି.: ମୋହନ ଦାସ, ଜା: ବୈଷ୍ଣବ, ବା: ଘୁମର |
| | | ୧୨୧/ ୧୨ | ୪/ ୬୨୮ | ଧାନ ଅଣ ଜଳସେଚିତ ଏକ | ୧.୬୧୪ | ୧.୨୮ | ତୁଳସା ଶୁକ୍ରି, ସ୍ୱା.: ରଘୁନାଥ ଶୁକ୍ରି, ଜା: ରଣା, ବା: ଘୁମର |
| | | ୧୨୧/ ୧୪ | ୪/ ୬୩୦ | ଧାନ ଅଣ ଜଳସେଚିତ ଏକ | ୦.୪୯୪ | ୦.୧୬୦ | ରାମଚନ୍ଦ୍ର ଦାଶ, ପି.: ମୋହନ ଦାଶ, ଜା: ବୈଷ୍ଣବ, ବା: ଘୁମର |
| | | ୧୨୧/ ୧୫ | ୪୩ | ଡଙ୍ଗର | ୦.୨୨୩ | ୦.୦୧୧ | B. ହରିଶ୍ଚନ୍ଦ୍ର, ପି.: B. ଅର୍ଜୁନ, ଜା: ତେଲେଙ୍ଗା, ବା: ସୌରାସାହି, ଜୟପୁର |
| | | ୧୨୧/ ୧୫ | ୫୪ | ଡଙ୍ଗର | ୦.୧୬ | ୦.୧୩୦ | B. ହରିଶ୍ଚନ୍ଦ୍ର, ପି.: B. ଅର୍ଜୁନ, ଜା: ତେଲେଙ୍ଗା, ବା: ସୌରାସାହି, ଜୟପୁର |
| | | | | | ମୋଟ | ୧୨.୫୬୭ | |

OIPR-24385/14/0009/2526

Sd./- Spl. Land Acquisition Officer
-cum-Tahasildar, Kundra

**ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକଙ୍କ ଜୀବନ ଗଲା**

ବଲାଙ୍ଗିର, (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗିର ସହରର ବ୍ୟସ୍ତବହୁଳ ପାଟନେଶ୍ୱରୀ ମନ୍ଦିର ସମ୍ମୁଖ ମୁକୁଳା ଡ୍ରେନ୍‌ରେ ପଡ଼ି ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କ ଜୀବନ ଯାଇଛି। ସେ ହେଲେ ସ୍ଥାନୀୟ ଆମ୍ପଡ଼ା ନିବାସୀ ବୀରେନ୍ଦ୍ର ନାୟକ (୪୨)। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଜଳସେଚନ ପ୍ରକଳ୍ପ: ଝାରସୁଗୁଡ଼ା, କଳାହାଣ୍ଡି ପାଇଁ ୫୩୫ କୋଟି ମଞ୍ଜୁର

ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)

ରାଜ୍ୟରେ କୃଷି ଓ କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ରେ ଜଳସେଚନକୁ ପ୍ରାଥମିକତା ଦିଆଯାଇଛି। ଝାରସୁଗୁଡ଼ା ଏବଂ କଳାହାଣ୍ଡିରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ୩ଟି ପ୍ରକଳ୍ପରେ ୫୩୫ କୋଟି ଟଙ୍କା ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି।

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, କଳାହାଣ୍ଡିର ସାନ୍ଧୁଲ ବ୍ୟାରେଜ୍ ପ୍ରକଳ୍ପ ଅଧୀନ ୫,୦୦୦ ହେକ୍ଟର ଚାଷଜମିକୁ ଜଳ ଯୋଗାଣ ନିମନ୍ତେ ଭୂତଳ ପାଇପ୍ ଲାଇନ ଜଳସେଚନ ପ୍ରଣାଳୀର ନିର୍ମାଣ କାର୍ଯ୍ୟକୁ ଇ.ପି.ସି ଓ ଟର୍ନକି ପଦ୍ଧତିରେ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୫୪ କୋଟି ୭୨ ଲକ୍ଷ ୯୧ ହଜାର ୬୨୦ଟଙ୍କା ଖର୍ଚ୍ଚ କରାଯିବ। ଏହାବାଦ୍ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ମୂଲ୍ୟ ବାବଦକୁ ୭ କୋଟି ୭୩ ଲକ୍ଷ ୬୪ ହଜାର ୫୮୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ପ୍ରକଳ୍ପ ୩୦ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି।

'ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା' ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୩ ମାଧ୍ୟମରେ ୪ଟି ପ୍ରକଳ୍ପ ନିର୍ମାଣ ପୂର୍ବକ ହୀରାକୁଦ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରାଯିବ। ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ଝାରସୁଗୁଡ଼ା ଜିଲାର ୬,୩୬୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ କ୍ୟାବିନେଟ୍ ୧୭୬,୮୭,୫୬,୬୨୯.୦୦ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଏହାବାଦ୍ ପ୍ରକଳ୍ପର ଆସନ୍ତା ୧୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣର ମୂଲ୍ୟ ୧୪,୧୫,୦୦,୫୩୦.୨୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଟି ୩୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଝାରସୁଗୁଡ଼ାର ୭୫ ଗ୍ରାମର କୃଷକମାନେ ଉପକୃତ ହେବେ। ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩ ମାଧ୍ୟମରେ ଆଉ ୪ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୬୭ କୋଟି ୩୩ ଲକ୍ଷ ୯୫ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଏହାସହିତ ୧୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଲାଗି ଅତିରିକ୍ତ ୧୩,୩୮,୭୧, ୭୦୭.୦୧ ଟଙ୍କାର ଖର୍ଚ୍ଚ ଟେଣ୍ଡର ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଉକ୍ତ ପ୍ରକଳ୍ପକୁ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଝାରସୁଗୁଡ଼ାର ୧୦୧ ଗ୍ରାମର କୃଷକମାନେ ଉପକୃତ ହେବେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର ଉପରେ ଗୁରୁତ୍ୱାରୋପ

- ■ କୋଟିଆ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ
- ■ କୋଟିଆ ଅଞ୍ଚଳକୁ ପରିଦର୍ଶନରେ ଯିବେ ବରିଷ୍ଠ ଅଧିକାରୀ
- ■ ଆଗାମୀ ଶିକ୍ଷାବର୍ଷ ପୂର୍ବରୁ କୋଟିଆର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ନିର୍ମାଣ ଶେଷ ହେବ

ଭୁବନେଶ୍ୱର,୨୪।୧୨ (ସୁଜିତ୍ ମିଶ୍ର)

କୋଟିଆ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନକରି କୋଟିଆର ଲୋକମାନଙ୍କର ହୃଦୟ ଜିଣିବା ପାଇଁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ସୂଚନା ଦିଆଯାଇଛି, ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କୋଟିଆ ପଞ୍ଚାୟତରେ ପୂର୍ବରୁ ସରକାରଙ୍କ ପକ୍ଷରୁ ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହୋଇଛି। କୋରାପୁଟର ଉପଜିଲାପାଳ ବର୍ତ୍ତମାନ କୋଟିଆର ନୋଡାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। କୋଟିଆରେ ଜଣେ ଓଏଏସ୍ ଅଫିସରଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି କରିବାକୁ ପଦକ୍ଷେପ ନିଆଯାଇଛି। ଜିଲାପାଳଙ୍କ 'ବିକଶିତ କୋଟିଆ' ଯୋଜନା ଆଧାରରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ମହିଳା ଓ ଯୁବକଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କୋଟିଆର ଛାତ୍ରୀଛାତ୍ରଙ୍କ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷାର ନିୟମ କୋହଳ କରିବା ବିଚାରାଧୀନ ଅଛି। ଏହି ପରିପ୍ରେକ୍ଷୀରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ପରେ ଅଧିକ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱରରେ ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଶିକ୍ଷାବର୍ଷ ପୂର୍ବରୁ କୋଟିଆର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କୋଟିଆ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଗମ କରିବା ନିମନ୍ତେ ଜନଔଷଧି କେନ୍ଦ୍ର, ନିୟମିତ ସ୍ୱାସ୍ଥ୍ୟ ଶିବିର ଆଦି ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି । ତେବେ କୋଟିଆରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତର ସହ ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ଏବଂ ଭେଷଜ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

କୋଟିଆ ଏବଂ ଦେଓମାଳିକୁ ରାସ୍ତା ସଂଯୋଗ କାର୍ଯ୍ୟର ଅଗ୍ରଗତି କାର୍ଯ୍ୟକୁ ସମୀକ୍ଷା କରିବା ସହ ଯଥା ସମୟରେ ତାହାକୁ ସମାପ୍ତ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାର କଶ୍ମୀର ଦେଓମାଳିକୁ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ସମୃଦ୍ଧ କରିବା ନିମନ୍ତେ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଗଞ୍ଜେଇପଦର ଏବଂ ଦେଓମାଳିଠାରେ ଜଗନ୍ନାଥ ମନ୍ଦିରର ନବୀକରଣ ସହ ଆଗାମୀ ରଥଯାତ୍ରା ଅଧିକ ବର୍ଣ୍ଣାଢ୍ୟ ଭାବେ ପାଳନକରିବା ପାଇଁ ମନ୍ତ୍ରୀ ପୂଜାରୀ ଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍ଏନ୍, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସାଉଥ-ୱେଷ୍ଟର୍ନ ଡିଆଇଜି, କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି, ପଟ୍ଟାଙ୍ଗୀ ବିଡିଓ, ପଟ୍ଟାଙ୍ଗୀ ତହସିଲଦାର, ବନଖଣ୍ଡ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଥାନା ଆଇଆଇସି, କୋଟିଆ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOL, PO-SUNGUDA, JAJPUR- 754296, Tel.No.0671-2444488, Email:serw_kpd@yahoo.com

Letter No.4432, **1st Corrigendum Notice** Date:23.12.25

1st Corrigendum to Bid Identification No. Tender Online RCK-20/25 invited by this Office vide Letter No.4008, Dt.27.11.2025.

No.O-1870: The changes as detailed below are hereby made in the above N.I.T.:-

1. Clause No.-06 of NIT modified below:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-20/25 | From 10.12.2025 at 11.00 AM to 29.12.2025 upto 05.00 PM | From 10.12.2025 at 11.00 AM to 12.01.2026 upto 05.00 PM | 29.12.2025 upto 02.00 PM | 12.01.2026 upto 02.00 PM | 30.12.2025 at 11.00 AM | 13.01.2026 at 11.00 AM | Will be Intimated Later | Will be Intimated Later |

2. Annexure of NIT is hereby modified as below:

| Sl.No. | Name of the Division | Name of the Road Work | Approx Estimated Cost put to tender (Rs.in Lakhs) | EMD 1% of Estimated cost put to tender Rs. in lakhs | Class of Contractor eligible | Time for completion (in Calendar month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 18 | R.W.Division, Kendrapara-I | Construction of Road from Haridaspur Sani Mandira gada to Bedari School, via Solpat road under MMSY-TRIP in the Dist. of Kendrapara for the year 2025-26 | 341.98 | 3.42 | "A" Class | 9 Months |

All other conditions of NIT remain unaltered.

OIPR-25129/11/0077/2526

Sd./- Chief Construction Engineer
Rural Works Circle, Kendrapara-Jajpur

## ପୌରପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: 2712 ତା: 22.12.25ରିଖ

No. C-1871: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୦୯, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପାର୍ଶ୍ୱରେ ଥିବା ୩୦ଗୋଟି ଦୋକାନ ଗୃହ (Vending Zone)ର ୨୦୨୫-୨୬ ଆର୍ଥିକ ବର୍ଷ ଆବଣ୍ଟନ ପାଇଁ ନିର୍ଦ୍ଧାରିତ ଫର୍ମ ଦ୍ୱାରା ବନ୍ଦ ଲଫାପାରେ ଆବାହନ କରାଯାଉଅଛି। ଆଗ୍ରହୀ/ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ଆବେଦନର ସର୍ତ୍ତାବଳୀ ନିମ୍ନମତେ ପ୍ରଦାନ କରାଗଲା।

**ସର୍ତ୍ତାବଳୀ:**

୧. ଆବେଦନକାରୀ ଅତିକମ୍‌ରେ ସୁନ୍ଦରଗଡ଼ ପୌରପାଳିକାରେ ୩୦ବର୍ଷର ବାସିନ୍ଦା ହୋଇଥିବା ଆବଶ୍ୟକ। (ଜମି ପଟ୍ଟା କିମ୍ବା ବାସିନ୍ଦା ପ୍ରମାଣ ପତ୍ର କିମ୍ବା ଓଡ଼ିଶା ସରକାରଙ୍କ ରାଜସ୍ୱ ଦେୟର ରସିଦ)।
୨. ପୂର୍ବ ପୌର ବକେୟା ଦେୟ ଥିବା ବ୍ୟକ୍ତି ଆବେଦନ କରି ପାରିବେ ନାହିଁ।
୩. ଇଚ୍ଛୁକ ବ୍ୟକ୍ତି ଫର୍ମ ବିକ୍ରି ମୂଲ୍ୟ ବାବଦରେ ଟ.୫୦୦ଙ୍କା (ପାଞ୍ଚ ଶତ ଟଙ୍କା) ଜମା କରି ପୌର କୋଷାଧ୍ୟକ୍ଷଙ୍କଠାରୁ ପ୍ରାପ୍ତ କରି ନିର୍ଦ୍ଧାରିତ ତାରିଖ ପୂର୍ବରୁ ଫର୍ମକୁ ନିର୍ଭୁଲ ଭାବରେ ପୂରଣ କରି ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ଭିତରେ ଥିବା ବନ୍ଦ ବାକ୍ସରେ ପକେଇ ପାରିବେ।
୪. ଯୋଗ୍ୟ ବିବେଚିତ ବ୍ୟକ୍ତି ଟ.୫,୦୦୦.୦୦ (ପାଞ୍ଚ ହଜାର) ଟଙ୍କା ପୌର ପାଣ୍ଠିରେ ପଇଠ କରିବା ପରେ ନିର୍ବାହୀ ଅଧିକାରୀଙ୍କ ସହିତ ଚୁକ୍ତିନାମା କରିବେ।
୫. ଗୋଟିଏ ପରିବାରର ଜଣେ ମାତ୍ର ବ୍ୟକ୍ତି ଏକ ଗୋଟି ଦୋକାନ ଗୃହ ପାଇଁ ଆବେଦନ କରିପାରିବେ।
୬. ଆବେଦନକାରୀ ନିଜର (ବାର୍ଷିକ ଆୟ ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କାରୁ କମ୍) ତହସିଲ ପ୍ରଦତ୍ତ ବାର୍ଷିକ ଆୟର ଅସଲ ପ୍ରମାଣ ପତ୍ର ସଂଲଗ୍ନ କରିବେ।
୭. ଆବେଦନକାରୀ ନିଜେ କିମ୍ବା ଘରର କୌଣସି ବ୍ୟକ୍ତି ସରକାରୀ ଚାକିରୀ କରୁ ନଥିବେ।
୮. ଆବେଦନରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୯. ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ମାଦକ ଦ୍ରବ୍ୟ ଓ ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ।
୧୦. ତହସିଲ ଭୁକ୍ତ ଜାତି ପାଇଁ ୩% (ତିନି ପ୍ରତିଶତ)/୧ଟି (ଏକ ଗୋଟି), ତହସିଲ ଭୁକ୍ତ ଜନଜାତି ପାଇଁ ୩% (ତିନି ପ୍ରତିଶତ)/୧ଟି (ଏକ ଗୋଟି), ବିଧବା ପାଇଁ ୧ଟି (ଏକ ଗୋଟି), ଭିନ୍ନକ୍ଷମ ପାଇଁ ୧ଟି(ଏକ ଗୋଟି) ଦୋକାନ ଆରକ୍ଷଣ ରଖାଯାଇଅଛି।
୧୧. ସୁନ୍ଦରଗଡ଼ ପୌରପାଳିକା ଅନ୍ତର୍ଗତ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। (ସର୍ତ୍ତାବଳୀ ଲାଗୁ)।
୧୨. ପ୍ରତି ୧ ବର୍ଷରେ ଥରେ ଲିଜ୍ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡ଼ା ବୃଦ୍ଧି କରାଯିବ।
୧୩. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ.୫୦୦/- ଭଡ଼ା ବାବଦକୁ ନିଆଯିବ।
୧୪. ଆବେଦନକାରୀଙ୍କର ଭୋଟ ପରିଚୟ ପତ୍ର, ଆଧାର କାର୍ଡ଼ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ।
୧୫. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି (ସରକାରୀ/ବେସରକାରୀ/RDA)ରେ ଦୋକାନ ନଥିବ। (ସ୍ୱୟଂ ଘୋଷଣା ପତ୍ର)
୧୬. କାର୍ଯ୍ୟନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୧୭. ଆବଣ୍ଟନ ସଂକ୍ରାନ୍ତୀୟ ତଥ୍ୟ ପୌର ପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ।
୧୮. ବିଶଦ ବିବରଣୀ ପାଇଁ ସୁନ୍ଦରଗଡ଼ ପୌରପାଳିକାର ଟିକସ ବିଭାଗ ସହିତ ଯୋଗାଯୋଗ କରିପାରିବେ।
 କ) ତା୨୪।୧୨।୨୫ରିଖରୁ ତା୦୬।୦୧।୨୬ରିଖ ଆବେଦନ ପେପର ବିକ୍ରୟ କରାଯିବ।
 ଖ) ତା୦୬।୦୧।୨୬ରିଖ ସମୟ: ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ ପେପର ଗ୍ରହଣ କରାଯିବ (ପୋଷ୍ଟ/କୋରିଅର ସେବା/ବାକ୍ସ ଦ୍ୱାରା)।
 ଗ) ତା୦୭।୦୧।୨୬ରିଖ ସମୟ: ପୂର୍ବାହ୍ନ ୧୧ଟାରେ ଆବେଦନ ଖୋଲାଯିବ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼-ପୌରପରିଷଦ

OIPR-13163/11/0023/2526

## 'e'- PROCUREMENT NOTICE NO.15/2025-26

No.O-1841:

1. Name of Work : Building Works
2. Total No. of Work : 2 (Two) Works
3. Estimated Cost : Rs.73.72 to 75.53 Lakhs
4. Period of Completion : 09 (Nine) Calendar Months
5. Class of Contractors : 'B' Class only

**Other details as follows:**

a) Procurement Officer : Superintending Engineer, Rural Works Division, Cuttack
b) Availability of tender online for bidding : From dt.26.12.2025 at 11.00 AM to dt.06.01.2026 upto 5.00 P.M.
c) Last date & time of seeking of tender clarification : Dt.05.01.2026 upto 5.00 P.M.
d) Date & Time of Opening Technical Bid : Dt.07.01.2026 at 11.00 A.M.

Further details can be seen from the Govt. website www.tendersorissa.gov.in.

Sd./- Superintending Engineer
Rural Works Division, Cuttack

OIPR-25053/11/0058/2526

## ODISHA STATE CO-OPERATIVE MARKETING FEDERATION LTD.
## MARKFED-ODISHA

Old Station Road, Bhubaneswar-751006, E-mail-odishamarkfed@gmail.com

"e" Procurement Notice
Bid Identification No.MARKFED/04/2025-26
Civil/400/2025-26
No.CAD-2814 No.4603, Date:22.12.25

1. Name of the Work : Repair & renovation of Head Office of MARKFED at Bhubaneswar.
2. No. of Works : 1 (One)
3. Estimated Cost : 74.51 Lakh
4. Period of Completion : 6 (Six) Months
5. Date & Time of availability of bid document in the portal: From 11.00 AM of 26.12.2025 to 5.30 PM on 22.01.2026.
6. Last date/time of receipt of Bids in the portal: 5.30 P.M. on 22.01.2026.
7. Date of Opening of Bid from portal: 12.00 hours on 27.01.2026.
8. Name & Address of the Officer Inviting Bid: Managing Director, MARKFED-Odisha, Old Station Road, Bhubaneswar-751006.
9. The Bidders have to participate in ONLINE bidding only. Further details can be seen from the website "e-Procurement portal www.tendersodisha.gov.in" & any addendum, corrigendum, cancellation of tender can also be seen in the said website.

Sd./- Managing Director
MARKFED-ODISHA

OIPR-39017/11/0018/2526

## ODISHA PUBLIC SERVICE COMMISSION, CUTTACK
### NOTICE

No. 8910/ PSC Dt.24.12.2025
1E-20-2025/26 (DR - III)

### Recruitment to the Post of Post Graduate Teacher in Discipline - POLITICAL SCIENCE (Advertisement No. 25 of 2023-24)

No. D-285: In continuation to this Office Notice No. 8117/PSC, Dtd.21.11.2025, it is for information of all "shortlisted candidates" that the **Document Verification and Interview/Personality Test** for recruitment to the post of **Post Graduate Teacher in Political Science Discipline**, pursuant to Advertisement No. 25 of 2023-24 will be held from **05.01.2026 to 09.01.2026** in the office of OPSC 19, Dr. P.K. Parija Road, Cuttack - 753001 as per programme detailed below.

### PROGRAMME OF DOCUMENT VERIFICATION & INTERVIEW

| Date | Time of Verification | Time of Interview | Roll No. of Candidates |
|---|---|---|---|
| 05.01.2026 | 08.30 A.M. | 10.30 A.M. | 103219, 103222, 103224, 103225, 103226, 103228, 103231, 103234, 103237, 103242, 103243, 103246, 103247, 103251, 103259, 103271, 103273, 103276, 103279, 103282, 103285, 103291, 103292, 103294, 103298, 103307, 103311, 103316, 103319, 103324, 103330, 103331, 103337, 103340, 103351, 103357, 103372, 103374, 103380, 103383, 103394, 103395, 103398 & 103399 = **44 Candidates** |
| | 12.30 P.M. | 02.30 P.M. | 103401, 103402, 103403, 103405, 103407, 103410, 103414, 103420, 103426, 103428, 103429, 103437, 103444, 103449, 103454, 103461, 103462, 103465, 103467, 103472, 202326, 202327, 202329, 202347, 202359, 202361, 202383 & 202399 = **28 Candidates** |
| 06.01.2026 | 08.30 A.M. | 10.30 A.M. | 202403, 202406, 202408, 202423, 202424, 202433, 202434, 202439, 202450, 202451, 202455, 202467, 202473, 202476, 202478, 202485, 202492, 202498, 290019, 307836, 307839, 307841, 307844, 307845, 307846, 307850, 307852, 307854, 307864, 307867, 307888, 307890, 307893, 307896, 307898, 307900, 307901, 307905, 307912, 307915, 307917, 307918, 307924 & 307927 = **44 Candidates** |
| | 12.30 P.M. | 02.30 P.M. | 307935, 307943, 307948, 307950, 307952, 307953, 307958, 307960, 307961, 307966, 307968, 307969, 307975, 307982, 307990, 307991, 307993, 307996, 307998, 307999, 308001, 308002, 308004, 308005, 308013, 308015, 308017 & 308019 = **28 Candidates** |
| 07.01.2026 | 08.30 A.M. | 10.30 A.M. | 308022, 308023, 308030, 308034, 308036, 308039, 308040, 308045, 308047, 308049, 308056, 308058, 308061, 308070, 308092, 308093, 308094, 308098, 308109, 308113, 308128, 308132, 308142, 308143, 308149, 308161, 308163, 308169, 308178, 308181, 308189, 308194, 308197, 308200, 308204, 308209, 308223, 308228, 308238, 308246, 308260, 308270, 308275 & 308281 = **44 Candidates** |
| | 12.30 P.M. | 02.30 P.M. | 308287, 308291, 403498, 403513, 403515, 403526, 403530, 403533, 403542, 403543, 403544, 403545, 403550, 403556, 403561, 403568, 403571, 403572, 403573, 403574, 403577, 403578, 403610, 403612, 403617, 403619, 403620 & 403622 = **28 Candidates** |
| 08.01.2026 | 08.30 A.M. | 10.30 A.M. | 403623, 403630, 403634, 403635, 403643, 403644, 403650, 403655, 403660, 403665, 403670, 403674, 403681, 403685, 403686, 403697, 403703, 490045, 505016, 505017, 505024, 505029, 505035, 505046, 505052, 505054, 505058, 505062, 505069, 505071, 505073, 505079, 505089, 505090, 505093, 505094, 505095, 505097, 505105, 505108, 505116, 505118, 505126 & 505128 = **44 Candidates** |
| | 12.30 P.M. | 02.30 P.M. | 505131, 505133, 505148, 505152, 505154, 505155, 505156, 505158, 505159, 505161, 505162, 505164, 505172, 505174, 505178, 505185, 505189, 505201, 505210, 505211, 505218, 505219, 505220, 505222, 505224, 505230, 505231 & 505232 = **28 Candidates** |
| 09.01.2026 | 08.30 A.M. | 10.30 A.M. | 505233, 505234, 505235, 505238, 505239, 505242, 505243, 505259, 505261, 505265, 505271, 505273, 505276, 505280, 505281, 505288, 505291, 505293, 505294, 505297, 505298, 505301, 505302, 505303, 505304, 505305, 505306, 505307, 505308, 505309, 505329, 505334, 505337, 505338, 505342, 505343, 505345, 505351, 505352, 505361, 505365, 505379, 505381 & 505385 = **44 Candidates** |
| | 12.30 P.M. | 02.30 P.M. | 505388, 505398, 505400, 505402, 505405, 505408, 505412, 505417, 505420, 505431, 505433, 505436, 505441, 505452, 505454, 505460, 505461, 505462, 505466, 505471, 505480, 505483, 505497, 505500, 505501, 505502 & 505506 = **27 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Odia Test Pass Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**); wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any "civil post" after retirement from military service, wherever applicable.
13. Identity Card for Sports Persons issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with "passport size photograph" (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0353/2526 Sd./ - Secretary

# ରାମଚନ୍ଦ୍ର ଉଲାକାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

ରାୟଗଡ଼ା,୨୪।୧୨ (ଆଶିଷ ରଞ୍ଜନ ପଣ୍ଡା)

ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଛକ ନିକଟସ୍ଥ ପଡ଼ିଆରେ ଆୟୋଜିତ ସଭାରେ ସମସ୍ତ ଦଳୀୟ ନେତା ଏକାଠି ହୋଇ ରାୟଗଡ଼ା ଜିଲାରୁ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଯୋଗଦେଇଥିଲେ। ଏଥିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କୋରାପୁଟ ଏମ୍‌ପି ତଥା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପୁଅ ସପ୍ତଗିରି ଶଙ୍କର ଉଲାକା,ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷି ବାହିନୀପତି, ବରିଷ୍ଠ ନେତ୍ରୀ ତଥା ସ୍ୱର୍ଗତ ଉଲାକାଙ୍କ ସ୍ତ୍ରୀ ରତ୍ନମଣି ଉଲାକା, ଏମ୍‌ପିଙ୍କ ସ୍ତ୍ରୀ ପୂଜା ଉଲାକା, ବିଧାୟକ ରମେଶ ଜେନା, ପବିତ୍ର ସାଉଁତା, ଆପଲସ୍ୱାମୀ କାଡ୍ରାକା, ସତ୍ୟଜିତ ଗମାଙ୍ଗଙ୍କ ସମେତ ଅନ୍ୟ ବିଧାୟକ ତଥା ବରିଷ୍ଠ ନେତା ଯୋଗଦେଇଥିଲେ।

## यूनियन बैंक ऑफ इंडिया | Union Bank of India

ଭାରତ ସରକାର କା ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

### ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୦୯.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଯାଜପୁର ଟାଉନ-୩ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୯୪୦୬୮୮୮୪୮, ଇମେଲ: ubin0918024@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ଆର୍ ଏସ୍ କନ୍‌ଷ୍ଟ୍ରକସନ୍ ଆଣ୍ଡ ଇଞ୍ଜିନିୟରିଂ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ, ଉଭୟଙ୍କ ଠିକଣା- ସା: ବାଲିଚନ୍ଦ୍ରପୁର (ବାଲିସାହି), ପୋ: ବରୀକୁଳ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪ | ୧୩.୧୧.୨୦୨୫ ସୁଦ୍ଧା ଟ.୧୦,୩୪,୬୩୩.୪୩ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସାବିକ ଖାତା ନଂ.: ୩୧୪, ସାବିକ ପ୍ଲଟ୍ ନଂ.: ୭୧, ମୌଜା: ବାଲିଚନ୍ଦ୍ରପୁର, ଥାନା: ବିଂଝାରପୁର, ଥାନା ନଂ. ୪୩୮, ଏସ୍ଆରଓ: ମାଁସଡା, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୦୮ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରବି ପାଗଳ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଶତ୍ରୁଘ୍ନ ସାହୁ, ପଶ୍ଚିମ: ଶିବପ୍ରସାଦ ଦାସ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩,୦୭,୪୯୫.୭୩ / ଅମାନତ ଜମା ରାଶି: ଟ.୩୦,୭୪୯.୫୭ / ବିଡ୍ ବୃଦ୍ଧି ରାଶି: ଟ.୩,୦୭୮.୦୦

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ଏସ୍.ଏମ୍. ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ୰ ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ପ୍ରଭାତୀ ଦାସ, ସ୍ୱାମୀ: ୰ ଶଙ୍କର କୁମାର ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁକିନ୍ଦା, ଥାନା: ସୁକିନ୍ଦା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୮ | ୧୩.୧୧.୨୦୨୫ ସୁଦ୍ଧା ଟ.୫,୬୫,୯୪୭.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୨: ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬୪/୧୧୪, ପ୍ଲଟ୍ ନଂ.: ୨୧୨୮/୩୧୩୧, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ମୌଜା: ମାଧପୁର, ଥାନା: ସୁକିନ୍ଦା (ଥାନା ନଂ.-୧୦୩), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସତ୍ୟନାରାୟଣ ମହାପାତ୍ର, ପଶ୍ଚିମ: ନିଜସ୍ୱ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୫,୩୦,୦୦୦.୦୦ / ଅମାନତ ଜମା ରାଶି: ଟ.୧,୫୩,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୫,୩୦୦.୦୦

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୨୪.୧୨.୨୦୨୫ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୩: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍କନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୯୦,୨୪୫.୦୦ / ଅମାନତ ଜମା ରାଶି: ଟ.୭୯,୦୨୪.୫୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀ, ସା: ଆମ୍ପୋର, ପୋ: ଜଳସୁଆପାଟଣା, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରତ୍ନାକର ମହାରଣା, ସା.: ଟୋଲକାନୀ, ପୋ.: ଚିତୀରି, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ | ୨୪.୧୨.୨୦୨୫ ସୁଦ୍ଧା ଟ.୩,୫୫,୭୫୦.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ବିବରଣୀ-୪: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୮, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଆମ୍ପୋର, ପୋ: ଜଳସୁଆପାଟଣା, ଥାନା: ଟମକା, ଥାନା ନଂ. ୬୭, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୀର୍ତ୍ତନ ମହାପାତ୍ର, ପଶ୍ଚିମ: ପାଣୁ ସେଠୀ ଏବଂ ରାସ୍ତା, ଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ ଏବଂ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୪୫,୭୫୫.୦୦ / ଅମାନତ ଜମା ରାଶି: ଟ.୧,୦୪,୫୭୫.୫୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୪୫୮.୦୦

**ବରୁଆଁ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୪୪୯୦୦୮୨୫୨, ଇମେଲ: ubin0806633@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ରାଜେଶ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ମହେନ୍ଦ୍ର ଭୂୟାଁ, ପିତା: ମନମୋହନ ଭୂୟାଁ / ଜାମିନ୍‌ଦାର ତଥା ବନ୍ଧକଦାତା: ଶ୍ରୀ ମନମୋହନ ଭୂୟାଁ, ପିତା: ନନ୍ଦ ଭୂୟାଁ, ଉଭୟଙ୍କ ଠିକଣା- ସା: ରଘୁନାଥପୁର, ପୋ: ଏରବାଙ୍କ, ବରୁଆଁ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୭ | ୨୪.୧୨.୨୦୨୫ ସୁଦ୍ଧା ଟ.୧୭,୯୯,୧୬୪.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୫: ଶ୍ରୀ ମନମୋହନ ଭୂୟାଁ, ପିତା: ନନ୍ଦ ଭୂୟାଁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୪୪ (ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୧୫୩/୪୮), ପ୍ଲଟ୍ ନଂ.: ୩୮୪, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ରଘୁନାଥପୁର, ଥାନା: ଯାଜପୁର ସଦର, ଏସ୍ଆରଓ: ବରୀ, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ନନ୍ଦ ଭୂୟାଁ, ଦକ୍ଷିଣ: ବିଟି ରୋଡ୍, ପୂର୍ବ: ଜଳଦ ଭୂୟାଁ, ପଶ୍ଚିମ: ଅନାବାଦୀ (ସରକାରୀ ଜମି)
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୫,୩୦,୦୦୦.୦୦ / ଅମାନତ ଜମା: ଟ.୧,୫୩,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୫,୩୦୦.୦୦

ଇ-ନିଲାମ ତାରିଖ ଏବଂ ସମୟ: ୦୯.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର, ତାରିଖ: ୨୪.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଥଉଲା ୨୦୨୫


ଦିଲ୍ଲୀ ବିଧାନସଭା
ଆପ
ଆମ ଠାକୁରଙ୍କୁ ଅପମାନ କରିବାର ପରିଣାମ ଦେଖିଲ ତ !
ସୋସିଆଲ୍ ମିଡ଼ିଆ
ନାନୀ, ସବୁ ତ ବଢ଼ିଛି ମୁଁ ଟିକେ ବଢ଼ିଲି ଏତେ ଡରୁଛ କାହିଁକି ?
ସାର, ଜନତାଙ୍କୁ କହିବେ,
ସବୁଦିନ କରନ୍ତି ନା କେବଳ ଆଜି ପାଇଁ
ଓଡ଼ିଶା
ବ୍ୟବସ୍ଥା
ବିଜେଡି
ଆଜି ବନ୍ଧୁ
ବାଧ୍ୟତାମୂଳକ ଅବସର
ସବୁ କିଛି ସମୟ, ନିୟମ ଅନୁସାରେ
ଏଇଥି ପାଇଁ ବାପାଙ୍କ କଥାରେ ସରକାରୀ ଚାକିରି କରିଥିଲି !
ଆସନ୍ତା ମାସରୁ ଓଡ଼ିଶାରେ ଏସଆଇ
ଦି ଆଡ଼େ ଦଉଥିଲି ଭଲ ଖାଉଥିଲି, ଏଥର ସବୁ ଯିବ
ସାର କଳାବଜାର
କ'ଣ ହେବ, ମୁଁ କ'ଣ ଆଉ ଫେରିବି ନା ଗୀତ ଶୁଣାଇପାରିବି
ଗଣମାଧ୍ୟମ
ବାପାଲୋ, ପନିପରିବାର କି ଭାଉ, ଲାଗୁଛି ଏ ବର୍ଷ ଆଉ ହାଟକୁ ଆସିହେବନି
ଖାଉଟି
ମୋ ପାଇଁ ହୋଇଥିବା ସମସ୍ୟାରେ ମୁଁ ଦୁଃଖିତ
ଆମର ଏତେ କ୍ଷତି ପାଇଁ ଦାୟୀ କିଏ ?
IndiGo
ସବୁବେଳେ ବିରୋଧ, ହଙ୍ଗାମା
ମନ୍ତ୍ରୀ, ବିଧାୟକଙ୍କ
© Dharitri

ଶେଷ ପାଦରେ ୨୦୨୫। ଚଳିତବର୍ଷ ମନୋରଞ୍ଜନ ଦୁନିଆରେ ଅନେକ ଘଟଣା ଘଟିଯାଇଛି । ଏ ବର୍ଷ ଓଲିଉଡ୍, ବଲିଉଡ୍ ଏବଂ ହଲିଉଡ୍‌ରେ ଘଟିଥିବା ପ୍ରମୁଖ ଘଟଣାବଳୀ ବିଷୟରେ ସୂଚନା...

# ପରଦା

## ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର

ଗତ କିଛି ବର୍ଷ ଧରି ପ୍ରାୟ ୩୦ରୁ ଅଧିକ ସିନେମା ପରଦା ଉପରକୁ ଆସିଥିଲା । କିନ୍ତୁ ସଫଳତାର କଥା ଉଠିଲେ ଏହି ସଂଖ୍ୟା କେତୋଟି ହାତଗଣତି ହେବ । ଚଳିତ ବର୍ଷ ମୋଟ ୩୬ଟି ସିନେମା ମୁକ୍ତିଲାଭ କରିଛି । ସେଗୁଡିକ ହେଲା– 'ୱାଇଫ'(ବର୍ଷା ପ୍ରିୟଦର୍ଶନୀ), 'ରଙ୍ଗଶୁର' (ସୂର୍ଯ୍ୟମୟୀ), 'ବଇଦ' (ଶୁଭାଙ୍ଗୀ ହରିଚନ୍ଦନ, ସାଇଶ୍ରୀତ ଦାସ), 'ଆଞ୍ଜେଲ' (ପାର୍ଥସାରଥି ରାୟ, କାବ୍ୟା କିରନ୍), 'ସନାତନୀ' (ସମ୍ବିତ ଆଚାର୍ଯ୍ୟ, ଆର୍ଲିନ ଅଙ୍କିତା), 'ମିଶିରି' (ପ୍ରସନ୍ନଜିତ ମହାପାତ୍ର), 'ଭାଲେଣ୍ଟାଇନ୍' (ସମ୍ବିତ କୁମାର ସାହୁ, ବର୍ଷା), 'ଘମାଘୋଟ' (ସନୋଜ କୁମାର, ଜୟଶ୍ରୀ ଷଡ଼ଙ୍ଗୀ), 'ଶିମଲୀ' (ମନୋଜ ରାଉତ, ସୂର୍ଯ୍ୟମୟୀ), 'ଆଜିର ରେବତୀ' (ଶୀତଲ ପାତ୍ର), 'ଡଷ୍ଟବିନ୍' (ପପୁ ପମ୍‌ପମ୍, ପ୍ରାଚୀ), 'ପାଦେ ଆକାଶ' (ଅର୍ଚ୍ଚିତା ସାହୁ), 'ରାକେଟ୍' (ଦୁଷ୍ମନ୍ତ ପଣ୍ଡା, ଆର୍ଲିନ ଅଙ୍କିତା), '୧୯୯୯ : ଏକ ସଂଗୁପ୍ତ କାହାଣୀ' (ଡା. ମନୋଜ କୁମାର ମିଶ୍ର), 'ତୁମେ ନ ଥିଲେ' (ଶୁଭାଶିଷ ଶର୍ମା), 'ଭାବାନ୍ତର' (ଅଭିଷେକ ଗିରି, ସୂର୍ଯ୍ୟମୟୀ), 'ଫାଷ୍ଟ ଲଭ୍' (ଶୈଳେନ୍ଦ୍ର ସାମନ୍ତରାୟ, ବିଦ୍ୟା ମହାନ୍ତି), 'ବୋଉ ବୁଟୁ ଭୂତ' (ବାବୁସାନ୍, ଅର୍ଚ୍ଚିତା), 'ଅନନ୍ତା' (ସବ୍ୟସାଚୀ, ସୂର୍ଯ୍ୟମୟୀ), 'ଶ୍ରୀଜଗନ୍ନାଥଙ୍କ ନବକଳେବର' (ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ନାୟକ, ଶିବାନୀ), 'ଆଇ ଆମ୍ କାଳିଆ' (ହରିହର ମହାପାତ୍ର, ଆନିୟା), 'ଇନ୍ଦ୍ରଧନୁ'(ଅଭିଷେକ ଗିରି, ସୁଧାଶ୍ରୀ ମଧୁସ୍ମିତା), 'ଛି ରେ ନନୀ' (ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ), 'ଡେଲିଭରି ବୟ ୨' (ବୁଦ୍ଧାଦିତ୍ୟ, ଅର୍ଚ୍ଚିତା), 'ଲହରି' (ଚୌଧୁରୀ ବିକାଶ ଦାସ, ଦ୍ୱୀପନ୍ୱିତ ମହାପାତ୍ର), 'ଚାରିଧାମ' (ଅନୁଭବ, ଡା. ଅନୁରାଧା ପାଣିଗ୍ରାହୀ), 'ଚ୍ୟାଲେଞ୍ଜ' (ଅର୍ଦ୍ଧେନ୍ଦୁ ସାହୁ, ଏଲିନା ପ୍ରିୟଦର୍ଶିନୀ, ପୁନିତ ଇସାର), 'ବାସ୍ତବ' (ତୁଷାର ବେଦୀ, ଅଙ୍କିତା ଦାଶ), 'ଶମ୍ଭୁ' (ଶୁଭମ, ତମନ୍ନା, ପୀୟୂଷ ତ୍ରିପାଠୀ), 'ସାର୍' (ସମରେଶ ରାଉତରାୟ), 'ଦର୍ପଣ' (ଅଙ୍କିତ କୁମାର, ତୃପ୍ତି ମିରାମ୍ବିକା, ଭାରତ ପୁଷ୍ପରାଗ), 'ମିସ୍ କଲ୍ ଫ୍ରେଣ୍ଡ' (ଅମ୍ଳାନ, ରିୟା), 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ (ସାଇଶ୍ରେଷ୍ଠ ଦାସ, ନିତ୍ୟାଶା ପଟ୍ଟନାୟକ), 'ମହାକାଳ'(ଦେବ୍–ମୋନାଲି) ଏବଂ 'ମୋଟରସାଇକେଲ' (ଜ୍ୟୋତି ନାୟକ) । ଅନ୍ୟପକ୍ଷରେ ନବାଗତ ଲୋହିତାକ୍ଷ ପଟ୍ଟନାୟକ ଏବଂ ଅଭିଲିପ୍ସା ଅଭିନୀତ 'ଲଢ଼େଇ'ଚଳିତ ମାସ ୩୧ରେ ରିଲିଜ ହେବାର ଯୋଜନା ରହିଛି ।



'ଚ୍ୟାଲେଞ୍ଜ' ଫିଲ୍ମରେ ଏଲିନା–ଅର୍ଦ୍ଧେନ୍ଦୁ



ମୋହନ ଲାଲ୍

## ମୋହନ ଲାଲଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ଭାରତୀୟ ସିନେମାକୁ ସ୍ମରଣୀୟ ଅବଦାନ ପାଇଁ ବିଶିଷ୍ଟ ମାଲୟାଲମ ଅଭିନେତା ମୋହନ ଲାଲଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି । ୬୫ବର୍ଷ ବୟସ୍କ ଏହି ଅନ୍ୟତମ ଲୋକପ୍ରିୟ ଅଭିନେତା ତେଲୁଗୁ, ତାମିଲ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି । ୧୯୭୮ରୁ ଏପର୍ଯ୍ୟନ୍ତ ଅଭିନୟ ସହ ସେ ଜଡ଼ିତ ଅଛନ୍ତି । ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମବିଭୂଷଣ ଉପାଧି ତାଙ୍କୁ ପ୍ରଦାନ କରାଯାଇଥିଲା ।

## ଅଲ୍‌ବିଦା ଉତ୍ତମ



ଓଡ଼ିଆ ସିନେମା ଜଗତର ବେତାଜ ବାଦଶାହା ତଥା ସୁପରଷ୍ଟାର ଉତ୍ତମ ମହାନ୍ତି ଚଳିତ ବର୍ଷ ପରଲୋକ ଗମନ କରିଥିଲେ । 'ଅଭିମାନ' ସିନେମାରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ।

## ପରପାରିରେ ହ୍ୟୁମାନ

ଚଳିତ ବର୍ଷ ସତେଯେମିତି ଓଡ଼ିଆ ସିନେମା ଜଗତ ପାଇଁ ଏକ ଅଭିଶପ୍ତ ବର୍ଷ ଥିଲା । ଯୁବ ଗାୟକ ହ୍ୟୁମାନ ସାଗର ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ମୃତ୍ୟୁ ସହ କିଛି ଦିନ ସଂଘର୍ଷ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଥିଲେ । ଏଭଳି ଜଣେ ଲୋକପ୍ରିୟ ଗାୟକ ମାତ୍ର ୩୪ ବର୍ଷ ବୟସରେ ଅଫେରା ରାଇଜକୁ ଚାଲିଯାଇଛନ୍ତି ।

## ଓସ୍କାର ପୁରସ୍କାର

ଚଳିତ ବର୍ଷର ସମ୍ମାନଜନକ ଓସ୍କାର ପୁରସ୍କାରରେ 'ଓନାରା' ଫିଲ୍ମକୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କୃତ କରଯାଇଛି । ଏହି ଫିଲ୍ମ ପାଇଁ ମିକ୍କି ମ୍ୟାଡିସନ୍ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି । ଅନ୍ୟପକ୍ଷରେ 'ଦ ବ୍ରୁଟାଲିଷ୍ଟ' ଫିଲ୍ମ ପାଇଁ ଆଡ୍ରିନ ବ୍ରୋଡି ଶ୍ରେଷ୍ଠ ଅଭିନେତା, ସିନ୍ ବାକିର (ଓନାରା) ଶ୍ରେଷ୍ଠ ନିର୍ଦ୍ଦେଶକ, କିରାନ୍ କୁଲକିନ୍ (ଏ ରିୟଲ ପେନ୍) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ଜୋଇ ସାଲ୍‌ଡାନା (ଇମିଲା ପିରିଜ) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, 'ଫ୍ଲୋ' ଶ୍ରେଷ୍ଠ ଆନିମେଟେଡ ଫିଲ୍ମ ଏବଂ ଲୋଲ୍ କ୍ରାଉଲି (ଦ ବ୍ରୁଟାଲିଷ୍ଟ)ଙ୍କୁ ଶ୍ରେଷ୍ଠ ସିନେମାଟୋଗ୍ରାଫର ଭାବରେ ପୁରସ୍କାର ପ୍ରଦାନ କରାଯାଇଛି ।

## ପରଲୋକରେ...

ଚଳିତ ବର୍ଷ ଓଡ଼ିଆ ସିନେମା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ପରଲୋକ ଘଟିଥିଲା । ଏ ବର୍ଷ ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ରବୀନ୍ଦ୍ର ମୋହନ ସାହୁ ଏବଂ ନଗେନ ସାହୁଙ୍କର ପରଲୋକ ଘଟିଛି । ଅନ୍ୟପକ୍ଷରେ ବିଶିଷ୍ଟ ଗୀତିକାର, ସଂଳାପକାର ଏବଂ ଚିତ୍ରନାଟ୍ୟ ରଚୟିତା ବୃନ୍ଦାବନ ଜେନା, ଅଭିନେତା–ନିର୍ଦ୍ଦେଶକ ନାରାୟଣ ପତି, ଅଭିନେତା ଭିକାରୀ ସ୍ୱାଇଁ ଏବଂ ଅପେରା ଜଗତର ଯୁବ ତଥା ଅନ୍ୟତମ ଲୋକପ୍ରିୟ ଯାତ୍ରା ହାସ୍ୟାଭିନେତା ଗୁରୁ ପୃଷ୍ଟିଙ୍କର ପରଲୋକ ଘଟିଛି ।

### ବିବାହ ବନ୍ଧନରେ ଜ୍ୟୋତି

ଅଭିନେତା ଜ୍ୟୋତି ନାୟକ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଧାରାବାହିକ ଅଭିନେତ୍ରୀ ସୀମରନ୍ ମହାରଣାଙ୍କୁ ସେ ପତ୍ନୀ ଭାବରେ ଗ୍ରହଣ କରିଛନ୍ତି । ଜ୍ୟୋତି ବଡ ପରଦାକୁ ନେଇ ବ୍ୟସ୍ତ ଥିବା ବେଳେ ସୀମରନ୍ ଧାରାବାହିକରେ ଅଭିନୟ କରିଛନ୍ତି ।

## ଶାହରୁଖଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



ଶାହରୁଖ

'ଜୱାନ' ଫିଲ୍ମରେ ନିଖୁଣ ଅଭିନୟ ଲାଗି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଶାହରୁଖ ଖାନ୍‌ଙ୍କୁ ପ୍ରଥମ ଥର ପାଇଁ ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଅନ୍ୟପକ୍ଷରେ ଚଳିତବର୍ଷ ପ୍ରଦାନ କରାଯାଇଥିବା ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ରାଣୀ ମୁଖାର୍ଜୀଙ୍କୁ 'ମିସେସ୍ ଚାଟାର୍ଜୀ ଭର୍ସେସ ନରଓ୍ୱେ' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ, ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭ୍‌ଥ ଫେଲ୍' ଶ୍ରେଷ୍ଠ ଫିଚର ଫିଲ୍ମ ଏବଂ 'ଦ କେରଳ ଷ୍ଟୋରି' ପାଇଁ ସୁଦୀପ୍ତ ସେନ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ କରନ୍ ଜୋହରଙ୍କ 'ରକି ଔର ରାନୀ କି ପ୍ରେମ କାହାନୀ'କୁ ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବରେ ପୁରସ୍କାର ମିଳିଛି ।

## ଆଇଫାରେ ବାଜିମାତ୍ କଲା 'ଲାପତା ଲେଡିଜ'

କିରନ୍ ରାଓଙ୍କ ନିର୍ଦ୍ଦେଶିତ 'ଲାପତା ଲେଡିଜ୍' ଚଳିତବର୍ଷର ଆଇଫା (ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ) ପୁରସ୍କାର ସମାରୋହରେ ବାଜିମାତ୍ କରିଛି । ଏହି ଫିଲ୍ମ ଏଠାରେ ମୋଟ ୧୦ଟି ପୁରସ୍କାର ହାତେଇବାରେ ସକ୍ଷମ ହୋଇଛି । ଉକ୍ତ ସିନେମା ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ନିର୍ଦ୍ଦେଶିକା ଏବଂ ଶ୍ରେଷ୍ଠ ନାୟିକା ଭଳି ମୁଖ୍ୟ ପୁରସ୍କାର ହାସଲ କରିଥିଲା । 'ଭୁଲ ଭୁଲେୟା ୩' ପାଇଁ କାର୍ତ୍ତିକ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ କରାଯାଇଛି ।



'ଲାପତା ଲେଡିଜ୍' ଫିଲ୍ମର ଏକ ଦୃଶ୍ୟ

## 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଚଳିତ ବର୍ଷ ପ୍ରଦାନ କରାଯାଇଥିବା ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁଣି ଥରେ ଓଡ଼ିଆ ସିନେମା ବାଜିମାତ୍ କରିଛି । ଏହି ଫିଲ୍ମଟି ହେଉଛି 'ପୁଷ୍କରା' । ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ 'ନାଦବିନ୍ଦୁ'କୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି,ଯାହାର ନାୟକ ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ ମିଶ୍ର । ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବରେ ପୁରସ୍କୃତ ତଥା ତରଙ୍ଗ ସିନେ ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ଏହି ସିନେମାଟିର ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ । ଏଥିରେ ସୁପ୍ରିୟା ନାୟକ ଏବଂ ଚୌଧୁରୀ ବିକାଶ ଦାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ପୁରୀର ଜାଗାଘର, ସାହିଯାତ ଏବଂ ଡଙ୍ଗାଭସା ପରମ୍ପରାକୁ ବେଶ୍ ସୁନ୍ଦର ଭାବରେ ଚିତ୍ରାୟିତ କରାଯାଇଛି ।



'ପୁଷ୍କରା' ଫିଲ୍ମରେ ସୁପ୍ରିୟା–ସବ୍ୟସାଚୀ

## ପୁଣି ବାଜି ମାରିଲେ ଆଲିଆ

ଚଳିତବର୍ଷ ଆଲିଆ ଭଟ୍ଟଙ୍କୁ ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ (ଜିଗରା) ଭାବରେ ପୁରସ୍କୃତ କରାଯାଇଛି । କାର୍ତ୍ତିକ ଆର୍ଯ୍ୟନ (ଚନ୍ଦୁ ଚାମ୍ପିୟନ) ଏବଂ ଅଭିଷେକ ବଚ୍ଚନ (ଆଇ ୱାଣ୍ଟ ଟୁ ଟକ୍)ଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି । ହେଲେ କିରନ୍ ରାଓଙ୍କ ନିର୍ଦ୍ଦେଶିତ 'ଲାପତା ଲେଡିଜ୍'କୁ ଶ୍ରେଷ୍ଠ ଫିଲ୍ମ ବ୍ୟତୀତ ବିଭିନ୍ନ ବର୍ଗରେ ୧୨ଟି ପୁରସ୍କାର ମିଳିଥିଲା ।



'ଫାଷ୍ଟ ଲଭ୍' ଫିଲ୍ମରେ ବିଦ୍ୟା–ଶୈଳେନ୍ଦ୍ର

## ଆରପାରିରେ

ଚଳିତବର୍ଷ ବଲିଉଡ୍ ପାଇଁ ଏକ ଦୁଃଖଦ ବର୍ଷ ଥିଲା । ବର୍ଷୀୟାନ ଅଭିନେତା ମନୋଜ କୁମାର, ଧର୍ମେନ୍ଦ୍ର, ବିଶିଷ୍ଟ ହାସ୍ୟାଭିନେତା ଆସରାନୀ ଏବଂ ସତୀଶ ଶାହା ମଧ୍ୟ ଏବର୍ଷ ପରପାରି ଗମନ କରିଥିଲେ । ଅନ୍ୟପକ୍ଷରେ ଲୋକପ୍ରିୟ ପୌରାଣିକ ଧାରାବାହିକରେ 'କର୍ଣ୍ଣ' ଭୂମିକା ପାଇଁ ଖ୍ୟାତ ପଙ୍କଜ ଧୀର ମଧ୍ୟ ଏବର୍ଷ ମୃତ୍ୟୁବରଣ କରିଥିଲେ । ୨୦୦୨ରେ ହିନ୍ଦୀ ମ୍ୟୁଜିକ ଭିଡିଓ ରିମିକ୍ସ 'କାଣ୍ଟା ଲଗା' ଫେମ୍ ଶେଫାଳି ଜରିୱାଲାଙ୍କ ମଧ୍ୟ ଚଳିତବର୍ଷ ଦେହାନ୍ତ ହୋଇଛି । ଏହା ବ୍ୟତୀତ ଅମିତାଭ ବଚ୍ଚନଙ୍କ ଅଭିନୀତ ଅନ୍ୟତମ ହିଟ୍ ସିନେମା 'ଡନ୍' (୧୯୭୮)ର ନିର୍ଦ୍ଦେଶକ ଚନ୍ଦ୍ର ବରୋଟଙ୍କ ମଧ୍ୟ ଏବର୍ଷ ପରଲୋକ ଘଟିଛି ।

## ନବାଗତଙ୍କ ଲମ୍ବା ଲାଇନ

ଚଳିତ ବର୍ଷ ନବାଗତ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କର ଲମ୍ବା ଲାଇନ ଦେଖିବାକୁ ମିଳିଛି । ପ୍ରଯୋଜିକା ତଥା ଅଭିନେତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ଜେନା (ବିନ୍ନି)ଙ୍କ ଦ୍ୱାରା ନିର୍ଦ୍ଦେଶିତ ପ୍ରଥମ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳିତ ବର୍ଷ ମୁକ୍ତିଲାଭ କରିଥିଲା । ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରିଭାଇ 'ଆଇ ଆମ୍ କାଳିଆ' ଟାଇଟଲ ବିଶିଷ୍ଟ ଫିଲ୍ମର ସେ ନିର୍ଦ୍ଦେଶନା ଦେଇଥିଲେ । ସୁକୁମାର ମଣି ମଧ୍ୟ ଏବର୍ଷ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି, ଆଉ ଫିଲ୍ମଟି ହେଲା 'ଶିମଲି' । ଏଥର ନାୟିକା ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ଆର୍ଲିନ ଅଙ୍କିତା (ସନାତନୀ), ପ୍ରାଚୀ (ଡଷ୍ଟବିନ୍), ଜୟଶ୍ରୀ ଷଡ଼ଙ୍ଗୀ (ଘମାଘୋଟ), ତୃପ୍ତି ମିରାମ୍ବିକା (ଦର୍ପଣ) ଏବଂ ତୁର୍କମେନିସ୍ତାନ ଅଭିନେତ୍ରୀ ଆନିୟା (ଆଇ ଆମ୍ କାଳିଆ) । ଜଲିଉଡ୍‌ର ଚର୍ଚ୍ଚିତ ବ୍ୟାଡ୍‌ମ୍ୟାନ୍ ପୀୟୂଷ ତ୍ରିପାଠୀ 'ଶମ୍ଭୁ' ଫିଲ୍ମରୁ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଛନ୍ତି । ଏହି ଫିଲ୍ମରୁ ଶୁଭମ ମଧ୍ୟ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି । ଅନ୍ୟପକ୍ଷରେ ପୁନିତ ଇସାର (ଚ୍ୟାଲେଞ୍ଜ), ମନୋଜ ରାଉତ (ଶିମଲି), ଡ. ମନୋଜ କୁମାର ମିଶ୍ର (୧୯୯୯ : ଏକ ସଂଗୁପ୍ତ କାହାଣୀ),ଭାରତ ପୁଷ୍ପରାଗ ଏବଂ ଅଙ୍କିତ କୁମାର (ଦର୍ପଣ) ମଧ୍ୟ ଲିଡ୍ ଚରିତ୍ରରେ ନିଜର ଓଡ଼ିଆ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି ।



ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ Bhubaneswar, Thursday, December 25/ 2025

# ସ୍ୱସ୍ତିକଙ୍କ ଦ୍ୱିଶତକ

**ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)**

ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଦେଶର ବିଭିନ୍ନ ଭେନ୍ୟୁରେ ଆରମ୍ଭ ହୋଇଛି। ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ସ୍ୱସ୍ତିକ୍ ସାମଲଙ୍କ ରେକର୍ଡ ଦ୍ୱିଶତକ ସତ୍ତ୍ୱେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ର ନିକଟରୁ

### ବିଜୟ ହଜାରେ ଟ୍ରଫି
## ସୌରାଷ୍ଟ୍ରଠାରୁ ଓଡ଼ିଶା ପରାସ୍ତ

ହାରିଯାଇଛି। ସ୍ୱସ୍ତିକ୍‌ଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ସହାୟତାରେ ଓଡ଼ିଶା ୫୦ ଓଭରରେ ୬ ଉଇକେଟ ହରାଇ ୩୪୫ ରନ୍ କରିଥିଲା। ଜବାବରେ ସୌରାଷ୍ଟ୍ର ସମର ଗଜ୍ଜରଙ୍କ ଅପରାଜିତ ଶତକ ସହାୟତାରେ ୪୮.୫ ଓଭରରେ ୫ ଉଇକେଟ ହରାଇ ୩୪୭ ରନ୍ ସଂଗ୍ରହ କରିନେଇଥିଲା। ତେବେ ଦ୍ୱିଶତକୀୟ ଇନିଂସ ପାଇଁ ସ୍ୱସ୍ତିକ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଦ୍ୱିଶତକରେ ପ୍ରଥମ ଓଡ଼ିଆ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ସ୍ୱସ୍ତିକ୍ ଚମତ୍କାର ବ୍ୟାଟିଂକରି ଇନିଂସକୁ ଆଗେଇ ନେଇଥିଲେ। ପ୍ରଥମ ଓଡ଼ିଆ ଖେଳାଳିଭାବେ ସେ ଦ୍ୱିଶତକ ମଧ୍ୟ ହାସଲ କରିଥିଲେ। ଓମ୍ ଟି. ମୁଣ୍ଡେ ୪, ସନ୍ଦୀପ ପଟ୍ଟନାୟକ ୨ ଓ ଗୋବିନ୍ଦ ପୋଦ୍ଦାର ୯ ରନ୍‌କରି ଆଉଟ ହୋଇଥିଲେ ହେଁ ଏକାଗ୍ରତା ହରାଇ ନ ଥିଲେ ସ୍ୱସ୍ତିକ୍। ସେ ବିପ୍ଳବଙ୍କ ସହ ୪ର୍ଥ ଉଇକେଟରେ ୨୬୧ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ୧୬୯ ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ୱସ୍ତିକ୍ ୨୧ ଚୌକା ଓ ୮ ଛକା ସହାୟତାରେ ୨୧୨ ରନ୍ ସ୍କୋର କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ହାର ୧୨୫ ଉପରେ ରହିଥିଲା। ଏହି ଅବସରରେ ବିପ୍ଳବ ମଧ୍ୟ ଶତକ ପୂରଣ କରିଥିଲେ। ଲିଷ୍ଟ-ଏ କ୍ରିକେଟରେ ଏହା ଥିଲା ତାଙ୍କର ଦ୍ୱିତୀୟ ଶତକ। ସେ ୯୧ ବଲ୍‌ରୁ ୧୦୦(୭ ଚୌକା, ୩ ଛକା) ରନ୍‌କରି ଆଉଟ୍ ହୋଇଥିଲେ। ସୌରାଷ୍ଟ୍ର ପକ୍ଷରୁ ଅଙ୍କୁର ପନ୍‌ୱାର ୩ଟି, ଚିରାଗ ଜାନି ୨ଟି ଓ ପ୍ରେରକ ମଙ୍କଡ଼ ଗୋଟିଏ ଉଇକେଟ ନେଇଥିଲେ।

### ପଦାର୍ପଣରେ ମ୍ୟାଚ ବିଜେତା

ବଡ଼ ସ୍କୋରର ପିଛା କରିଥିବା ସୌରାଷ୍ଟ୍ର ମାତ୍ର ୨୮ ରନ୍ ମଧ୍ୟରେ ୨ ଉଇକେଟ ହରାଇଥିଲେ ହେଁ ନିଜ ପ୍ରଥମ ପଦାର୍ପଣରେ ଗଜ୍ଜରଙ୍କ ଅପରାଜିତ ଶତକ ଏବଂ ବିଶବରାଜ ଜାଡେଜା ଓ ଚିରାଗ ଜାନିଙ୍କ ଅର୍ଦ୍ଧଶତକ ସହାୟତାରେ ୭ ବଲ୍ ବାକିଥାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଏଠାରେ ଲିଷ୍ଟ-ଏ ଡେବ୍ୟୁ କରିଥିବା ଗଜ୍ଜର ୧୧୮ ବଲ୍‌ରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୩୨ରେ ଅପରାଜିତ ରହି ମ୍ୟାଚ୍ ବିଜେତା ସାଜିଥିବାବେଳେ ଚିରାଗ ଜାନି ୮୬ ଓ ବିଶବରାଜ ୫୦ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରଧାନ ୩ଟି ଏବଂ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାର ସମ୍ବିତ୍ ବରାଳ, ବାଦଲ ବିଶ୍ୱାଳ ଏବଂ ଓମ୍ ଟି. ମୁଣ୍ଡେ ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୩୪୫/୬(ସ୍ୱସ୍ତିକ୍ ସାମଲ-୨୧୨, ବିପ୍ଳବ ସାମନ୍ତରାୟ-୧୦୦, ଅଙ୍କୁର ପନ୍‌ୱର-୩/୬୮, ଚିରାଗ ଜାନି-୨/୫୨, ପ୍ରେରକ ମଙ୍କଡ଼-୧/୩୮)। ସୌରାଷ୍ଟ୍ର ୪୮.୫ ଓଭରରେ ୩୪୭/୫(ସମର ଗଜ୍ଜର-୧୩୨, ଚିରାଗ ଜାନି-୮୬, ବିଶବରାଜ ଜାଡେଜା-୫୦, ପ୍ରେରକ ମଙ୍କଡ଼-୪୭, ଦେବବ୍ରତ ପ୍ରଧାନ-୩/୭୩, ଗୋବିନ୍ଦ ପୋଦ୍ଦାର-୧/୩୯, ବିପ୍ଳବ ସାମନ୍ତରାୟ-୧/୪୧)।



ସ୍ୱସ୍ତିକ ସାମଲ



ବିପ୍ଳବ ସାମନ୍ତରାୟ

# ସୂର୍ଯ୍ୟବଂଶୀ, ଗାନିଙ୍କ ଶତକ: ବିହାରର ବିଶ୍ୱ ରେକର୍ଡ ୫୭୪/୬

**ରାଞ୍ଚି,୨୪।୧୨:** ଚଳିତ ବିଜୟ ହଜାରେ ଟ୍ରଫିରେ ବୁଧବାର ଦୁର୍ବଳ ଅରୁଣାଞ୍ଚଳ ପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ଲିଷ୍ଟ-ଏ' କ୍ରିକେଟ ଇତିହାସରେ ସର୍ବାଧିକ ଦଳଗତ ରନ କରିବାର ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ବ୍ୟାଟିଂ ସେନ୍‌ସେଶନ ବୈଭବ ସୂର୍ଯ୍ୟବଂଶୀ ଓ ଅଧିନାୟକ ସକିବୁଲ ଗାନିଙ୍କ ଶତକ ବଳରେ ବିହାର ୫୦ ଓଭରରେ ୬ ଉଇକେଟ ହରାଇ ୫୭୪ ରନ୍ କରିଥିଲା। ଏଥିପୂର୍ବରୁ ଲିଷ୍ଟ-ଏ' କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ବିଜୟ ହଜାରେ ଟ୍ରଫିରେ ଅରୁଣାଞ୍ଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ଉଇକେଟ ହରାଇ ୫୦୬ ରନ୍ କରିଥିଲା।

ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ ଗାନି ୪୦ ବଲରେ ଅପରାଜିତ ୧୨୮ ରନ କରିଥିଲେ। ସେ ୩୨ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ, ଯାହାକି ଲିଷ୍ଟ-ଏ' କ୍ରିକେଟରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦ୍ରୁତତମ। ଏହି ରେକର୍ଡ ପୂର୍ବରୁ ଅନ୍‌ମୋଲପ୍ରୀତ ସିଂଙ୍କ ନାମରେ ଥିଲା। ସେ ଗତ ସିଜନରେ ୩୫ ବଲ୍‌ରେ ଶତକ କରିଥିଲେ। ଗାନି କ୍ରିଜ୍‌କୁ ଓହ୍ଲାଇବା ପୂର୍ବରୁ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୮୪ ବଲରେ ୧୯୦ ରନ୍‌ର ଇନିଂସ ଖେଳିଥିଲେ। ତଙ୍କ ଇନିଂସ୍‌ରେ ୧୫ ଛକା ଓ ୧୬ ଚୌକା ସାମିଲ ଥିଲା ଏବଂ ସେ ୩୬ତମ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ଅବସରରେ ସେ ୧୪ ବର୍ଷ, ୨୭୨ ଦିନ ବୟସରେ ସର୍ବକନିଷ୍ଠ କ୍ରିକେଟର ଭାବେ ଲିଷ୍ଟ-ଏ' କ୍ରିକେଟରେ ଶତକ ପୂରଣ କରିଛନ୍ତି। ତାଙ୍କ ବ୍ୟତୀତ ଆୟୁଷ ଲୋହାରୁକା ୫୬ ବଲରେ ୧୧୬ ରନ୍ କରିଥିଲେ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ



ଓଡ଼ିଶା-ତେଲେଙ୍ଗାନା ଫୁଟ୍‌ବଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)**

### ସନ୍ତୋଷ ଟ୍ରଫି ଫୁଟ୍‌ବଲ

ଛତିଶଗଡ଼ର ନରେନପୁରରେ ଚାଲିଥିବା ୭୯ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶ୍ରୀକାନ୍ତ ଗଡ଼ବାଙ୍କ ଡବଲ ଗୋଲ ବଳରେ ଓଡ଼ିଶା ନିଜର ପ୍ରଥମ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ୪-୦ରେ ହରାଇଥିବାବେଳେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେଲଙ୍ଗାନା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୪୨ତମ ମିନିଟ୍‌ରେ ଅଧିନାୟକ କାର୍ତ୍ତିକ ହନ୍ତାଳ ଦେଇଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ତେଲଙ୍ଗାନା ଖେଳାଳିମାନେ ଅନେକ ଉଦ୍ୟମ କରିଥିଲେ ହେଁ ଗୋଲ୍‌ଟି ପରିଶୋଧ କରିପାରି ନ ଥିଲେ। ୨ ମ୍ୟାଚରୁ ୬ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ୍ 'ଏଫ୍'ର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ତେଲଙ୍ଗାନା ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ତଥା ଶେଷ ଲିଗ୍ ମ୍ୟାଚ୍ ଛତିଶଗଡ଼ ବିପକ୍ଷରେ ଖେଳିବ। ଆସନ୍ତା ୨୬ ତାରିଖରେ ଏହି ମ୍ୟାଚ୍ ଖେଳାଯିବ।

# କଳିଙ୍ଗ ଭଲିବଲ୍ ଲିଗ୍: ଆଜିଠୁ ସୁପର ଲିଗ୍

**ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)**

କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ସୁପର ଲିଗ୍ ଗୁରୁବାରଠାରୁ ଅନୁଗୋଳରେ ଆରମ୍ଭ ହେବ। ଅନୁଗୋଳ ଷ୍ଟାଡିୟମରେ ତିନିଦିନ ଧରି କେଭିଏଲ୍ ପ୍ରଥମ ସଂସ୍କରଣର ଶେଷ ପର୍ଯ୍ୟାୟ ଅନୁଷ୍ଠିତ ହେବ। ବାଳକ ବର୍ଗରେ ଅନୁଗୋଳର ନୂଆହାଟ, ଢେଙ୍କାନାଳର ପାଇକ ପୁରୁଣାକୋଟ, କଟକର ନାରଙ୍ଗବସ୍ତ, ପୁରୀର ସୁବର୍ଣ୍ଣପୁର, ଖୋର୍ଦ୍ଧାର ରଜାସ୍, ନୟାଗଡର କଣକ, ଯାଜପୁରର ବୀରମଣିପୁର, ବରଗଡର ତଳପାଦର, ବାଳିକା ବର୍ଗରେ ଢେଙ୍କାନାଳର ପାଇକ ପୁରୁଣାକୋଟ, ଅନୁଗୋଳର ନୂଆହାଟ, ନୟାଗଡର ବାଇଗୁନିଆ, ଜଗତ୍‌ସିଂହପୁରର ଆଶ୍ରମ ପାଟଣା, ଯାଜପୁରର ପ୍ରୟାସ ସୁପର ଲିଗ୍‌ରେ ପ୍ରବେଶ କରିଛନ୍ତି। ରାଉଣ୍ଡ ରବିନ୍ ଲିଗ୍‌ରେ ଏହି ପର୍ଯ୍ୟାୟ ଖେଳାଯିବ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଚାମ୍ପିୟନ ହେବା ସହ ଜାତୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ହାସଲ କରିବ। ପ୍ରକାଶ ଯୋଗ୍ୟ, ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାର ପ୍ରସାରକୁ ଦୃଷ୍ଟିରେ ରଖି କଳିଙ୍ଗ ଭଲିବଲ୍ ଲିଗ୍ ଆରମ୍ଭ ହୋଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, December 25/2025 | Page 20 | ₹ 7.00

୫୨ଶ ଭାଗ ୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 32 | ମୂଲ୍ୟ ₹୭/-



DADLS - 72





## ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମପାଟି)





## ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1295/2526

DADLS - 74





## ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ
# ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୫ ଡିସେମ୍ବର ୨୦୨୫

ଏମ୍ସ - ଭୁବନେଶ୍ୱର ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୋଖରୀପୁଟରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ତଥା ସାଧାରଣ ସଭା

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଦୟ ଉପସ୍ଥିତି

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀଯୁକ୍ତ ବାବୁ ସିଂ**
ବିଧାୟକ, ଏକାମ୍ର–ଭୁବନେଶ୍ୱର

**ଶ୍ରୀଯୁକ୍ତ ମନମୋହନ ସାମଲ**
ବରିଷ୍ଠ ରାଜନେତା

- ପାରଦର୍ଶିତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ସି.ଏମ୍. ଡାସ୍ ବୋର୍ଡ଼ର ଲୋକାର୍ପଣ
- ଜିଲ୍ଲା ଓ ବ୍ଲକ୍‌ସ୍ତରର ବିଭାଗୀୟ କାର୍ଯ୍ୟାଳୟରେ OSWAS (ପେପର୍ ଲେସ୍)ର କାର୍ଯ୍ୟାନ୍ୱୟନ
- ଉନ୍ନତ ମାନର ଚିକିତ୍ସା ସେବା ତଥା ଜଳଯୋଗାଣ ସମ୍ପର୍କିତ ତଥ୍ୟ ପାଇଁ ଜନସେବାରେ ସମର୍ପିତ ଆମ ସାଥୀ ୟୁନିଫାଇଡ୍ ହ୍ୱାଟସ୍‌ଆପ୍ ଚାଟ୍ ବଟ୍ ଲୋକାର୍ପଣ

ପୂର୍ବାହ୍ନ ୧୧.୩୦ ମିନିଟ୍ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR- 15001/13/1303/2526

# ବଡ଼ଦିନ ପାଇଁ ସୂର୍ଯ୍ୟମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

କୋଣାର୍କ,୨୪।୧୨ (ଜ୍ୟୋତିରାଜ ମହାନ୍ତି)

ପବିତ୍ର ବଡ଼ଦିନ ଅବସରରେ ଗୁରୁବାର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପାଇଁ ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିର ପରିସରରେ ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ସେହିପରି ବ୍ୟାପକ ସୁରକ୍ଷାକର୍ମୀ ଓ ପୋଲିସ ମୁତୟନ କରାଯାଇଛି। ପର୍ଯ୍ୟଟକମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ମନ୍ଦିର ପରିଦର୍ଶନ କରିବା ସହ ଏହାର ପ୍ରାଚୀନ କଳାକୃତି ଦେଖିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

# ‘ଓଡ଼ିଶାର ଯୁବପିଢ଼ି ପରିବର୍ତ୍ତନର ନେତୃତ୍ୱ ନେବେ’



‘ରାଜ୍ୟ ଯୁବ ମହୋତ୍ସବ’ର ଉଦ୍‌ଘାଟନ ଅବସରରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗୀୟ ଅଧିକାରୀ।

## ‘ରାଜ୍ୟ ଯୁବ ମହୋତ୍ସବ’ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୧୨ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ବୁଧବାର ‘ରାଜ୍ୟ ଯୁବ ମହୋତ୍ସବ’ ଆରମ୍ଭ ହୋଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହୋତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାର ଯୁବପିଢ଼ି କେବଳ ପରିବର୍ତ୍ତନର ସାକ୍ଷୀ ହେବେ ନାହିଁ, ବରଂ ସେମାନେ ଏହି ପରିବର୍ତ୍ତନର ନେତୃତ୍ୱ ନେବେ। ଚଳିତ ବର୍ଷର ମହୋତ୍ସବ ‘ପ୍ରଗତିର ସାରଥୀ, ଆମ ଯୁବଶକ୍ତି’ ବିଷୟବସ୍ତୁ ଉପରେ ଆଧାରିତ। ଯୁବପିଢ଼ି ହେଉଛନ୍ତି ପ୍ରଗତିର ରଥୀ ଏବଂ ଆଗାମୀ ଭବିଷ୍ୟତର ନିର୍ମାତା। ‘ବିକଶିତ ଭାରତ ୨୦୪୭’ର ସ୍ୱପ୍ନକୁ ସାକାର କରିବା ପାଇଁ ଯୁବବର୍ଗଙ୍କ ଅଭିନବ ଚିନ୍ତାଧାରା ଓ ନୂତନତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ଓଡ଼ିଶାର କଳା ଓ ସଂସ୍କୃତିର ଏକ ଚମତ୍କାର ଝଲକ ଦେଖିବାକୁ ମିଳିଥିଲା। ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ଚିତ୍ତାକର୍ଷକ ବାଲୁକା କଳା, ଆଇଏନ୍‌ଏସ୍ ଚିଲିକା ନାଭାଲ ବ୍ୟାଣ୍ଡର ଦେଶାତ୍ମବୋଧକ ସଙ୍ଗୀତ ଏବଂ ହାସ୍ୟ ଅଭିନେତା ପ୍ରଜ୍ଞାନ ଖଟୁଆଙ୍କ କୌତୁକିଆ ଅଭିନୟ ଦର୍ଶକଙ୍କୁ ବେଶ ମନୋରଞ୍ଜନ ଯୋଗାଇଥିଲା। ଏଥିସହିତ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ୩ ଦିନିଆ ମହୋତ୍ସବରେ ରାଜ୍ୟର ୩୦ ଜିଲାରୁ ପ୍ରାୟ ୮୦୦ରୁ ଅଧିକ ପ୍ରତିଭାବାନ୍ ଯୁବତୀଯୁବକ ଅଂଶଗ୍ରହଣ କରିଛନ୍ତି। ବକ୍ତୃତା, କବିତା ଲିଖନ, ଗଳ୍ପଲିଖନ, ଲୋକନୃତ୍ୟ, ଲୋକଗୀତ, ଚିତ୍ରକଳା ଆଦିରେ ପ୍ରତିଯୋଗିତା ହେଉଛି। ବିଜୟୀ ପ୍ରତିଭାମାନେ ଆସନ୍ତା ୨୦୨୬ ଜାନୁଆରୀରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ମହୋତ୍ସବ ‘ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ’ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।




କ୍ରିସ୍‌ମାସ୍ ଅବସରରେ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲି ସମେତ ୧.୫ ଟନ୍ ସେଓରେ ପ୍ରସ୍ତୁତ ସାନ୍ତାକ୍ଲଜ୍।

# ସେଓରେ ବିଶ୍ୱର ବଡ଼ ସାନ୍ତାକ୍ଲଜ୍ ନିର୍ମାଣ କଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ

ପୁରୀ,୨୪।୧୨(ଅଜିତ୍ କୁମାର ମହାନ୍ତି)

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିବସକୁ ଖ୍ରୀଷ୍ଟମାସ ଡେ’ ବା ବଡ଼ଦିନ ଭାବେ ପାଳନ କରାଯାଇଥାଏ। ବଡ଼ଦିନକୁ ସେଲିବ୍ରେଟ କରିବା ବେଶ ଉତ୍ସାହ ରହିଛି। ଏହି ଅବସରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତାଙ୍କର ନିଆର ବାଲୁକା କଳା ମାଧ୍ୟମରେ ବିଶ୍ୱବାସୀଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇଛନ୍ତି। ପଟ୍ଟନାୟକ ବୁଧବାର ଅପରାହ୍ନରେ ନୀଳାଦ୍ରି ବେଳାଭୂମିରେ ଏକ ବିଶାଳ ଆପଲ୍ ସାନ୍ତାକ୍ଲଜ ନିର୍ମାଣ କରି ବିଶ୍ୱବାସୀଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇଛନ୍ତି। ବଡ଼ ଆପଲ୍ ଏବଂ ବାଲିରେ ବିଶ୍ୱର ସବୁଠାରୁ ବଡ଼ ସାନ୍ତାକ୍ଲଜ ପଟ୍ଟନାୟକ ନିର୍ମାଣ କରିଛନ୍ତି। ଶିଳ୍ପୀ ପଟ୍ଟନାୟକ କଳାକୃତି ମାଧ୍ୟମରେ ‘ବିଶ୍ୱ ଶାନ୍ତି’ ସହିତ ‘ମେରି ଖ୍ରୀଷ୍ଟମାସ’ର ବାର୍ତ୍ତା ପ୍ରଦାନ କରିଛନ୍ତି। ପଟ୍ଟନାୟକ ବାଲି ସହିତ ୧.୫ ଟନ୍ ସେଓ ବ୍ୟବହାର କରି ସ୍ମାରକୀ ସାନ୍ତାକ୍ଲଜ୍ ମୂର୍ତ୍ତି ତିଆରି କରିଛନ୍ତି। ମୂର୍ତ୍ତିର ଲମ୍ବ ୬୦ ଫୁଟ, ୨୨ ଫୁଟ ଉଚ୍ଚତା ଏବଂ ୪୫ ଫୁଟ ପ୍ରସ୍ଥ ରହିଛି। ବାଲୁକା କାଳା ନିର୍ମାଣରେ ସୁଦର୍ଶନ ପଟ୍ଟନାୟକଙ୍କୁ ତାଙ୍କ ବାଲୁକା କଳା ପ୍ରତିଷ୍ଠାନର ୩୦ ଜଣ ଛାତ୍ରଙ୍କ ସହାୟତା କରିଛନ୍ତି। ୨୨ତମ ପୁରୀ ବାଲୁକା କଳା ମହୋତ୍ସବ ଅବସରରେ ଏହି କଳାକୃତି ସୃଷ୍ଟି କରାଯାଇଛି। ଏନେଇ ଶିଳ୍ପୀ ପଟ୍ଟନାୟକ କହିଛନ୍ତି, ପାର୍ବଣ ଋତୁରେ ଶାନ୍ତି, ଖୁସି ଏବଂ ବିଶ୍ୱ ଏକତାର ବାର୍ତ୍ତା ପ୍ରସାର କରିବା ପାଇଁ ଏହି କଳାକୃତି ସୃଷ୍ଟି କରାଯାଇଥିଲା। ଆପଲ୍ ଏବଂ ବାଲୁକା ସ୍ଥାପନ ମୂର୍ତ୍ତି ତିଆରି ପାଇଁ ୱାର୍ଲ୍ଡ ରେକର୍ଡସ୍ ବୁକ୍ ଅଫ୍ ଇଣ୍ଡିଆ ସହିତ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିବାକୁ ଏକ ସରକାରୀ ପ୍ରୟାସ କରାଯାଇଛି। ବାଲୁକା କଳାରେ ବ୍ୟବହୃତ ସମସ୍ତ ଆପଲ୍ ଉପହାର ସ୍ୱରୂପ ବଣ୍ଟନ କରାଯିବ ବୋଲି ଶିଳ୍ପୀ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି।

# ପରମାନନ୍ଦ କଲେଜ ଅଧ୍ୟକ୍ଷ ନିଲମ୍ବିତ

ଖୋର୍ଦ୍ଧା/ବୋଲଗଡ଼,୨୪।୧୨(ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)



ପ୍ରଦୀପ୍ତ କୁମାର ଦାସ

ଖୋର୍ଦ୍ଧା ଜିଲା ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ଜଣେ ନବନିଯୁକ୍ତ ଅଧ୍ୟାପିକାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିବା ଅଭିଯୋଗରେ ଜେଲ୍ ଯାଇଥିବା ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଗତ ୯ ତାରିଖରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଚିଠିରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳଙ୍କୁ ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ଅବଗତ କରାଯାଇଛି।

ସୂଚନାଥାଉ କି, ପରମାନନ୍ଦ ମହାବିଦ୍ୟାଳୟରେ ଅଧ୍ୟାପିକା ଜଣଙ୍କ ଏକମାସ ପୂର୍ବେ ନୂତନଭାବେ ନିଯୁକ୍ତି ପାଇଥିବା ବେଳେ ଅଧ୍ୟକ୍ଷ ଦାସ ତାଙ୍କ ମୋବାଇଲ ନମ୍ବରକୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ପ୍ରେମ ନିବେଦନ କରିଆସୁଥିଲେ। ଏକଥା ଅନ୍ୟ କାହାକୁ ଜଣାଇଲେ ଚାକିରିରୁ ବହିଷ୍କାର ସହ ଜୀବନ ବର୍‌ବାଦ କରିଦେବାର ଧମକ ଦେଉଥିଲେ। ସମ୍ପୃକ୍ତ ଅଧ୍ୟାପିକା ଜଣଙ୍କ ଘରେ ଉଦାସ ରହୁଥିବାରୁ ପରିବାର ଲୋକେ କ’ଣ ହୋଇଛି ପଚାରିବାରୁ ସମସ୍ତ କଥା କହିବା ସହ ଚାକିରି ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ଏନେଇ ସମ୍ପୃକ୍ତ ଅଧ୍ୟାପିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୧୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଧ୍ୟକ୍ଷ ଦାସ ଚେନ୍ନାଇ ଅଭିମୁଖେ ଖସି ପଳାଇବାକୁ ଉଦ୍ୟମ ବେଳେ ପୋଲିସ ତାଙ୍କୁ ଖୋର୍ଦ୍ଧାରୁ ଗିରଫ କରିଥିଲା।

# ଆରମ୍ଭ ହେଲା ଚଉଷଠି ଯୋଗିନୀ ମହୋତ୍ସବ



୧୯ତମ ଚଉଷଠି ଯୋଗିନୀ ମହୋତ୍ସବରେ ଯୋଗଦେଇଥିବା ଅତିଥି।

## ଆଦ୍ୟାଶା, ଶ୍ରୀନିବାସଙ୍କୁ ‘ଚଉଷଠି ଯୋଗିନୀ ସମ୍ମାନ’

ପୁରୁଣା ଭୁବନେଶ୍ୱର/ଭୁବନେଶ୍ୱର,୨୪।୧୨(ସୁବାସ ଚନ୍ଦ୍ର ପ୍ରଧାନ/ ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ‘ନୃତ୍ୟ ପ୍ରତିଭା’ ଅନୁଷ୍ଠାନ ପକ୍ଷରୁ ୧୯ତମ ଚଉଷଠି ଯୋଗିନୀ ମହୋତ୍ସବ ବୁଧବାର ଭାରତୀୟ ବିଦ୍ୟାଭବନରେ ଆରମ୍ଭ ହୋଇଛି। ଅତିଥି ଭାବେ ଚଉଷଠି ଯୋଗିନୀ ମହୋତ୍ସବ ଅଧ୍ୟକ୍ଷ ଡ. ଅରବିନ୍ଦ ଢାଲୀ, ସଭାପତି ଡ. ରଜନୀ ରଞ୍ଜନ ଦାଶ, କାମାକ୍ଷା ପୀଠର ଗୁରୁଜୀ ଶିବଶଙ୍କର, କାମାକ୍ଷା ଦେବୀ ପୀଠ ସାଧିକା ମୀନାକ୍ଷୀ, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଭାପତି ମନ୍ମଥ ଶତପଥୀ, ଉପସଭାପତି ବଙ୍କିମ ନାୟକ, ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ନୃତ୍ୟ ପ୍ରତିଭାର ସମ୍ପାଦକ ଗୁରୁ ପ୍ରତିଭା ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଆଦ୍ୟାଶା ଦାସଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସତ୍ୟବାନ୍ ସେଠୀଙ୍କ ମଲ୍ଲାର ବ୍ୟାଣ୍ଡ୍ ଦର୍ଶକଙ୍କୁ ବିମୋହିତ କରିଥିଲା। ସତ୍ୟବାନ୍ ସାହୁଙ୍କ ଦଳ ଦ୍ୱାରା ପଲ୍ଲୀନୃତ୍ୟ, ତାରିତ୍ ସରକାର ଓ ଗ୍ରୁପ ଦ୍ୱାରା କଥକ, ନୃତ୍ୟ ପ୍ରତିଭା ଦ୍ୱାରା ପଞ୍ଚମୁଖୀ ଚଉଷଠୀ ଯୋଗିନୀ ଦଳଗତ ଓଡ଼ିଶୀ ନୃତ୍ୟ ମନୋମୁଗ୍ଧକର ଥିଲା। ପରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସଙ୍କୁ ‘ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ’ ଓ ଶ୍ରୀନିବାସ ଘଟୁଆରୀଙ୍କୁ ‘ଚଉଷଠି ଯୋଗିନୀ ଯୁବ ନୃତ୍ୟ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁଡୁ



@ ମୃତ୍ୟୁଞ୍ଜୟ



@ ପ୍ରଦୀପ୍ତ



@ ଶୁଭେନ୍ଦୁ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଓୟୁଏଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଦେଲା ଏସ୍‌ଏଫ୍‌ଆଇ

ଭୁବନେଶ୍ୱର,୨୪।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଗବେଷଣାରତ ଛାତ୍ରୀଛାତ୍ର ଛାତ୍ରବୃତ୍ତି (ଷ୍ଟାଇପେଣ୍ଡ) ପାଇଁ ଚଳାଇଥିବା ଶାନ୍ତିପୂର୍ଣ୍ଣ ଧାରଣା ଓ ଆନ୍ଦୋଳନକୁ ଛାତ୍ର ସଙ୍ଗଠନ ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ(ଏସ୍‌ଏଫ୍‌ଆଇ) ସମର୍ଥନ ଦେଇଛି। ବୁଧବାର ଏସ୍‌ଏଫ୍‌ଆଇର ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ, ରାଜ୍ୟ କମିଟି ସଭ୍ୟ ମାନସ ରଞ୍ଜନ ଦଳବେହେରା, ଛାତ୍ର ନେତା ପ୍ରଭାତ କୁମାର ପତି, ସାଇ ନାରାୟଣ ମିଶ୍ର, ରାଜେଶ କୁମାର ନନ୍ଦ ଓ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଛାତ୍ରନେତାଙ୍କ ସହ ଆଲୋଚନା କରିଛନ୍ତି। ୧୯୬୨ ମସିହାରେ ସ୍ଥାପିତ ଓୟୁଏଟିରେ ଗବେଷଣାରତ ଛାତ୍ରୀଛାତ୍ର ରାଜ୍ୟର କୃଷି, ଖାଦ୍ୟ ସୁରକ୍ଷା ଓ କୃଷକଙ୍କ ଜୀବନଜୀବିକା ସହ ସଂପୃକ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଛନ୍ତି। ସେମାନଙ୍କୁ ଗବେଷଣା ପାଇଁ ବୃତ୍ତି ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ। ଭାରତର ଅନ୍ୟାନ୍ୟ କୃଷି ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରୀଛାତ୍ର ନିୟମିତ ଛାତ୍ରବୃତ୍ତି ପାଉଥିବା ବେଳେ ଓୟୁଏଟି ଛାତ୍ରୀଛାତ୍ର ଏହି ଅଧିକାରରୁ ବଞ୍ଚିତ ରହିବା ଶିକ୍ଷା ସୁଯୋଗର ସମାନତା ଅଧିକାରକୁ ଉଲ୍ଲଂଘନ କରୁଛି। ଗବେଷଣାରତ ଗରିବ ମେଧାବୀଙ୍କୁ ମାସିକ ସର୍ବନିମ୍ନ ୨୧୦୦୦ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଉ। ଏଥିସହ ଓଡ଼ିଶାର ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଗରିବ ଓ ମେଧାବୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବାକୁ ଏସ୍‌ଏଫ୍‌ଆଇ ଦାବି କରିଛି।

# ୪ ଦିନ ସକାଳ ୭ରୁ ସନ୍ଧ୍ୟା ୭ ଟି–ସେତୁରେ ଯାନବାହନ ଚଳାଚଳ ବନ୍ଦ

ବଡ଼ମ୍ବା, ୨୪।୧୨(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକ୍ ଶ୍ରୀଶ୍ରୀ ସିଂହନାଥ ଦେବ ବିଜେ ଗୋପୀନାଥପୁରଙ୍କ ପ୍ରସିଦ୍ଧ ମକର ମେଳା ପାଇଁ ବୁଧବାର ପୀଠ ପରିସର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଂହନାଥ ଦେବଙ୍କ ଉକ୍ତ ପ୍ରସିଦ୍ଧ ମକର ମେଳା ଜାନୁଆରୀ ୧୪ରୁ ୧୭ ତାରିଖ ଅନୁଷ୍ଠିତ ହେବ। ତେବେ ଯାତ୍ରୀ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ମେଳାର ୪ ଦିନ ପର୍ଯ୍ୟନ୍ତ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଟି–ସେତୁରେ ସମସ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପୋଲିସ ପ୍ରଶାସନକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବାଙ୍କୀର ବୈଦେଶ୍ୱରଠାରୁ କେବଳ ଟି ସେତୁରେ ଯାତ୍ରୀମାନେ ମେଳାକୁ ଯିବାଆସିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ବଡ଼ମ୍ବା ପାର୍ଶ୍ୱରୁ ଟି ସେତୁ ଓ ଅସ୍ଥାୟୀ ରାସ୍ତା ଦେଇ ଯାତ୍ରୀମାନେ ମେଳାକୁ ଯିବାଆସିବା କରିବାକୁ ନିଷ୍ପତ୍ତି ହୋଇଛି।

## ଶ୍ରୀଶ୍ରୀ ସିଂହନାଥ ଦେବଙ୍କ ମକର ମେଳା ପାଇଁ ପ୍ରସ୍ତୁତି ବୈଠକ

ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବାସ୍କେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ମେଳା ଶାନ୍ତି ଶୃଙ୍ଖଳା ସହ ସମାପନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ମ୍ବା ବିଡିଓ ଚିତ୍ତରଞ୍ଜନ ଦାସ, ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ଯଯାତି ନାୟକ, ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ମନ୍ଦିର ମାଳି ସେବାୟତ ଜଳଧର ରଣା, ଭାଗୀରଥି ରଣା ପ୍ରମୁଖ ଯୋଗଦେଇଥିଲେ।




ବୈଠକରେ ବିଧାୟକ ବିଜୟ କୁମାର ଦଳବେହେରା ଓ ପ୍ରଶାସନିକ ଅଧିକାରୀ।

# ହନୁମାନ ମନ୍ଦିର, ଲୋକନାଥ ମନ୍ଦିରରୁ ଚୋରି

କଣାସ,୨୪।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ଚୋରଙ୍କ ଉପଦ୍ରବ ବଢ଼ିଛି। ମଙ୍ଗଳବାର ରାତିରେ କଣାସରେ ଥିବା ସାନମଠର ହନୁମାନ ମନ୍ଦିର ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ରୁପା ମୁକୁଟ ଚୋରି କରିନେଇଛନ୍ତି। ଏହାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସାନମଠ ନିକଟ ଲୋକନାଥ ମନ୍ଦିରରେ ଥିବା ବଡ଼ ପିତ୍ତଳ ଘଣ୍ଟିକୁ ଗ୍ୟାସ କଟରରେ କାଟି ନେଇଯାଇଥିବା ଅଭିଯୋଗ ହୋଇଛି। କଣାସ ଗୋଲାବଜାର ଆଖଣ୍ଡଳମଣି ମନ୍ଦିର ପରିସରସ୍ଥ ସୁକାନ୍ତ ଦଳସିଂହଙ୍କ କ୍ୟାବିନ୍ ତାଲା ଭାଙ୍ଗି ଡ୍ରରେ ଥିବା ୧୨ହଜାର ଟଙ୍କା ଓ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୨୪।୧୨(ସୁଚିସ୍ମିତା ସାହୁ)

## ଶେଷ ତାରିଖ ଜାନୁଆରୀ ୧୦

ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବେ ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫–୨୬ ପାଇଁ ୨୪ ତାରିଖ ବୁଧବାରଠାରୁ ଆବେଦନ ଆରମ୍ଭ ହୋଇଛି। ମୋଟ ୧୨ଟି ବିଭାଗ ଲାଗି ଏହି ଆବେଦନ ପ୍ରକ୍ରିୟା ଜାନୁଆରୀ ୧୦ ଯାଏ ଚାଲିବ। ପୁରସ୍କାର ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ www.msp.odisha.gov.inରେ ଆବେଦନ କରିପାରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ୍ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ଆଦି ରହିଛି। ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିବେ। ଅନ୍ୟପକ୍ଷରେ ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ଆବେଦନ କରିବେ। ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଆବେଦନ କରିପାରିବେ। ସେହିପରି ଡିଇଓ, ବିଇଓ, ସିଆର୍‌ସିସି ପୁରସ୍କାର ପାଇଁ ସମ୍ପୃକ୍ତ ଅଧିକାରୀ ଆବେଦନ କରିବେ। ଜିଲା ପୁରସ୍କାର ପାଇଁ ଜିଲାପାଳ, ବ୍ଲକ ପୁରସ୍କାର ପାଇଁ ବିଡିଓ ଏବଂ ଡିଆଇଇଟି ପୁରସ୍କାର ପାଇଁ ସମ୍ପୃକ୍ତ ଡିଆଇଇଟିର ଅଧ୍ୟକ୍ଷ ନିର୍ଦ୍ଧାରିତ ୱେବ୍‌ସାଇଟରେ ଆବେଦନ କରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍‌ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସରକାରଙ୍କ ଏକ ବୃହତ ଆଭିମୁଖ୍ୟ। ଏହି ପଦକ୍ଷେପ ମାଧ୍ୟମରେ ନୂତନ ଓଡ଼ିଶା ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଶିକ୍ଷକ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷା ପ୍ରଶାସକଙ୍କ ସକ୍ରିୟ ଅଂଶଗ୍ରହଣ କରିବା ସହ ସହଯୋଗକୁ ଉତ୍ସାହିତ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନକଲି ହାତୀଦାନ୍ତ ତିଆରି ର୍ୟାକେଟ୍: ଆଉ ୬ ଗିରଫ

## ଗିରଫ ସଂଖ୍ୟା ୨୨କୁ ବୃଦ୍ଧି

ନୀଳଗିରି, ୨୪।୧୨ (ପ୍ରଶାନ୍ତ ବିଶ୍ୱାଳ)


ଗିରଫ ୬ ଅଭିଯୁକ୍ତ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବୁଧବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ଦାନ୍ତ ତିଆରି ର୍ୟାକେଟର ଆଉ ୬ଜଣଙ୍କୁ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି। ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରୀ ମାମଲାରେ ପୂର୍ବରୁ ୧୬ଜଣ ତସ୍କରଙ୍କୁ ଗିରଫ କରାଯାଇଥିଲା। ବୁଧବାର ଭୋରରେ ଆଉ ୬ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୪୬ଟି ବଜ୍ରକାପ୍ତା କଣ୍ଟା, ଝିଙ୍କ କାଠି, କାଣ୍ଡ କାଣ୍ଡଶର, କୁରାଢ଼ି, ବିସ୍ଫୋରକ ସାମଗ୍ରୀ ସହିତ ଗୋଟିଏ ଦେଶୀବନ୍ଧୁକ ଜବତ ହୋଇଛି। ୬ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବା ସହ ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛନ୍ତି ସେମାନଙ୍କୁ ଗୋପନୀୟ ଭାବେ ଅଧିକ ତଦନ୍ତ ଜାରି ରହିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

ଗତ ୧୪ ତାରିଖରେ ୩ ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁଙ୍କ ଦେହାବଶେଷ ତସ୍କରି କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତ ହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚ ଦରରେ ବିକ୍ରି କରୁଥିଲେ।

# ରାଜା ଚକ୍ରଙ୍କ ରେଞ୍ଜ୍ ରୋଭର୍ ଜବତ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୪।୧୨ (ସତ୍ୟଜିତ ରାଉତ)

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା

କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଇଓଡବ୍ଲ୍ୟୁ ଟିମ୍ ମୁଖ୍ୟ ଅଭିଯୁକ୍ତ ସୌମ୍ୟ ଶଙ୍କର ଓରଫ ରାଜା ଚକ୍ରଙ୍କ ଏକ ଦାମୀ କାର୍ ରେଞ୍ଜ ରୋଭର୍ (ଓଡି୦୨ବିୱାଇ୦୦୨୧)କୁ ଜବତ କରିଛି। ଏହି କାର୍ ରାଜାଙ୍କ କମ୍ପାନୀ ଶଙ୍କର ମିନେରାଲ୍ସ ନାଁରେ ରହିଛି। କାର୍‌ଟି ଭୁବନେଶ୍ୱର ପାହାଳସ୍ଥିତ ଏକ ଆପାର୍ଟମେଣ୍ଟ ନିକଟରୁ ମଙ୍ଗଳବାର ଜବତ କରାଯାଇଥିଲା। ଶଙ୍କର କାର୍‌କୁ ଦୀର୍ଘଦିନ ହେବ ଲୁଚାଇ ରଖିଥିଲେ ବୋଲି ଜଣାପଡିଛି। ତେବେ ଜାଲିଆତି ଟଙ୍କାରେ ରାଜା ଏହି କାର୍ କିଣିଥିବା ଇଓଡବ୍ଲ୍ୟୁ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହି ମାମଲାରେ ରାଜାଙ୍କ ସମେତ ୫ ଜଣ ଅଭିଯୁକ୍ତ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ସମବାୟ


ଜବତ ରେଞ୍ଜ ରୋଭର୍ କାର୍।

ସମିତିରୁ ୪୦ରୁ ୫୦ କୋଟି ଟଙ୍କା ଜାଲିଆତି କରି ରାଜା ଓ ତାଙ୍କ ସହଯୋଗୀମାନେ ନେଇଯାଇଥିଲେ। ତଦନ୍ତରୁ ଏଯାଏ ୩୨ କୋଟି ଟଙ୍କା ଦୁର୍ନୀତିର ପ୍ରମାଣ ମିଳିଥିବା ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖଙ୍କୁ ହାତ ବାରିଶି କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ଫେବୃଆରୀ ୭ରେ ଇଓଡବ୍ଲ୍ୟୁ ଏହି ଜାଲିଆତି ନେଇ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ଛେଣ୍ଡିପଦା, ୨୪।୧୨ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସର କହିବା ଅନୁଯାୟୀ, ସପ୍ତମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତା ନାବାଳିକାଙ୍କୁ ମଙ୍ଗଳବାର ଅପରାହ୍ନରେ ଉକ୍ତ ଥାନା ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ବ୍ଲକରୁ ବିରି ଆଣିବା ପାଇଁ କହି ଏକ ବାଇକ୍‌ରେ ବସାଇ ନେଇଯାଇଥିଲେ। ହେଲେ ଫେରିବାରେ ବିଳମ୍ବ ଦେଖି ନାବାଳିକାଙ୍କ ମା' ବାରମ୍ବାର ଫୋନ କରିଥିଲେ। ଏହାପରେ ରାତି ୮ଟା ବେଳେ ଗାଁ ଠାରୁ ୩ କିଲୋମିଟର ଦୂର ଏକ ସ୍କୁଲ ପଛରେ ନାବାଳିକାଙ୍କୁ ଛାଡ଼ି ପ୍ରଫୁଲ୍ଲ ପଳାଇ ଯାଇଥିଲେ। ୨ଶହ ଟଙ୍କା ଦେବା ସହ ଘଟଣା ବିଷୟରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ତେବେ ନାବାଳିକା ଜଣକ ପରିବାର ଲୋକଙ୍କ ଆଗରେ ବଳାତ୍କାର ଉଦ୍ୟମ ସମ୍ପର୍କରେ କହିବା ପରେ ବୁଧବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏବେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି।

# ଜେଲ ଗଲେ ୨ ନକଲି ପୋଲିସ

ଭୁବନେଶ୍ୱର, ୨୪।୧୨ (ସତ୍ୟଜିତ ରାଉତ)

## ପ୍ରେମୀଯୁଗଳଙ୍କ ଫଟୋ ଉଠାଇ ବ୍ଲାକ୍‌ମେଲ୍ ଘଟଣା

ଖଣ୍ଡଗିରି ଓ ଉଦୟଗିରିରେ ପୋଲିସ ପରିଚୟ ଦେଇ ପ୍ରେମୀଯୁଗଳଙ୍କ ଫଟୋ ଉଠାଇ ବ୍ଲାକ୍‌ମେଲ୍ କରିବା ସହ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ଅଭିଯୋଗରେ କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଭଳି ଅପରାଧରେ ସମ୍ପୃକ୍ତ ୨ ନକଲି ପୋଲିସଙ୍କୁ ଖଣ୍ଡଗିରି ଥାନା ପକ୍ଷରୁ ବୁଧବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ନୂଆବଜାରର ଜୋସେଫ୍ ଏମ୍.ଇ(୪୧) ଓ ଖଣ୍ଡଗିରି ଜାଗମରାର ଜିତେନ୍ଦ୍ର ସାମନ୍ତରାୟ (୫୦)। ଅଭିଯୁକ୍ତଦ୍ୱୟଙ୍କଠାରୁ ବାଇକ୍ ଓ ମୋବାଇଲ ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୯୪୭/୨୦୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ଖଣ୍ଡଗିରି ଓ ଉଦୟଗିରିକୁ ବୁଲିବାକୁ ଆସୁଥିବା ପ୍ରେମୀଯୁଗଳଙ୍କୁ ଅଭିଯୁକ୍ତଦ୍ୱୟ ହଇରାଣ କରୁଥିଲେ। ଅଭିଯୁକ୍ତଦ୍ୱୟ କିଛି ଦିନ ହେବ ପୋଲିସ ପରିଚୟ ଦେଇ ପ୍ରେମୀଯୁଗଳଙ୍କ ଫଟୋ ଉଠାଇବା ସହ ବ୍ଲାକ୍‌ମେଲ୍ କରୁଥିଲେ। ଏଥିସହ ଟଙ୍କା ମଧ୍ୟ ହଡ଼ପ କରୁଥିଲେ। ଏନେଇ ସୂଚନା ମିଳିବା ପରେ ଖଣ୍ଡଗିରି ଥାନା ପକ୍ଷରୁ ସାଦା ପୋଷାକରେ ପୋଲିସ ମୁତୟନ କରାଯାଇ ଜାଲ ବିଛାଯାଇଥିଲା। ଏପରିକି ପୋଲିସ ମଧ୍ୟ ପ୍ରେମୀଯୁଗଳ ବେଶରେ ପଇଁତରା ମାରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଟିମ୍ ଅଭିଯୁକ୍ତଦ୍ୱୟଙ୍କୁ ମାଡ଼ି ବସିଥିଲା।

# ମହିଳାଙ୍କୁ ୧୫ ମାସ ଜେଲଦଣ୍ଡ

ଭୁବନେଶ୍ୱର, ୨୪।୧୨ (ସତ୍ୟଜିତ ରାଉତ)

## ଗହଣା ଦୋକାନରୁ ପାଉଁଜି ଚୋରି

ବମିଖାଲସ୍ଥିତ ଏକ ଗହଣା ଦୋକାନରୁ ପାଉଁଜି ଚୋରି ମାମଲାରେ ଅଭିଯୁକ୍ତ ମହିଳାଙ୍କୁ ଜେଏମ୍‌ଏଫ୍‌ସି-୪ କୋର୍ଟ ୧୫ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଅମୂଲ୍ୟା ଜେନା। ମାମଲା ଅନୁଯାୟୀ, ନଭେମ୍ବର ୧୧ ଦିନ ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଅମୂଲ୍ୟା ବମିଖାଲସ୍ଥିତ ହିନ୍ଦୁସ୍ଥାନ ଜୁଏଲାରୀକୁ ଯାଇ ପାଉଁଜି ଦେଖିଥିଲେ। ହେଲେ କିଛି ପସନ୍ଦ ଆସୁ ନ ଥିବା କହି ଅମୂଲ୍ୟା ସେଠାରୁ ଫେରି ଯାଇଥିଲେ। ତେବେ ଅମୂଲ୍ୟା ଏହି ସମୟରେ କୌଶଳକ୍ରମେ ହଳେ ପାଉଁଜିକୁ ଚୋରି କରିନେଇଥିବା ସିସିଟିଭି କ୍ୟାମେରା ଯାଞ୍ଚରୁ ଜଣାପଡିଥିଲା। ଏନେଇ ମ୍ୟାନେଜର ଅଶୋକ କୁମାର ମଲ୍ଲିକଙ୍କ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ମାମଲା (ନଂ.୬୬୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରାଯାଇଥିଲା। ଅମୂଲ୍ୟା ବିଶେଷକରି ବିଭିନ୍ନ ଗହଣା ଦୋକାନକୁ ଯାଇ ପାଉଁଜି ଦେଖିବା ବାହାନାରେ ଚୋରି କରୁଥିଲେ। କୋର୍ଟ ୫ ସାକ୍ଷୀଙ୍କ ବୟାନ ଓ ୧୪ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

# ୨ ଯୁବକଙ୍କୁ ମାରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ

## ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୋଲିସର ତଦନ୍ତ

ତାଳଚେର, ୨୪।୧୨ (ମନୋଜ ନନ୍ଦ)


ଘଟଣାସ୍ଥଳରେ ତାଳଚେର ପୋଲିସ ପହଞ୍ଚି ତଦନ୍ତ କରୁଛି।

ଅନୁଗୋଳ ଜିଲା ତାଳଚେର ପୋଲିସ ବୁଧବାର ସକାଳେ ୧୪୯ ନଂ. ଜାତୀୟ ରାଜପଥର ଲିଙ୍ଗରାକଟା ଗ୍ରାମ ନିକଟସ୍ଥ ନାଲ୍‌କୋ ପାଇପ୍‌ଲାଇନ ପାର୍ଶ୍ୱରୁ ୨ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଦ୍ୱୟ ହେଲେ ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା (୧୮) ଓ ବଣଁରପାଳ ଥାନା ଭୋଗବେରଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ (୨୦)। ଉଭୟଙ୍କୁ ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲା।

ପୋଲିସର ସୂଚନା ଅନୁଯାୟୀ, ୧୪୯ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୨ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ସକାଳେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ତୁରନ୍ତ ଘଟଣାସ୍ଥଳରେ ତାଳଚେର ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ବଣଁରପାଳ ଥାନା ଆଇଆଇସି ଦୁଷ୍ମନ୍ତ କୁମାର ସିଂ ପହଞ୍ଚିଥିଲେ। ଏଥିସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇ ତଦନ୍ତ କରାଯାଇଥିଲା। ପରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ୨ ଯୁବକଙ୍କୁ ହତ୍ୟା କରି ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ନେଇ ସେମାନଙ୍କ ପରିବାର ଲୋକେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୮୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ଏସ୍‌ଡିପିଓ ସାହୁ ପ୍ରକାଶ କରିଛନ୍ତି। ଖବରପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

## Business

# ୧,୩୩୩ କୋଟି ନିବେଶକୁ ଅନୁମୋଦନ

ଭୁବନେଶ୍ୱର, ୨୪।୧୨ (ଅନୁରାଧା ମହାରଣା)

- ୭,୪୦୦ରୁ ଅଧିକ ନିଯୁକ୍ତି ଆଶା
- ୭ ଜିଲାରେ ୧୧ ପ୍ରକଳ୍ପ ମଞ୍ଜୁର

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୧୪୩ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ମାଧ୍ୟମରେ ମୋଟ ୧,୩୩୨.୮୦ କୋଟି ନିବେଶ ସହିତ ୧୧ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ୭,୪୭୪ ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଅନୁମୋଦନଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି-କେନ୍ଦ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପଦକ୍ଷେପ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଧାତୁ ସହାୟକ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଏବଂ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଏବଂ ପୋଷାକ, ରାସାୟନିକ ପଦାର୍ଥ, ସବୁଜ ହାଇଡ୍ରୋଜେନ ଏବଂ ସବୁଜ ଆମୋନିଆ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, କୋଇଲା, ଆଇଟି ଆଣ୍ଡ ଇଏସଡିଏମ୍ ସମେତ ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଅନୁଗୋଳ, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ମୟୂରଭଞ୍ଜ ଜିଲା ୭ଟି ଜିଲାରେ କାର୍ଯ୍ୟକାରୀ କରାଯିବ। ଅନୁମୋଦନ ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଧାତୁ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ, କଳିଙ୍ଗ କପର ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ୧୫୦ କୋଟି ନିବେଶ ହେବ। ତମ୍ବା ଫଏଲ ଉତ୍ପାଦନ ୟୁନିଟ୍ ସ୍ଥାପନ ସହ ୨୦୦ ନିଯୁକ୍ତି ସୃଷ୍ଟି କରିବ। ଏମ୍‌ଏମ୍ କାଷ୍ଟିଂ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୬୫ କୋଟି ନିବେଶକରି ଉଚ୍ଚ ମାଙ୍ଗାନିଜ ଷ୍ଟିଲ କ୍ରଶର ପାର୍ଟସ ନିର୍ମାଣ କରିବ, ଯାହା ୩୩୦ ନିଯୁକ୍ତି ସୃଷ୍ଟି କରିବ। ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବୟନ ଶିଳ୍ପ କ୍ଷେତ୍ରରେ, ପଶୁପତି ଆଗ୍ରୋଭେଟ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ୟୁନିଟ୍‌ରେ ୨୦୦ କୋଟି ନିବେଶ କରିବ। ଏହା ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶ୍ରୀ ଲକ୍ଷ୍ମୀ ଆପାରେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏକ ରେଡିମେଡ୍ ପୋଷାକ ୟୁନିଟ୍‌ରେ ୬୦ କୋଟି ନିବେଶ କରିବ, ଯାହା ୧,୨୫୦ ନିଯୁକ୍ତି ସୃଷ୍ଟି କରିବ। ରାସାୟନିକ ଏବଂ ସବୁଜ ଶକ୍ତି କ୍ଷେତ୍ରରେ, ୟୁନିଭର୍ସାଲ ଇଣ୍ଡଷ୍ଟ୍ରିଜ ଜଗତ୍‌ସିଂହପୁରରେ ୨୨୦ କୋଟି ନିବେଶ ଏବଂ ୨୧୫ ନିଯୁକ୍ତି ସହିତ ଏକ ଆଗ୍ରୋ ରାସାୟନିକ ୟୁନିଟ୍ ସ୍ଥାପନ କରିବ। ସାରା ଗ୍ରୀନ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୨୦,୦୦୦ ମେଟ୍ରିକ ଟନ୍ ଗ୍ରୀନ୍ ଆମୋନିଆ ପ୍ରକଳ୍ପରେ ୨୫୦ କୋଟି ନିବେଶ କରିବ ଏହା ୪୭ ନିଯୁକ୍ତି ସୃଷ୍ଟି କରିବ। ପର୍ଯ୍ୟଟନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ, ଖିମଜୀ ରିଟେଲ ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍ ମୟୂରଭଞ୍ଜରେ ୫୦.୮୫ କୋଟି ନିବେଶ ଏବଂ ୧୭୭ ନିଯୁକ୍ତି ସହିତ ଏକ ଚାରିତାରକା ଲଗଜୁରି ରିସର୍ଟ ବିକଶିତ କରିବ ଏବଂ ଷ୍ଟିଲ୍ସ ଆଣ୍ଡ କ୍ୟାରିଅର୍ସ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୋଳରେ ୧୫୯.୭୫ କୋଟି ନିବେଶ ସହିତ ଏକ ଘରୋଇ ମାଲ ପରିବହନ ଟର୍ମିନାଲ ସ୍ଥାପନ କରିବ, ଯାହା ୨୫୫ ନିଯୁକ୍ତି ସୃଷ୍ଟି କରିବ। କୋଇଲା, ଆଇଟି ଏବଂ ଇଏସ୍‌ଡିଏମ୍ କ୍ଷେତ୍ରରେ, ସାଫିଏଣ୍ଟ କୋଇଲା ବେନିଫିସିଏଶନ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୋଳରେ ୫୮.୨୦ କୋଟି ନିବେଶ ଏବଂ ୩୦୦ ନିଯୁକ୍ତି ସହିତ ଏକ କୋଇଲା ବେନିଫିସିଏଶନ ପ୍ଲାଣ୍ଟ ସ୍ଥାପନ କରିବ। କ୍ୱାର୍କସ ଟେକ୍ନୋସଫ୍ଟ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ସଫ୍ଟୱେର୍ ବିକାଶରେ ୬୮ କୋଟି ନିବେଶ କରିବ, ଯାହା ୨,୫୦୦ ନିଯୁକ୍ତି ସୃଷ୍ଟି କରିବ। ସୋର୍ସିଂବ୍ରେନ୍ସ ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଟେଲିମାଟିକ୍ସ ଡିଭାଇସ ଏବଂ ସ୍ମାର୍ଟ ମିଟର ପାଇଁ ଏକ ଇଏସ୍‌ଡିଏମ୍ ୟୁନିଟ୍‌ରେ ୫୧ କୋଟି ନିବେଶ କରିବ ଯାହାକି ୧,୫୦୦ ନିଯୁକ୍ତି ସୃଷ୍ଟି କରିବ।

# ପୂର୍ବଭାରତରେ ଓଡ଼ିଶା ଏକ ଉଦୀୟମାନ ମାଇକ୍ରୋଫାଇନାନ୍ସ ବଜାର

ଭୁବନେଶ୍ୱର, ୨୪।୧୨ (ଅନୁରାଧା ମହାରଣା)




ଓଡ଼ିଶା ପୂର୍ବ ଭାରତର ଉଦୀୟମାନ ମାଇକ୍ରୋଫାଇନାନ୍ସ ବଜାର ମଧ୍ୟରୁ ଗୋଟିଏ। ଏହା ଗ୍ରାମୀଣ ଏବଂ ଅର୍ଦ୍ଧ-ସହର ନିଯୁକ୍ତି ସୁଯୋଗ ବୃଦ୍ଧି, ଆୟ କ୍ଷମତାରେ ଆଖିଦୃଶିଆ ଉନ୍ନତି ଦ୍ୱାରା ସମର୍ଥିତ । ଫ୍ୟୁଜନ୍ ଫାଇନାନ୍ସର ସିଇଓ ସଞ୍ଜୟ ଗରିଆଲି ଓ ଚିଫ୍ ଅପରେଟିଂ ଅଫିସର ସୁନୀଲ ମୁଦ୍ରା ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗରିଆଲି କହିଛନ୍ତି, ରାଜ୍ୟର କ୍ରେଡିଟ୍ ଇକୋସିଷ୍ଟମ୍ ସ୍ଥିର ଆନୁଷ୍ଠାନିକୀକରଣ ଡିଜିଟାଲ୍ ଆର୍ଥିକ ସେବାର ଉପଯୋଗ ମାଧ୍ୟମରେ ଏବଂ ଦାୟିତ୍ୱପୂର୍ଣ୍ଣ ତଥା ତଥ୍ୟ ସମ୍ବଳିତ ଋଣ କାରବାର ଉପରେ ଅଧିକ ଗୁରୁତ୍ୱ ଦେଉଛି। ସେପ୍ଟେମ୍ବର ୩୦ ସୁଦ୍ଧା, ଓଡ଼ିଶାରେ ଫ୍ୟୁଜନ୍ ଫାଇନାନ୍ସର କାରବାର ପୋର୍ଟଫୋଲିଓ ୫୭୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ରାଜ୍ୟର ୩୦ ଜିଲାରେ ୧୩୫ଟି ମାଇକ୍ରୋଫାଇନାନ୍ସ ଶାଖାର ଏକ ନେଟ୍‌ୱାର୍କ ଦ୍ୱାରା ପ୍ରତିଫଳିତ। କମ୍ପାନୀ ଏହାର ଜେଏଲଜି ମଡେଲ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ମହିଳାଙ୍କୁ ସେବା ଯୋଗାଇଛି। ଫ୍ୟୁଜନ୍ ୨୦୧୬ରୁ ଓଡ଼ିଶା ବଜାର ସହିତ ଜଡ଼ିତ ରହିବା ସହ କାରବାର କରୁଛି। ଅନ୍-ଗ୍ରାଉଣ୍ଡ ଉପସ୍ଥିତି କମ୍ପାନୀକୁ ଦୃଢ଼ ପୋର୍ଟଫୋଲିଓ ତଦାରଖ ବଜାୟ ରଖିବା ସହିତ ଅଣସେବାପ୍ରାପ୍ତ ଋଣଗ୍ରହୀତାଙ୍କ ଏକ ବିସ୍ତୃତ ଆଧାରକୁ ସେବା ଯୋଗାଇବାରେ ସକ୍ଷମ କରୁଥିବା ସେ କହିଛନ୍ତି।

# ଚାନ୍ଦିଭଣ୍ଡାର ପକ୍ଷରୁ 'ପାର୍ଟି ଏଡିଟ୍' କଲେକ୍ସନ

ଭୁବନେଶ୍ୱର, ୨୪।୧୨ (ଅନୁରାଧା ମହାରଣା)



ଚାନ୍ଦିଭଣ୍ଡାର ପକ୍ଷରୁ 'ପାର୍ଟି ଏଡିଟ୍' କଲେକ୍ସନର ଶୁଭାରମ୍ଭ କରାଯାଇଛି। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବାବେଳେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି କଲେକ୍ସନ ଲଞ୍ଚ୍ କରାଯାଇଛି। ଏହି କଲେକ୍ସନରେ ଥିବା ରୁପା ଗହଣା ଗ୍ରାହକଙ୍କୁ ଆକର୍ଷଣୀୟ ଲୁକ୍ ଦେବା ସହ ନିଆରା ଅନୁଭୂତି ପ୍ରଦାନ କରିବ। ୯୨.୫% ଶୁଦ୍ଧତା ସହ ପ୍ରସ୍ତୁତ ଷ୍ଟର୍ଲିଂ ସିଲ୍‌ଭର, ଜିର୍କନ ସହ ନୀଳ, ସବୁଜ, ନାଲି ହଳଦିଆ ଆଦି ରଙ୍ଗର ଗହଣା ରହିଛି। ଓଡ଼ିଶାର ୬ ଜଣ ପ୍ରସିଦ୍ଧ ଯୁବ କଳାକାରଙ୍କୁ ନେଇ ଏକ ବିଜ୍ଞାପନ ଅଭିଯାନ ଜାରି ରହିଛି। ଜାନୁଆରୀ ୩ ପର୍ଯ୍ୟନ୍ତ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଗ୍ରାହକମାନେ ଏହି ଅବଧି ମଧ୍ୟରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ଆମର ଅଳଙ୍କାର କେବଳ ଏକ ଆସେସୋରି ନୁହେଁ – ଏହା ବ୍ୟକ୍ତିତ୍ୱର ବିବୃତି, ଗ୍ଲାମରର ସ୍ପର୍ଶ ଏବଂ ଉତ୍ସବର ଭାବନାର ପ୍ରତିଫଳନ। ଅଳଙ୍କାର ବ୍ୟତୀତ ଚାନ୍ଦିଭଣ୍ଡାର ପାର୍ଟିର ଆବଶ୍ୟକ ସାମଗ୍ରୀ, ସୁନ୍ଦର ସାଜସଜ୍ଜା ସାମଗ୍ରୀ, ଉପହାର ଆଦି ଉପଲବ୍ଧ କରିଛି।

# ଟିଭିଏସ୍‌ର 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ଅଭିଯାନ

ଭୁବନେଶ୍ୱର, ୨୪।୧୨ (ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନୀ ଏକ ସେବା ଅଭିଯାନ ଘୋଷଣା କରିଛି। 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ଶୀର୍ଷକ ଏହି ଅଭିଯାନ ୨୦୨୬ ଜାନୁଆରୀ ୫ ପର୍ଯ୍ୟନ୍ତ ଭାରତରେ ଅନୁମୋଦିତ ଟିଭିଏସ୍ ମୋଟର କମ୍ପାନୀର ସେବା କେନ୍ଦ୍ରଗୁଡ଼ିକରେ ଚାଲିବ। ଅଭିଯାନ ସମୟରେ ଟିଭିଏସ୍ ମୋଟରର ସେବା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରୁଥିବା ଗ୍ରାହକମାନେ ଇଞ୍ଜିନ, ବ୍ରେକ୍, ବୈଦ୍ୟୁତିକ ଏବଂ ସସ୍‌ପେନ୍‌ସନ ସମେତ ଏକ ବ୍ୟାପକ ଯାନବାହନ ସ୍ୱାସ୍ଥ୍ୟ ଯାଞ୍ଚର ସୁବିଧା ପାଇପାରିବେ। ଅତିରିକ୍ତ ଲାଭ ମଧ୍ୟରେ ସମସ୍ତ ଟିଭିଏସ୍ ଆପାଚି ଏବଂ ଟିଭିଏସ୍ ରୋନିନ୍ ପୋର୍ଟଫୋଲିଓ ପାଇଁ ଯାନବାହନ ସ୍ୱାସ୍ଥ୍ୟ ରିପୋର୍ଟରେ ସହାୟତା, ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା, ବିସ୍ତାରିତ ୱାରେଣ୍ଟି, ରାସ୍ତା ପାର୍ଶ୍ୱ ସହାୟତା, ଶ୍ରମ ସେବା, ମୂଲ୍ୟଯୁକ୍ତ ସେବା, ପ୍ରକୃତ ଟିଭିଏସ୍ ମୋଟରର ପାର୍ଟସ ଏବଂ ଇଞ୍ଜିନ ଅଏଲ୍ ଅନ୍ତର୍ଭୁକ୍ତ ରହିବ।

DADLS - 73





ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବିଶିଷ୍ଟ ରାଷ୍ଟ୍ରନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ମୁଁ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସେ ଥିଲେ ସୁଶାସନର ପ୍ରତୀକ । ସେଥିପାଇଁ ଆଜି ଦିନଟି ସୁଶାସନ ଦିବସ ରୂପେ ପାଳନ କରାଯାଉଛି । ଆସନ୍ତୁ, ତାଙ୍କ ଆଦର୍ଶ ଓ ଉଦାରଚେତା ମନୋଭାବରେ ପ୍ରେରିତ ହୋଇ ଆମେ ସମସ୍ତେ ଦେଶସେବାରେ ବ୍ରତୀ ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1301/2526




କ୍ରିସ୍‌ମାସ୍ ଓ ବଡ଼ଦିନ ପାଇଁ ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ହୋଇଥିବା କ୍ରିସ୍‌ମାସ୍ ଟ୍ରି। ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ ଜାଳି ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ପ୍ରଭୁ ଯିଶୁଙ୍କ ଧରାବତରଣ, ଉତ୍ସବମୁଖର ଚର୍ଚ୍ଚ

ଭୁବନେଶ୍ୱର,୨୪।୧୨ (ସୌମ୍ୟରଞ୍ଜନ ରାଉତ)

ଜନ୍ମ ନେଲେ ପ୍ରଭୁ ଯିଶୁ। ଉତ୍ସବମୁଖର ହୋଇଉଠିଲା ଧରାପୃଷ୍ଠ। ରାଜଧାନୀ ଭୁବନେଶ୍ୱରର ସତ୍ୟନଗର କ୍ୟାଥୋଲିକ୍ ଚର୍ଚ୍ଚ ଓ ୟୁନିଟ୍-୪ସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚ ସମେତ ସହରର ୩୫ରୁ ଅଧିକ ଛୋଟବଡ଼ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ଧରାବତରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଚର୍ଚ୍ଚ ଭିତର ଓ ପରିସରକୁ ଫୁଲ, ରଙ୍ଗିନ ଆଲୋକମାଳାରେ ସଜା ଯାଇଥିଲା। ଏଥିସହ ପ୍ରଭୁଙ୍କ ଜନ୍ମ ପାଇଁ ଗୁହାଳ ଘରଠୁ ଆରମ୍ଭ କରି ବିଭିନ୍ନ ପ୍ରସ୍ତୁତି ହୋଇଥିଲା। ରାତି ୧୦ଟାରେ ପ୍ରାର୍ଥନା ଶେଷ ହୋଇ ରାତି ୧୨ରୁ ଦିବ୍ୟ ଯଜ୍ଞ କରାଯାଇଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସମୂହ ପ୍ରାର୍ଥନା ଭିତରେ ବୁଧବାର ମଧ୍ୟରାତ୍ରିରେ ଗୁହାଳ ଘରେ ଯିଶୁ ଜନ୍ମ ନେଇଥିଲେ। ଏହି ଖୁସିରେ କେକ୍ କଟାଯାଇଥିଲା। ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ୍ ଜାଳି ଗୋଲାପ ଫୁଲ ଅର୍ପଣ କରିଥିଲେ। ପରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପ୍ରାର୍ଥନା କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଗୁରୁବାର ଗୋଲାପ ଫୁଲ ସମର୍ପଣ ପୂର୍ବକ କ୍ୟାଣ୍ଡେଲ ଜାଳି ଯିଶୁଙ୍କୁ ସ୍ମରଣ କରାଯିବା ସହ ଓଡ଼ିଆ, ହିନ୍ଦୀ, ଇଂଲିଶ ଭାଷାରେ ସାମୂହିକ ପ୍ରାର୍ଥନା କରାଯିବ ବୋଲି ଚର୍ଚ୍ଚର ଫାଦର ଅଜୟ ସୂଚନା ଦେଇଛନ୍ତି। କ୍ରିସ୍‌ମାସ ପାଇଁ ସତ୍ୟନଗର ଚର୍ଚ୍ଚ ପରିସରକୁ ବଡ଼ କରାଯାଇଥିବାବେଳେ ନୂଆ ପ୍ରାର୍ଥନା ଘର ମଧ୍ୟ କରାଯାଇଛି।



ସତ୍ୟନଗର ଚର୍ଚ୍ଚରେ ଧରାବତରଣ କରିଥିବା ପ୍ରଭୁ ଶିଶୁଙ୍କୁ ଜଣେ ଶିଶୁ ଚୁମ୍ବନ ଦେଉଛନ୍ତି।

ୟୁନିଟ୍-୪ ଚର୍ଚ୍ଚର ପାଷ୍ଟର ସଂଗ୍ରାମ କେଶରୀ ସିଂ କହିଛନ୍ତି, ପ୍ରଭୁ ଯିଶୁଙ୍କ ଜନ୍ମ ଉତ୍ସବ ପାଳନ ଲାଗି ଚଳିତବର୍ଷ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ଚର୍ଚ୍ଚଠାରୁ ଆରମ୍ଭ କରି ଗୁହାଳ ଘର ଆଦିକୁ ଆଲୋକ ମାଳାରେ ସାଜସଜ୍ଜା କରାଯାଇଛି। ଉପାସନା ଲାଗି ରାଜଧାନୀର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଚର୍ଚ୍ଚକୁ ଆସିଛନ୍ତି। ଏହାବାଦ୍ ବିଭିନ୍ନ ଚର୍ଚ୍ଚ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। ଗୁରୁବାର ଇଂଲିଶ୍ ଉପାସନା ପରେ ଓଡ଼ିଆ ଉପାସନା ହେବାର ବ୍ୟବସ୍ଥା ହୋଇଛି।

ଖ୍ରୀଷ୍ଟଧର୍ମାବଲମ୍ବୀ ପ୍ରମିଳା ପ୍ରଧାନ କହିଛନ୍ତି, କ୍ରିସ୍‌ମାସ ପାଇଁ ଆମେ ଆମ ଘରକୁ ରଙ୍ଗିନ ଆଲୋକମାଳାରେ ସଜେଇଛୁ। ଏଥିସହ ଯିଶୁଙ୍କ ଆଗମନ ଲାଗି କ୍ରିସ୍‌ମସ୍ ଟ୍ରିରେ ଘର ସଜେଇବା ସହ ଗୋଟିଏ ଛୋଟ ଗୋଶାଳା କରି ସେଠାରେ ଉପାସନା କରୁଛୁ। ନିଜ ବନ୍ଧୁ ଓ ସାଙ୍ଗଙ୍କୁ ଯିଶୁଙ୍କ ଆଗମନର ବାର୍ତ୍ତା ଓ ନିମନ୍ତ୍ରଣ ପଠାଇଛୁ। ପରସ୍ପର ଭିତରେ ଶୁଭେଚ୍ଛାର ବାର୍ତ୍ତା ବାଣ୍ଟିବୁ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୪।୧୨ (ସୌମ୍ୟରଞ୍ଜନ ରାଉତ)- ରସୁଲଗଡ଼ ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଅତିଥି ଭାବରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭାଜପା ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲାବେଳେ ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସଭାପତି ସରୋଜ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା ମଧୁସ୍ମିତା ମହାରଣା, ଗୁଣମଞ୍ଜରୀ ମହାପାତ୍ର, ସୁପ୍ରଭା ବାରିକ ଓ ମୋନାଲିସା ନାୟକ ପରିଚାଳନାରେ ସହଯୋଗ କରିଥିଲେ।




ଉତ୍ସବରେ ଅତିଥିଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ।

## ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)- ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ୮ମ ପ୍ରତିଷ୍ଠା ଦିବସ ଓ ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ସାଇ ରେସିଡେନ୍ସିଆଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଉତ୍ସବରେ ଚତୁର୍ଥରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରେରଣାଦାୟକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ରାଜ୍ୟ ସରକାରଙ୍କ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦେଶ ବିକାଶରେ ଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଛି। ମଣିଷର ସଫଳତା ଏବଂ ମଣିଷପଣିଆ ହିଁ ସମସ୍ତଙ୍କ ପାଖରେ ସ୍ମୃତି ହୋଇ ରହିଥାଏ। ଜ୍ଞାନ ପ୍ରକୃତରେ ଶକ୍ତିଶାଳୀ, ଏହା ଜଣେ ବ୍ୟକ୍ତିକୁ ସଶକ୍ତ, ସଚେତନ ଏବଂ ଦାୟିତ୍ୱର ସହ ନେତୃତ୍ୱ ନେବାକୁ ପ୍ରେରଣା ଦେଇଥାଏ। ଶିକ୍ଷା ଆମର ମୂଲ୍ୟବୋଧ, ଚରିତ୍ର ଏବଂ ବିବେକକୁ ଆକାର ଦେବା ସହ ଚରିତ୍ର ଗଠନରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍ ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଏହି ଉତ୍ସବ ଛାତ୍ରୀଛାତ୍ରଙ୍କ ନବସୃଜନ, ସୃଜନଶୀଳତା ଏବଂ ଶିକ୍ଷାକୁ ବିକଶିତ କରିବା ସହିତ ଆତ୍ମବିଶ୍ୱାସୀ, କରୁଣାମୟ ଓ ଭବିଷ୍ୟତ ବଂଶଧରକୁ ଆଗେଇ ନେବାର ଏକ ସଫଳ ମାଧ୍ୟମ। ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲର ହେଡ୍ ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୬ରୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର,୨୪।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆସନ୍ତା ୨୬ରୁ ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ଦେଶ ବାହାରୁ ପ୍ରାୟ ୧୫ଜଣଙ୍କ ସହ ମୋଟ ୩୫୦ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିବେ। ଓଡ଼ିଶା, ପଶ୍ଚିମବଙ୍ଗ, ନୂଆଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ, ଛତିଶଗଡ଼ ଆଦି ରାଜ୍ୟ ସହ ଆମେରିକା, ଫ୍ରାନ୍ସ, ଜର୍ମାନୀ, ଅଷ୍ଟ୍ରେଲିଆ, ମାଲେସିଆ ଆଦି ଦେଶର ନୃତ୍ୟଶିଳ୍ପୀମାନେ ଯୋଗଦେବେ। ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ବିଷ୍ଣୁତତ୍ତ୍ୱ ଦାସ, ନନ୍ଦିନୀ ଘୋଷାଲ, ସଙ୍ଗୀତା ଦାସ, ରମିଲ ଇବ୍ରାହିମ୍, ଆଲୋକ କାନୁନ୍‌ଗୋ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ୫ଦିନ ଧରି ଏକକ, ଦ୍ୱୈତ ଏବଂ ଦଳଗତ ଓଡ଼ିଶୀ ନୃତ୍ୟ ମନମୋହିବ। ତେବେ ଏହି ମହୋତ୍ସବ ପରିପ୍ରେକ୍ଷୀରେ ଗୁରୁ କେଳୁ ଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରିର ମିଳିତ ଆନୁକୂଲ୍ୟରେ 'ଓଡ଼ିଶୀ ନୃତ୍ୟ ସମ୍ପର୍କିତ ଚିତ୍ରକଳା କର୍ମଶାଳା ଏବଂ ସଙ୍ଗୀତ ଯୁଗଳବନ୍ଦୀ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ୩୦ଜଣ ବରିଷ୍ଠ କଳାକାର ଅଂଶଗ୍ରହଣ କରିଥିଲେ। ବୁଧବାର କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ସମସ୍ତ ବରିଷ୍ଠ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ 'ଚା, ଚିତ୍ର, ଚର୍ଚ୍ଚା' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ କଳାକାରମାନେ ଓଡ଼ିଶୀ ନୃତ୍ୟ ଚିତ୍ରକଳା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ ସଙ୍ଗୀତ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ତାରାକାନ୍ତ ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### 'ଚା, ଚିତ୍ର, ଚର୍ଚ୍ଚା'ରେ ସମ୍ବର୍ଦ୍ଧିତ ହେଲେ ଶିଳ୍ପୀ




'ଚା, ଚିତ୍ର, ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅତିଥିମାନେ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବାଲିପାଟଣା,୨୪।୧୨(ଅଭିମନ୍ୟୁ ନାୟକ): ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଦୁର୍ଗାମାଧବ ମଣ୍ଡପଠାରେ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ବିଦ୍ୟାଳୟ ହେଉଛି ବିଦ୍ୟାର୍ଥୀଙ୍କ ଗଠନଶାଳା। ଶିକ୍ଷକ କାରିଗରଭାବେ ତାଙ୍କୁ ଶୃଙ୍ଖଳା ଜ୍ଞାନ ପ୍ରଦାନ କରି ଠିକ୍ ମାର୍ଗରେ ନେଲେ, ସେମାନେ ଦେଶର ଅମୂଲ୍ୟ ସମ୍ପଦ ହୋଇ ପରିସ୍ଫୁଟ ହେବେ। ସ୍ୱତନ୍ତ୍ର ଅତିଥିଭାବେ ଗୀତିକାର ତଥା ବରିଷ୍ଠ କବି ପଞ୍ଚାନନ ନାୟକ, ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଯୋଗଦେଇଥିଲେ। ପୂର୍ବତନ ଛାତ୍ର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ ଅନୁଭୂତି କହିଥିଲେ। ଅଧ୍ୟକ୍ଷା ପବିତ୍ରା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଅଭିମନ୍ୟୁ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ସହଯୋଗ କରିଥିବାବେଳେ ନିର୍ଦ୍ଦେଶକ ଗଙ୍ଗାଧର ଓଝା ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା।

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ଚୌଦ୍ୱାର,୨୪।୧୨(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱରର ସରସ୍ୱତୀ ସାହୁ ବୁଧବାର ସକାଳେ ଘର ବାହାରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଏକ କଳାରଙ୍ଗର ଗାଡ଼ିରେ ୨ଜଣ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


## ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

**ଘୋଷଣା**

File No.2384/2025 Date: .09.2025

**No.XXVII-23**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ମୁଣ୍ଡାଗୁଡ଼ା**, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ମୁଣ୍ଡାଗୁଡ଼ା,** ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ-ତଥା-ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

### ଭୂମି ଅନୁସୂଚୀ

**ମୌଜା:ମୁଣ୍ଡାଗୁଡ଼ା, ଥାନା-ମାଥିଲି ନଂ.-୧୦୮, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା, ପି-ରାମଚନ୍ଦ୍ର ଧୋବା, ଜା-ଧୋବା, ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦ ନାୟକ, ପି-ଭଗବାନ ନାୟକ, ସୀତା ନାୟକ, ସ୍ୱା-ମୁକୁନ୍ଦ ନାୟକ, ଜା-ଭୂମିଆ, ବା-ମାଥିଲି |
| | ୨୭୫ | ୨.୭୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫/୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା, ପି-ହାଡୁବନ୍ଧୁ ହୋତା, ଜା-ବ୍ରାହ୍ମଣ, ବା-ମାଥିଲି |
| ୬୨/୨୮ | ୨୯୩/୫୩୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଢି, ପି-ପାଣ୍ଡୁ ମାଢି, ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯୪ | ୦.୨୧୦ | ୦.୨୧୦୦ | ଘରବାରି | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୨୩୮ | ୩୧୯/୭୦୭/ ୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ, ସ୍ୱା-ଦିଲ୍ଲୀପ କୁମାର କର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦୭/ ୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣୀ ପାତ୍ର, ସ୍ୱା-ଇ.ରାଜ କୁମାର ପାତ୍ର, ଜା-ପାଟସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୦ | ୩୧୯/୭୦୭/ ୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୧ | ୩୧୯/୭୦୭/ ୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୨ | ୩୧୯/୭୦୭/ ୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ମଲ୍ଲିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୩ | ୩୧୯/୭୦୭/ ୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ, ପି-ବିଶ୍ୱନାଥ ସାମଲ, ଜା-ଖଣ୍ଡାୟତ, ବା-ମାଥିଲି |
| ୬୨/୨୪୯ | ୩୧୯/୭୦୭/ ୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ, ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ଜା-କରଣ, ବା-ମାଥିଲି |
| ୬୨/୨୫୦ | ୩୧୯/୭୦୭/ ୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ, ପି-କରପା ବିଶୋଇ, ଜା-କାଳଞ୍ଜି, ବା-ଧବଳପୁର, ଗଞ୍ଜାମ |
| ୬୨/୨୫୧ | ୩୧୯/୭୦୭/ ୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି,ପି- ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜା-କରଣ, ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦୭/ ୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ, ସ୍ୱା-ସୁଧାକର ସେଠୀ, ଜା-ଧୋବା, ବା-ମାଥିଲି |
| ୬୨/୨୫୩ | ୩୧୯/୭୦୭/ ୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ, ପି-ସନାତନ ସାମଲ, ଜା-ଖଣ୍ଡାୟତ, ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦୭/ ୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ, ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ, ଜା-ଖଣ୍ଡାୟତ, ବା-ଏଜୁକେସନ କଲୋନୀ, ମାଲକାନଗିରି |
| ୬୨/୨୧୭ | ୩୧୯/୭୦୭ | ୦.୮୦୧ | ୦.୪୨୫୨ | ଧାନ ଏକ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ଭାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡ୍ରିପାଣି |
| ୬୨/୨୪୨ | ୩୨୪/୭୦୮/ ୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ବାରିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୭ | ୩୨୫/୭୦୯/ ୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହୀ, ପି-ମୁକ୍ତିକାନ୍ତ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-୧୧୯ କଲୋନୀ ମାଲକାନଗିରି |
| ୬୨/୨୧୬ | ୩୧୧/୫୬୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ, ପି-ଗଙ୍ଗାଧର ନାୟକ, ଜା-ଖଣ୍ଡାୟତ, ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦୮ | ୦.୧୦୯ | ୦.୦୮୨୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ଭାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡ୍ରିପାଣି |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ଭାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡ୍ରିପାଣି |
| ୬୨/୨୬୯ | ୩୧୧/୫୬୧/ ୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି-ପଞ୍ଚାନନ ମିଶ୍ର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୭୦ | ୩୧୧/୫୬୧/ ୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜୀବ ନାୟକ, ପି-ଲକ୍ଷ୍ମଣ ନାୟକ, ଜା-ଗୌଡ, ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

OIPR-24074/14/0019/2526

# ଅର୍ଥନୀତି ବିକାଶରେ ସୁଶାସନ ଅବିଚ୍ଛେଦ୍ୟ ଅଙ୍ଗ

## ଜିଲାରେ ସୁଶାସନ ଅଭ୍ୟାସ କର୍ମଶାଳା

**ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାରେ ସୁଶାସନ ଉପରେ ଏକ କର୍ମଶାଳା ଜିଲାପାଳଙ୍କ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁଶାସନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ।

ପ୍ରକୃତ ହିତାଧିକାରୀଙ୍କୁ ସରକାରଙ୍କ ନୀତିନିୟମ, ମୂଲ୍ୟବୋଧ ଭିତ୍ତିରେ ସେବା ଯୋଗାଇଲେ ସୁଶାସନ ସେବା ଫଳପ୍ରଦ ହେବ। ଜନସାଧାରଣ ଉପକୃତ ହେବେ। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ରହି ସେବାବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ବିଶ୍ୱସନୀୟତା ଜରୁରୀ। ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ସେବା ମନୋବୃତ୍ତି ରଖିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର ଡ.ଦୁଃଖବନ୍ଧୁ ସାହୁ ଯୋଗଦେଇ କହିଥିଲେ ଯେ, ଜିଲାର ଅର୍ଥନୀତି ବିକାଶ ଓ ସମୃଦ୍ଧି ଦିଗରେ ସୁଶାସନ ବ୍ୟବସ୍ଥା ଅଭ୍ୟାସ ଏକ ଚିରସ୍ଥାୟୀ ଅଙ୍ଗ। ଖୋର୍ଦ୍ଧା ଜିଲା ସୀମାରେ ରାଜଧାନୀ ଭୁବନେଶ୍ୱର ରହିଛି। ତେଣୁ ସୁଶାସନ ବ୍ୟବସ୍ଥା ଉନ୍ନତ ସମାଜ, ଜିଲା, ରାଜ୍ୟ ଓ ରାଷ୍ଟ୍ର ପାଇଁ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପାଇଁ ସୁଶାସନ ବ୍ୟବସ୍ଥାରେ ସମସ୍ତେ ଅଂଶଗ୍ରହଣ କରି ଉନ୍ନତିର ଧାରା ବଜାୟ ରଖିବା, ଗୋଷ୍ଠୀଙ୍କୁ ଦକ୍ଷତା ବୃଦ୍ଧି ଏବଂ ଜିଲାର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ ସୁଶାସନ ବ୍ୟବସ୍ଥାକୁ କ୍ରିୟାଶୀଳ କରି ବିକଶିତ ଭାରତ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଅତିରିକ୍ତ ଜିଲାପାଳ ବେଉରା କହିଥିଲେ, ଖୋର୍ଦ୍ଧାର ଐତିହ୍ୟ ସଂସ୍କୃତି ପରମ୍ପରା ମହାନ। ଜିଲାର ସମସ୍ତ ଅପହଞ୍ଚ ଦୂରରେ ବିକାଶର ବାର୍ତ୍ତା ତଥା ଉପଯୁକ୍ତ ନ୍ୟାୟ ପ୍ରଦାନ, ହିତାଧିକାରୀଙ୍କୁ ସରକାରଙ୍କ ଜନକଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସୁଶାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି। ବର୍ତ୍ତମାନ ଓସୱାସ ମାଧ୍ୟମରେ ନଥିପତ୍ର କାର୍ଯ୍ୟ କରାଯାଉଛି। ସମସ୍ତ ଜନସାଧାରଣଙ୍କୁ ସୁଶାସନ ବ୍ୟବସ୍ଥାରେ ସାମିଲ କରି ଜିଲାକୁ ଆଗେଇ ନେବାକୁ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ବିଭାଗର ଅଧିକାରୀ ପାୱାରପଏଣ୍ଟ ଉପକରଣରେ ନିଜ ବିଭାଗୀୟ ସୁଶାସନ ସପ୍ତାହ ପାଳନ ଉପଲକ୍ଷେ ସେବା ପ୍ରଦାନ କରୁଥିବା ଯୋଜନା, ଧାରା, ସେବାର ଗୁଣବତ୍ତା ଉପରେ ଆଲୋଚନା କରିଥିଲେ। ଶେଷରେ ଉପଜିଲାପାଳ କିଶୋର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳଙ୍କ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

# ଶ୍ରମିକ କଂଗ୍ରେସର ପଦଯାତ୍ରା



**ଜଟଣୀ,୨୪।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ବୁଧବାର ମୋଟରୀ ଷ୍ଟେଶନଠାରୁ ମାଳତିପାଟପୁର ଷ୍ଟେଶନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ସଙ୍ଗଠନର ଶାଖା ସମ୍ପାଦକ ଏଲ୍.ଡି ମହାନ୍ତିଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଥିବା ବେଳେ ମଣ୍ଡଳର ବରିଷ୍ଠ କନିଷ୍ଠ ନେତମଣ୍ଡଳୀ ଓ କ୍ୟାଡରମାନେ ସାମିଲ ହୋଇଥିଲେ। ସଦସ୍ୟ ଓ ପଦାଧିକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ପୂର୍ବତନ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ସଭାପତି ହାଜି ମୁସ୍ତାକ ଅଲ୍ଲୀ, କେନ୍ଦ୍ରୀୟ ପଦାଧିକାରୀ ଏମ୍ ଗୋପାଳ କ୍ରିଷ୍ଣା ରାଓ, ସୁବ୍ରତ ପଣ୍ଡା, ଶରତ ପଣ୍ଡା, ମହେନ୍ଦ୍ର ମହାନ୍ତି, ପି.ରାଜା ରାଓ, ଫକିର ନାୟକ, ସୁନୀଲ ପରିଡ଼ା, ରାକେଶ ଘଡେଇ, ଯୁବ ସଂଯୋଜକ ସନ୍ତୋଷ ଖଟେଇ, ଯୁବ ସହ ସଂଯୋଜକ ଅଶୋକ ଭୋଳ, ପ୍ରଦୀପ ସୁନ୍ଦରାୟଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

**ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ)**

ଆଦର୍ଶ ଥାନା ପୋଲିସ ବୁଧବାର ସ୍ଥାନୀୟ ଗୁରୁଜଙ୍ଗ ଖେଳପଡ଼ିଆରେ ଚଢ଼ାଉ କରି ୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ବିଡିଏ କଲୋନୀର ବିଭୂତି ଭୂଷଣ ସୁନ୍ଦରାୟ ଓରଫ କାଲୁ (୩୩), ଗୁରୁଜଙ୍ଗ କୋଚିଲାକଣ ସାହିର ସୁଜିତ ପ୍ରଧାନ ଓରଫ ଲିପୁ (୨୮), ଦେୱାନସାହିର ନାରାୟଣ ବେହେରା (୫୨) ଏବଂ ଶିଳ୍ପାଞ୍ଚଳ ଥାନା ଅଧୀନ ଗଡ଼ଖୋର୍ଦ୍ଧାର ଅଖିଳବନ୍ଧୁ ପଟ୍ଟନାୟକ ଓରଫ କେଶବ (୩୪)। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏଥିସହିତ ସେମାନଙ୍କଠାରୁ ୨ଟି ବାଇକ୍ ଏବଂ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ସୂଚନା ଅନୁସାରେ, ଗୁରୁଜଙ୍ଗ ଖେଳପଡ଼ିଆରେ ବ୍ରାଉନ୍‌ସୁଗାର ବିକ୍ରି ହେଉଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଉପରୋକ୍ତ ୪ଜଣଙ୍କୁ ଧରିବା ସହ ସେମାନଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ସେହିପରି ଓଡି ୩୩ୟୁ ୪୨୬୦ ଏବଂ ଓଡି-୦୨ ଏଏଚ-୭୩୦୦ ନଂ ବିଶିଷ୍ଟ ଦୁଇଟି ବାଇକ ଏବଂ ୨ଟି ଫୋନ ଜବତ ହୋଇଛି। ଏନେଇ ଥାନାରେ ନଂ.୫୪୩/୨୫ ରେ ଏକ ମାମଲା ରୁଜୁ ହୋଇଛି।

## ଝିଣ୍ଟିକାପଲ୍ଲୀ ହତ୍ୟା ମାମଲା

# ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ବାଣପୁର,୨୪।୧୨(ଦିଲୀପ କୁମାର ସ୍ୱାଇଁ)**

ଝିଣ୍ଟିକାପଲ୍ଲୀ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତ ଦୁଲି ପ୍ରଧାନ ଓ ବିକ୍ରମ ନରେନ୍ଦ୍ର ସିଂହଙ୍କୁ ବୁଧବାର ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ମକଦ୍ଦମା ବିବରଣୀରୁ ପ୍ରକାଶ ଯେ, ବାଣପୁର ଥାନା ଅଧୀନ ଝିଣ୍ଟିକାପଲ୍ଲୀ ଗ୍ରାମର ଖଲି ପ୍ରଧାନ ଓ କାହ୍ନୁ ଚରଣ ପରିଡ଼ାଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଏପରି ସ୍ଥଳେ ୨୦୨୧ ଅଗଷ୍ଟ ୧୨ ତାରିଖ ରାତିରେ ଖଲି, ତାଙ୍କ ପୁଅ ସୁରିଆ ପ୍ରଧାନ, ବୋହୂ ଦୁଲି ପ୍ରଧାନ, ବିକ୍ରମ ନରେନ୍ଦ୍ର ସିଂହ ନିଜ ସହଯୋଗୀଙ୍କ ସହ ସଂଘବଦ୍ଧ ଭାବେ କାହ୍ନୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା କରିଥିଲେ। ମୃତ କାହ୍ନୁଙ୍କ ସ୍ତ୍ରୀ ବନିତାଙ୍କ ଅଭିଯୋଗ କ୍ରମେ ବାଣପୁର ପୋଲିସ ଏକ ମକଦ୍ଦମା ରୁଜୁସହ ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ତତ୍କାଳୀନ ସହଆରକ୍ଷୀ ନିରୀକ୍ଷକ ରାଜକିଶୋର ବେହେରା ଅଭିଯୁକ୍ତମାନଙ୍କ ବିରୋଧରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏହାର ଶୁଣାଣି ଚାଲିଥିଲା। ଶୁଣାଣି ସମୟରେ ୨୧ଜଣ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ଅବସ୍ଥା, ଡାକ୍ତରୀ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ପ୍ରଭୃତି ତଥ୍ୟ ପ୍ରମାଣ ଉପସ୍ଥାପନ କରାଯାଇଥିଲା। ଏହାକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ବୁଧବାର ବାଣପୁର ସର୍କିଟ କୋର୍ଟରେ ଅଭିଯୁକ୍ତ ଦୁଲି ଓ ବିକ୍ରମଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ପ୍ରମାଣ ନଷ୍ଟ ଅଭିଯୋଗରେ ଏକବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ ଏହି ମାମଲା ପରିଚାଳନା କରିଥିଲେ।



ଜଟଣୀ ପୌରାଞ୍ଚଳ ୧୨ନଂ. ୱାର୍ଡ ଅନ୍ତର୍ଗତ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଛି। **(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)**

# ଆଧୁନିକ ଜେଟି ଟର୍ମିନାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



**କୃଷ୍ଣପ୍ରସାଦ,୨୪।୧୨(କୈଳାସ ଚନ୍ଦ୍ର ପଟନାୟକ)**

ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ସହାୟତାରେ ବୁଧବାର ପୁରୀ ଜିଲା ସାତପଡ଼ାଠାରେ ଆଧୁନିକ ଜେଟି ଟର୍ମିନାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟିକା ଉପାସନା ମହାପାତ୍ରଙ୍କ ଦ୍ୱାରା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ,ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଗଡ୍ଡୁ, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ସମିତିସଭ୍ୟା ରୋଜାଲିନ ପ୍ରଧାନ, ତାଳଗୁଡ଼ ନିଗମ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆମ୍ବା କମିଟି ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବଟକୃଷ୍ଣ ପଲାଇ, ସାତପଡ଼ା ପଞ୍ଚାୟତ ଭାଜପା ସଭାପତି ଦେବେନ୍ଦ୍ର ପାଇକରା, ବରିଷ୍ଠ ନେତା ନବ କିଶୋର ଜେନା, ଶିକ୍ଷାବିତ୍ ନଳିନୀକାନ୍ତ ବଡ଼ଜେନା, ସୁରେଶ ପରିଡ଼ା, ଉପେନ୍ଦ୍ର ଜେନା, ସୁବାସ ଚନ୍ଦ୍ର ପରିଡା, ନିତ୍ୟାନନ୍ଦ ନାୟକ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ସରପଞ୍ଚ ଇଂ.ମଳୟ ଜେନା, ସରପଞ୍ଚ ସୁଶାନ୍ତ ପରିଡା, ସରପଞ୍ଚ ସରୋଜ ଲେଙ୍କା, ସରପଞ୍ଚ ସୁମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଖୁବଶୀଘ୍ର ଏହି ଜେଟିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି।

# ଏସ୍‌ପିଏମ୍ ବିଶାଖାପାଟଣା ବିଜୟୀ

**ନିରାକାରପୁର,୨୪।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖାସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ପପୁଲାର କ୍ଲବ ଢେଙ୍କାନାଳକୁ ୩-୨ଗୋଲରେ ହରାଇ ଏସ୍‌ପିଏମ୍ ବିଶାଖାପାଟଣା ବିଜୟୀ ହୋଇଛି। ଅନୁଷ୍ଠାନ ସଭାପତି ବିପିନ କୁମାର ଜୟସିଂହ ସଭାପତିତ୍ୱ କରିଥିବା ବେଳେ ସଭାରେ ଅତିଥିଭାବେ ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ନେତା କେଲୁ ଚରଣ ଜଗଦ୍ଦେବ, ଜ୍ୟୋର୍ତିବିଦ ଅଶୋକ କୁମାର ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ୱାର୍ଡସଭ୍ୟା ସଂଯୁକ୍ତା ମିଶ୍ର, କ୍ରୀଡ଼ା ସଂସଦର ସମ୍ପାଦକ ଭାଗୀରଥି ପ୍ରଧାନ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ସୁଦିପ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୀପ ମହାନ୍ତି ଏବଂ ପ୍ରିୟବ୍ରତ ବାହିନୀପତି ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରିଭାବେ ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ହୃଦାନନ୍ଦ ମହତରାୟ, କୋଚ୍ ଭାବେ ଅବିନାଶ ପଟ୍ଟନାୟକ ଏବଂ ମ୍ୟାଚ କମିଶନରଭାବେ ଅକ୍ଷୟ କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଗୁରୁବାର ସେଞ୍ଚୁରିଆନ ଏଫସି ନାଇଜେରିଆ ଏବଂ ଧାନବାଦ୍ ଫୁଟ୍‌ବଲ ଏକାଡେମୀ କୋଲକାତା ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ୫ଜଣଙ୍କୁ ହାଇକୋର୍ଟଙ୍କ ନୋଟିସ

**ଜଟଣୀ,୨୪।୧୨(ରବୀନ୍ଦ୍ରନାଥ ମହାକୁଡ଼)**

## ରାସ୍ତା ଉପରେ ବିଦ୍ୟୁତ୍‌ଖୁଣ୍ଟ ପୋତାଯିବା ମାମଲା

ଜଟଣୀ-କପିଳପ୍ରସାଦ ମୁଖ୍ୟରାସ୍ତାରେ ବିଦ୍ୟୁତ ଖୁଣ୍ଟ ପୋତାଯିବାକୁ ନେଇ ହାଇକୋର୍ଟରେ ଦାୟର ମାମଲାରେ ମଙ୍ଗଳବାର ଟିପିସିଓଡିଏଲ୍ ସମେତ ୫ଜଣଙ୍କୁ ନୋଟିସ ଜାରି ହୋଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଜଟଣୀ-କପିଳପ୍ରସାଦ ରାସ୍ତାକୁ ଚାରିଲେନ୍ କରିବାକୁ ଦୀର୍ଘଦିନ ଧରି ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଫଳରେ ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ବାହାର ପଟକୁ ସ୍ଥାନାନ୍ତର ପ୍ରକ୍ରିୟା ଗତ କିଛି ମାସଧରି ଚାଲିଛି। ତେବେ ଏହି କାର୍ଯ୍ୟ ପାଇଁ ଟେଣ୍ଡର ନେଇଥିବା ଠିକା ସଂସ୍ଥା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ରାସ୍ତା ବାହାର ପଟରେ ପୋତିବା ବଦଳରେ ପୁନର୍ବାର ସେହି ରାସ୍ତା ଉପରେ ଅର୍ଥାତ୍ ଡ୍ରେନ୍‌କୁ ଲଗାଇ ପୋତିଚାଲିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଶୁଣୁନହାନ୍ତି। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ହୃଦାନନ୍ଦ କୋଦମାସିଂହ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମଙ୍ଗଳବାର କୋର୍ଟ ଏହି ମାମଲାକୁ ବିଚାରକୁ ନେଇ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତା ହେବା ଫଳରେ ସୁରକ୍ଷା ମାନଦଣ୍ଡକୁ ଉଲ୍ଲଂଘନ କରାଯାଇଛି ଏବଂ ଏହା ଜୀବନ ଓ ଯାନବାହନ ଚଳାଚଳ ପାଇଁ ଗୁରୁତର ବିପଦ ସୃଷ୍ଟି କରିବ। ଜାମୁକୋଲି-କପିଳପ୍ରସାଦ ମଧ୍ୟରେ ବିଦ୍ୟୁତ୍‌ଖୁଣ୍ଟଗୁଡିକ ରାସ୍ତା ଉପରେ ପୋତାଯାଉଛି, ଯାହା ଇଣ୍ଡିଆନ ରୋଡ୍ କଂଗ୍ରେସର ନିର୍ଦ୍ଦେଶାବଳୀ ଓ ସଡ଼କ ସୁରକ୍ଷା ମାନଦଣ୍ଡକୁ ଉଲ୍ଲଂଘନ କରୁଛି। ଏହି ମାମଲାକୁ ପରିଚାଳନା କରୁଥିବା ଆଇନଜୀବୀ ଅଖଣ୍ଡ କୋର୍ଟରେ ଯୁକ୍ତି ବାଢିଥିଲେ ଯେ, ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିଲେ, ଏହା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବ ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବ ନାହିଁ। କୋର୍ଟ ଏହି କଥାକୁ ଗୁରୁତ୍ୱ ଦେଇ ନୋଟିସ ଜାରି କରିଥିବା ଜଣାପଡ଼ିଛି।



# ଅମରଦୀପଙ୍କୁ ସ୍ୱର୍ଣ୍ଣ ପଦକ

## ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

**ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ)**

ପଶ୍ଚିମବଙ୍ଗର କାଲିମ୍ପଙ୍ଗଠାରେ ଡିସେମ୍ବର ୨୦ ଏବଂ ୨୧ ତାରିଖରେ ତୃତୀୟ କାଲିମ୍ପଙ୍ଗ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନିୟର ବାଳକ ବିଭାଗରେ ଏକେଏସ୍ ଟାଏକୋଣ୍ଡା ଏକାଡେମୀର ବିଶ୍ୱରଞ୍ଜନ ଅମରଦୀପ ଅନ୍ତର୍ଜାତୀୟ ସ୍ତରରେ 'ପୁମସେ' ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଆନ୍ତର୍ଜାତୀୟ ପ୍ରଶିକ୍ଷକ ଅଶୋକ କୁମାର ସାହୁ ଏବଂ ଦଳ ସଞ୍ଚାଳକ ଭାରତୀ ଜଗଦ୍ଦେବଙ୍କ ନେତୃତ୍ୱରେ ଏହି ସଫଳତା ହାସଲ କରିଛନ୍ତି। ଅମରଦୀପ ହେଉଛନ୍ତି ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଗ୍ରାମର ଦିଲୀପ କୁମାର ସାହୁ ଓ କଳ୍ପନା ମହାନ୍ତିଙ୍କ କନିଷ୍ଠ ପୁଅ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅମରଦୀପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗୁରୁ ଗ୍ରାଣ୍ଡ ମାଷ୍ଟର ଅଶୋକ କୁମାର ସାହୁ, ମାତାପିତା ଏବଂ ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ମିଳିଛି ବୋଲି ଅମରଦୀପ କହିଛନ୍ତି।



# ବାଇଗୁଣିଆ କ୍ଲବ ସେମିରେ

**ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ):** ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍ଏସ୍ଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଶିବଶକ୍ତି ଭୁବନେଶ୍ୱର ଓ ବାଇଗୁଣିଆ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ତେବେ ଉଭୟ ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକରରେ ୪-୨ ଗୋଲରେ ବାଇଗୁଣିଆ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗିରିଶ ଜାନି ମ୍ୟାଚ୍ ପରିଚାଳନା କରିଥିବା ବେଳେ ସାଗିର ଅହେମ୍ମଦ ଓ ସୌକତ ରହେମାନ ଲାଇନ୍ସରେ ସହାୟତା କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ମୋମତାଜ ଖାଁ, ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିରୁଲ ରହେମନ, ମୀନକେତନ ବଡ଼ଜେନା, ବନମାଳୀ ବେହେରା, ଜାପାନୀ ନାୟକ, ହାଜି ନସିମୁଦ୍ଦିନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସିଗ୍‌ମା କ୍ରିକେଟ କପ୍ ଟୁର୍ନାମେଣ୍ଟ

# ୧୦ମ ରାଇଜିଂଷ୍ଟାର ଚାମ୍ପିୟନ

**ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ)**

ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଦିନିକିଆ ପ୍ରଥମ ସିଗ୍‌ମା କ୍ରିକେଟ କପ୍ ଟୁର୍ନାମେଣ୍ଟରେ ୧୦ମ ରାଇଜିଂଷ୍ଟାର ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ ୧୦ମ ରାଇଜିଂଷ୍ଟାର ଏବଂ ୯ମ ରାଇଜିଂଷ୍ଟାର ମଧ୍ୟରେ ହୋଇଥିଲା। ଟସ୍ ଜିତି ୧୦ମ ରାଇଜିଂଷ୍ଟାର ୧୦ଓଭରରେ ୮ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ୯ମ ରାଇଜିଂଷ୍ଟାର ଟିମ୍ ସମସ୍ତ ଉଇକେଟ ବିନିମୟରେ ୪୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ୧୦ମ ରାଇଜିଂଷ୍ଟାର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବସନ୍ତ କୁମାର ଖୁଣ୍ଟିଆଙ୍କ ସଂଯୋଜନାରେ ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ ସମ୍ମାନିତ ଅତିଥି, ସିଗ୍‌ମା ପବ୍ଲିକ ସ୍କୁଲ ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗେଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ବିଶ୍ୱ ରଞ୍ଜନ ଗୁମାନସିଂ, ବେଷ୍ଟ ବ୍ୟାଟ୍ସମ୍ୟାନ ଯୁନୁମୁନି ପ୍ରଧାନ, ବେଷ୍ଟ ବୋଲର ଭାବେ ବିଶ୍ୱ ରଞ୍ଜନ ଗୁମାନସିଂ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅର୍ଚ୍ଚିଷ୍ମାନ ପଟ୍ଟନାୟକ, ଧରଣୀଧର ସ୍ୱାଇଁ ଏବଂ ହେମନ୍ତ କୁମାର ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାପାତ୍ର, ବିରଞ୍ଚି ନାରାୟଣ ପଣ୍ଡା, ଦୀପ୍ତିରଞ୍ଜନ ରଣା, ସୌମ୍ୟା ଲଗ୍ନା ଶତପଥୀ, ସୁମିତା ତ୍ରିପାଠୀ, କରିସ୍ମା, ରଚିତା, ଦିଲୀପ କୁମାର ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।



କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କାଥୋଲିକ୍ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ଜନ୍ମ ଦିବସ ପାଳନ ଅବସରରେ ଯୋଗଦେଇଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀ। (ଫଟୋ: ରାଜକିଶୋର ମହାନ୍ତି)

# ଧରାବତରଣ କଲେ ପ୍ରଭୁ ଯିଶୁ

**କଟକ,୨୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକରେ ବାସ କରୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀ ଆନନ୍ଦଉଲାସର ସହ ପ୍ରଭୁଯିଶୁ ଖ୍ରୀଷ୍ଟଙ୍କ ଜନ୍ମବିଧି ପାଳନ କରିଛନ୍ତି। ଗୁରୁବାର ପବିତ୍ର ବଡ଼ଦିନ। ଏହାର ପୂର୍ବଦିନ ଅର୍ଥାତ ବୁଧବାର ମଧ୍ୟରାତ୍ରରେ ଧରାପୃଷ୍ଟକୁ ଧରାବତାରଣ କରିଛନ୍ତି ପ୍ରଭୁଯିଶୁ। ଖ୍ରୀଷ୍ଟାଧର୍ମାବଲମ୍ବୀଙ୍କ ବଡପର୍ବ କ୍ରିସ୍‌ମାସ ପାଳନ ପାଇଁ ଉତ୍ସବମୁଖର କଟକ ସହରର ବିଭିନ୍ନ ଚର୍ଚ୍ଚ। ଖ୍ରୀଷ୍ଟଧର୍ମାବଲମ୍ବୀ ପ୍ରଭୁ ଯିଶୁଙ୍କ ଜନ୍ମ ଦିବସ ଓ ଜନ୍ମ ମୁହୂର୍ତ୍ତକୁ ପାଳନ କରିବା ପାଇଁ ବର୍ଷ ତମାମ ଅପେକ୍ଷା କରିଥାନ୍ତି। ବୁଧବାର ସନ୍ଧ୍ୟାରୁ କଟକରେ ଥିବା ବିଭିନ୍ନ ଚର୍ଚ୍ଚରେ ଅନେକ କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାର ମଧ୍ୟରାତ୍ରରେ



ଯିଶୁ ଧରାବତରଣ କରିଥିବାବେଳେ ଶିଶୁ ଯିଶୁଙ୍କ ପାଦ ସ୍ପର୍ଶ କରି ଶ୍ରଦ୍ଧାଳୁ ଆଶୀର୍ବାଦ

**ଆଜି ବଡ଼ଦିନ**

ଲାଭ କରିବେ। ଏ ନେଇ ବିଭିନ୍ନ ଚର୍ଚ୍ଚରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟାରୁ ମଧ୍ୟରାତ୍ର ଯାଏ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚରେ କ୍ୟାରୋଲ ଗାନ କରାଯାଇଥିଲା। ସେହିପରି କ୍ୟାଥେଲିକ୍ ଚର୍ଚ୍ଚରେ ରାତି ୧୦ଟାରୁ କ୍ୟାରୋଲ ଗାନ କରାଯାଇଥିଲା। ଏହାସହ ଗୁରୁବାର ସକାଳ ୮ଟା, ୯ଟା, ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩ଟାରେ ଚର୍ଚ୍ଚରେ ଓଡ଼ିଆ, ହିନ୍ଦୀ, ଇଂଲିଶ, ତେଲେଗୁ ଓ ମାଲାୟାଲମ ୫ଟି ଭାଷାରେ କ୍ୟାରୋଲ ଗାନ କରାଯିବ। ପରେ ଚର୍ଚ୍ଚ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### କଲେଜ ପିଅନଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**କଟକ,୨୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକର ଏକ କଲେଜ ଭିତରେ ଜଣେ ପିଅନ ବୁଧବାର ସକାଳୁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆ ସାହି ଅଞ୍ଚଳର ବାବୁ ନାୟକ (୭୦)। ଆତ୍ମହତ୍ୟାର କାରଣ ଜଣା ପଡ଼ି ନ ଥିବା ବେଳେ ପୋଲିସ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ସିଏମ୍‌ସିରେ ବାବୁ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ପରେ ଉକ୍ତ କଲେଜରେ ଅସ୍ଥାୟୀ ଭାବେ ପିଅନ ଭାବେ କାମ କଲେ। ସକାଳ ପ୍ରାୟ ୭ଟାରେ ସେ କଲେଜ ସଫେଇ କରିବାକୁ ଘରୁ ବାହାରି ଥିଲେ। ସକାଳ ପ୍ରାୟ ୮ଟା ୩୦ଟାରେ ଛାତ୍ରୀମାନେ କଲେଜରେ ପହଞ୍ଚିବାବେଳକୁ ଭିତରୁ କବାଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ। କବାଟ ବାଡ଼େଇବା ପରେ କେହି ନ ଖୋଲିବାରୁ ପୋଲିସକୁ ଖବର ଦିଆଯାଇଥିଲା। କମନ ରୁମ କବାଟ ଖୋଲିବାରୁ ଭିତରେ ଟେବୁଲ ଉପରେ ଚଢ଼ି ଫ୍ୟାନରେ ପ୍ଲାଷ୍ଟିକ ରଶି ବାନ୍ଧି ବାବୁ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁ ପଛରେ ମାନସିକ ଚିନ୍ତା କି ଆର୍ଥିକ ସମସ୍ୟା ରହିଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ପୋଲିସ ବର୍ତ୍ତମାନ ସୁଦ୍ଧା ପାଇପାରି ନାହିଁ।

### ଦେଉଳସାହି ପୁରୋହିତଙ୍କ ପରଲୋକ

**କଟକ,୨୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ଦେଉଳସାହିସ୍ଥିତ ହନୁମାନ ମନ୍ଦିରରେ ଦୀର୍ଘଦିନ ଧରି ପୂଜା କରିଆସୁଥିବା ପୂଜକ ତଥା ଦେଉଳସାହିର ପୁରୋହିତ ଧୂଳେଶ୍ୱର ଚୟନୀ(୯୩)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପାଇ ସାହି ମୁରବି ଓ ବ୍ୟକ୍ତିବିଶେଷମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷ ସମୟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

### ଧାନ ସଂଗ୍ରହ ପାଇଁ ସଚେତନତା ଶିବିର

**କଟକ ସଦର,୨୪।୧୨(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ସେବା ସମବାୟ ସମିତି ପକ୍ଷରୁ ଆସନ୍ତା ମାସରେ ଧାନ ସଂଗ୍ରହ ପାଇଁ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୪୦ଜଣ ସଭ୍ୟ ଚାଷୀ ଅଂଶ ଗ୍ରହଣ କରିଥିଲେ। ଚାଷୀମାନେ ୫୦ କିଲୋ ପରିବର୍ତ୍ତେ ୩୭ କିଲୋ ୫୦୦ ଗ୍ରାମ ଧାନ ଝୋଟ ଅଖାରେ ମଣ୍ଡିକୁ ଆଣିବା ପାଇଁ ନୋଡାଲ ଅଫିସର ସତେନ୍ଦ୍ର ମହାନ୍ତି କହିବାରୁ ଉପସ୍ଥିତ ଚାଷୀମାନେ ବିରୋଧ କରିଥିଲେ। ଏହିବିଷୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଚେତନତା ବୈଠକରେ ସମ୍ପାଦକ ମଣିଭଦ୍ରା ଖଟୁଆ, ଆର୍‌ଏମ୍‌ସି ପକ୍ଷରୁ ସୁବାସ ଚନ୍ଦ୍ର ସ୍ୱାଇଁ, ରଜନୀକାନ୍ତ ସାହୁ, ଅନିରୁଦ୍ଧ ରାଉଳ, ଆଦିକନ୍ଦ ରାଉତ, ତ୍ରିଲୋଚନ ସ୍ୱାଇଁ ଓ ଜ୍ୟୋତି ଭୋଇ ପ୍ରମୁଖ ଯୋଗଦେଇଥିଲେ।

# 'ପ୍ରଶାସନ ସର୍ବଦା ପ୍ରଜାମୁଖୀ ହେବା ଆବଶ୍ୟକ'

**କଟକ,୨୪।୧୨(କାର୍ତ୍ତିକ ସାହୁ)**

ସୁଶାସନ ସପ୍ତାହ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ଉପେନ୍ଦ୍ର ନାଥ ବେହେରା ଯୋଗଦେଇ ପ୍ରଶାସନ ସର୍ବଦା ପ୍ରଜାମୁଖୀ ହେବା ଆବଶ୍ୟକ ବୋଲି କହିଥିଲେ। ଇ-ଗଭର୍ଣ୍ଣାନସ, ସୂଚନା ଅଧିକାର ଆଇନ, ସ୍ୱଚ୍ଛନ୍ଦରେ ବ୍ୟବସାୟ କରିବା, ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ, କ୍ଷମତାର ବିକେନ୍ଦ୍ରୀକରଣ, ସବୁ ବ୍ଲକରେ ବ୍ୟାଙ୍କ ଖୋଲିବା ଓ ସମସ୍ତଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥାରେ ସାମିଲ କରିବା ଆଦି କାର୍ଯ୍ୟକ୍ରମ ସୁଶାସନ ଦିଗରେ ଏକ ଏକ ପଦକ୍ଷେପ ବୋଲି ସେ କହିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଲେ, ତୃଣମୂଳସ୍ତରର ପ୍ରତିଟି ଲୋକଙ୍କ ନିକଟରେ ସରକାରଙ୍କ ଯୋଜନାର ସୁଫଳ ପହଞ୍ଚାଇବା ଦିଗରେ ପ୍ରଶାସନ ନିଜର ଦାୟିତ୍ୱ ନିର୍ବାହ କରିଆସୁଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ ଧନ୍ୟବାଦ ଦେଇଥିଲେ। ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ସୁଶାସନ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ କର୍ମଶାଳାରେ ଯୋଗଦେଇଥିଲେ।

## ବାସିଖାଦ୍ୟ ଖାଇ ବୃଷଭ, ଗାଈ ମୃତ



ସାମାଜିକ ଗଣମାଧ୍ୟମରେ ଭାଇରାଲ ନଦୀପଠାର ଦୃଶ୍ୟ।

**କଟକ ସଦର,୨୪।୧୨(ସୁଶାନ୍ତ କୁମାର ଜେନା)**

୪୨ମୌଜା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମ ନିକଟ କାଠଯୋଡି ନଦୀ ପଠାରେ ପଡ଼ିଥିବା ବାସିଖାଦ୍ୟ ଖାଇ ବୃଷଭ ଓ ଗାଈ ଅସୁସ୍ଥ ଓ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ବୁଧବାର ସକାଳେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାପରେ ଲୋକମାନେ ନିଜ ନିଜ ଗାଈକୁ ଆଉ ପଠାକୁ ଛାଡ଼ି ନ ଥିଲେ। ମୃତ୍ୟୁର କାରଣ ବାସିଖାଦ୍ୟ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ କେହି ମୃତ୍ୟୁ ସମ୍ପର୍କରେ ସିଧାସଳଖ ମତାମତ ଗଣମାଧ୍ୟମକୁ ଦେଇ ନ ଥିବା ବେଳେ ସାମାଜିକ ଗଣମାଧ୍ୟମରେ ଭାଇରାଲ ଦୃଶ୍ୟର ସତ୍ୟାସତ୍ୟ ରହିଛି ବୋଲି କହିଥିଲେ। ଏ ନେଇ କଳପଡ଼ା ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଶୁଭଶ୍ରୀ ତ୍ରିପାଠୀଙ୍କୁ ପଚାରିବାରୁ କିଛି ଗାଈ ଅସୁସ୍ଥ ହୋଇଥିବାରୁ ଘରେ ଚିକିତ୍ସା ଚାଲିଛି ବୋଲି କହିଥିଲେ। ମୃତ୍ୟୁ କାରଣ ସମ୍ପର୍କରେ କୌଣସି ମତ ପ୍ରକାଶ କରି ନ ଥିଲେ।

**ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**

## ବାପ୍‌ଟିଷ୍ଟ ଚର୍ଚ୍ଚରେ କ୍ରିସ୍‌ମାସ କ୍ୟାରୋଲ

**ଚୌଦ୍ୱାର,୨୪।୧୨(ଆଶୁତୋଷ ଦାସ)**

ବଡଦିନ ପାଳନ ଆବ୍ୟବହିତ ପୂର୍ବରୁ ଚୌଦ୍ୱାର ପୌରପାଳିକା ୧୪ନଂ ୱାର୍ଡ ମଣ୍ଡାପଡା ବାପଟିଷ୍ଟ ଚର୍ଚ୍ଚରେ କ୍ରିସ୍‌ମାସ କ୍ୟାରୋଲ ପାଳିତ ହୋଇଯାଇଛି। ପାଷ୍ଟର ଆଚାର୍ଯ୍ୟ ଅକ୍ଳାନ୍ତ ସିଂଙ୍କ ପ୍ରାର୍ଥନା ସହ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚର ସମ୍ପାଦକ ପ୍ରେମଜିତ୍ ସାବତ, ରାଜ୍ୟ ସମିତି ସମ୍ମିଳନୀର ସହସମ୍ପାଦକ ସୁଶାନ୍ତ କର ଯୋଗଦେଇଥିଲେ। ମଣ୍ଡାପଡା ସି.ଇ ୟୁନିୟନର ସଭ୍ୟାସଭ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଣ୍ଟା କ୍ଲଜ୍ ବେଶରେ ପିଲାମାନଙ୍କୁ ବଡଦିନର ଉପହାର ପ୍ରଦାନ କରାଯାଇଥିଲା। ସଭାପତି ସୁମିତ୍ ନାୟକ, ସମ୍ପାଦକ ସୁରଜ ବେହେରା, ସିଦ୍ଧାର୍ଥ ବେହେରା, ଆଦେଶ ଗୁରୁ, କିଷନ ଦାସ, ଅନୁରାଗ ରାଉତ, ମନୋରଞ୍ଜନ ଲେଙ୍କା, ନିମିଷା ପ୍ରଧାନ, କଳ୍ପନା ଲେଙ୍କା, ସୌଭାଗ୍ୟବତୀ ନାୟକ, ନେଲସନ ବେହେରା, ଶୁଭ୍ରଜିତ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲିବ୍ରା ଶ୍ରମିକଙ୍କ ଧାରଣାରେ ସାମିଲ ହେଲେ ଶ୍ରମିକ ନେତା

**ମଙ୍ଗୁଳି-ଜଗତପୁର,୨୪।୧୨(ମାନସ ସାମଲ)**

ଚୌଦ୍ୱାରସ୍ଥିତ ବନ୍ଦ ପଡିଥିବା ଲିବ୍ରା କାର୍ପେଟ କାରଖାନା ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଓ ପୁନଃକାର୍ଯ୍ୟକ୍ଷମ କରିବା ଦାବି ନେଇ ପୂର୍ବତନ ଶ୍ରମିକ ଦିବାରାତ୍ର ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ ଜଣାଇ ଶ୍ରମିକ ନେତା ଦୀପକ ବାରିକ ବୁଧବାର ପୂର୍ବାହ୍ନରେ ଧାରଣାରେ ସାମିଲ ହୋଇଛନ୍ତି। ବାରିକଙ୍କ ସମର୍ଥକ ଓ ପୂର୍ବତନ ଶ୍ରମିକ ବିଭିନ୍ନ ଦାବି ନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସେମାନେ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖ ଧାରଣାସ୍ଥଳରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଶ୍ରମିକଙ୍କ ଦାବିପତ୍ରରେ ଉଲ୍ଲେଖ ରହିଛି, ଚୌଦ୍ୱାରସ୍ଥିତ ଲିବ୍ରା କାର୍ପେଟ ୨୦୧୫ ଶ୍ରମିକ ଦିବସରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଲିବ୍ରା କାର୍ପେଟସ ଓ ଲିବ୍ରା ଏକ୍ସପୋର୍ଟସ ସହ ୩ଟି ବିଭାଗରେ ପ୍ରାୟ ୧୧୫୦ ସ୍ଥାୟୀ ଶ୍ରମିକ କାମ କରୁଥିଲେ। ଏହାରି ଭିତରେ ଅନେକ ଶ୍ରମିକ ସେମାନଙ୍କ ବକେୟା ପ୍ରାପ୍ୟ ନ ପାଇ ମୃତ୍ୟୁବରଣ କଲେଣି। ଏଭଳି ପରିସ୍ଥିତିରେ କମ୍ପାନୀରୁ ବିଭିନ୍ନ ସାମଗ୍ରୀ ନେଇ ଯାଉଥିବା ଶ୍ରମିକ ସଙ୍ଗଠନ ଖବର ପାଇ ଚୌଦ୍ୱାର ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ କରି ଘଣ୍ଟ ଘୋଡାଉଛି ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଅଞ୍ଚଳର ବିକାଶ ପାଇଁ ଓଟିଏମ୍, ବଲାରପୁର ଓ ଲୀବ୍ରା କମ୍ପାନୀ କାର୍ଯ୍ୟକ୍ଷମ ନ ହେବା ଯାଏ ଶ୍ରମିକ ସହିତ ଆନ୍ଦୋଳନକୁ ତୀବ୍ରତର କରିବି ବୋଲି ଦୀପକ କହିଥିଲେ। ଶ୍ରମିକ ଚିତ୍ତ ରଞ୍ଜନ ପାଢ଼ୀ, ଅଶୋକ କୁମାର ବେଉରା, କିଶୋର ବରାଳ, ଜୟନ୍ତ ସାହୁ, ଅଶୋକ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ପୂର୍ବତନ ଶ୍ରମିକ ଉପସ୍ଥିତ ଥିଲେ।




ଧାରଣାରେ ସାମିଲ ହେଲେ ଶ୍ରମିକ ନେତା ଦୀପକ ବାରିକ।

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ଚୌଦ୍ୱାର,୨୪।୧୨(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱରର ସରସ୍ୱତୀ ସାହୁ ବୁଧବାର ସକାଳେ ଘର ବାହାରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଏକ କଳାରଙ୍ଗର ଗାଡ଼ିରେ ୨ଜଣ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


# ଓଡ଼ିଶା ସରକାର
## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
### ଘୋଷଣା

File No.2388/2025 Date: .09.2025

**No.XXVII-23**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ମୁଣ୍ଡାଗୁଡ଼ା**, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ମୁଣ୍ଡାଗୁଡ଼ା,** ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ-ତଥା-ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

## ଭୂମି ଅନୁସୂଚୀ

**ମୌଜା:ମୁଣ୍ଡାଗୁଡ଼ା, ଥାନା-ମାଥିଲି ନଂ.-୧୦୮, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା, ପି-ରାମଚନ୍ଦ୍ର ଧୋବା, ଜା-ଧୋବା, ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା, ପି-ମାଧବ ପରମା, ବଳରାମ ପରମା, ଗୋପି ପରମା, ଭଗତ ପରମା, ପି-ମଙ୍ଗରାଜ ପରମା, ଜା-ଭୂମିଆ, ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦ ନାୟକ, ପି-ଭଗବାନ ନାୟକ, ସୀତା ନାୟକ, ସ୍ୱା-ମୁକୁନ୍ଦ ନାୟକ, ଜା-ଭୂମିଆ, ବା-ମାଥିଲି |
| | ୨୭୫ | ୨.୭୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫/୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା, ପି-ହାଡୁବନ୍ଧୁ ହୋତା, ଜା-ବ୍ରାହ୍ମଣ, ବା-ମାଥିଲି |
| ୬୨/୨୮ | ୨୯୩/୫୩୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଢି, ପି-ପାଣ୍ଡୁ ମାଢି, ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯୪ | ୦.୨୧୦ | ୦.୨୧୦୦ | ଘରବାରି | ବିଜୟକୁମାର ମଲିକ, ପି-ପୂର୍ଣ୍ଣନନ୍ଦ ମଲିକ, ଜା-କଣ୍ଡରା, ବା-ମାଥିଲି |
| ୬୨/୨୩୮ | ୩୧୯/୭୦୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ, ସ୍ୱା-ଦିଲ୍ଲୀପ କୁମାର କର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣୀ ପାତ୍ର, ସ୍ୱା-ଇ.ରାଜ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୦ | ୩୧୯/୭୦୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୧ | ୩୧୯/୭୦୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର, ପି-ଦିଲ୍ଲୀପ କୁମାର ପାତ୍ର, ଜା-ପାଟ ସାଲିଆ, ବା-ଡଙ୍ଗରଖଲି |
| ୬୨/୨୪୨ | ୩୧୯/୭୦୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ମଲ୍ଲିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୩ | ୩୧୯/୭୦୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ, ପି-ବିଶ୍ୱନାଥ ସାମଲ, ଜା-ଖଣ୍ଡାୟତ, ବା-ମାଥିଲି |
| ୬୨/୨୪୯ | ୩୧୯/୭୦୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ, ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ଜା-କରଣ, ବା-ମାଥିଲି |
| ୬୨/୨୫୦ | ୩୧୯/୭୦୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଲୁ ବିଶୋଇ, ପି-କରପା ବିଶୋଇ, ଜା-କାଳଞ୍ଜି, ବା-ଧବଳପୁର, ଗଞ୍ଜାମ |
| ୬୨/୨୫୧ | ୩୧୯/୭୦୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି,ପି- ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜା-କରଣ, ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ, ସ୍ୱା-ସୁଧାକର ସେଠୀ, ଜା-ଧୋବା, ବା-ମାଥିଲି |
| ୬୨/୨୫୩ | ୩୧୯/୭୦୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ, ପି-ସନାତନ ସାମଲ, ଜା-ଖଣ୍ଡାୟତ, ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ, ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ, ଜା-ଖଣ୍ଡାୟତ, ବା-ଏଜୁକେସନ କଲୋନୀ, ମାଲକାନଗିରି |
| ୬୨/୨୧୭ | ୩୧୯/୭୦୭ | ୦.୮୦୧ | ୦.୪୨୫୨ | ଧାନ ଏକ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୪୨ | ୩୨୪/୭୦୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା, ସ୍ୱା-ସୁଶାନ୍ତ କୁମାର ବାରିକ, ଜା-ଭଣ୍ଡାରୀ, ବା-ମାଥିଲି |
| ୬୨/୨୪୭ | ୩୨୫/୭୦୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହୀ, ପି-ମୁକ୍ତିକାନ୍ତ ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-୧୧୯ କଲୋନୀ ମାଲକାନଗିରି |
| ୬୨/୨୧୬ | ୩୧୧/୫୬୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ, ପି-ଗଙ୍ଗାଧର ନାୟକ, ଜା-ଖଣ୍ଡାୟତ, ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦୮ | ୦.୧୦୯ | ୦.୦୮୨୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପି-ସତ୍ୟ ନାରାୟଣ ପଟ୍ଟନାୟକ, ଜା-କରଣ, ବା-ଅମ୍ବାଗୁଡା, ଜୟପୁର, ଧୋବା ରଣା, ପି-ଭରତ ରଣା, ଜା-ରଣା,ବା-ପାଣ୍ଡିପାଣି |
| ୬୨/୨୬୯ | ୩୧୧/୫୬୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି-ପଞ୍ଚାନନ ମିଶ୍ର, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୬୨/୨୭୦ | ୩୧୧/୫୬୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜୀବ ନାୟକ, ପି-ଲକ୍ଷ୍ମଣ ନାୟକ, ଜା-ଗୌଡ, ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

OIPR-24074/14/0019/2526


ପୁରୀ କ୍ୟାଥଲିକ୍ ଚର୍ଚ୍ଚରେ ବଡ଼ଦିନ ପାଳନ ଅବସରରେ ଯିଶୁଙ୍କୁ ଗୁହାଳ ଘରୁ ପ୍ରାର୍ଥନା ଘରକୁ ନିଆଯାଉଛି।


ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତିମାନେ ପ୍ରାର୍ଥନା କରୁଛନ୍ତି।


ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଅବସରରେ ଉତ୍ସବମୁଖର ହୋଇଛି ଚର୍ଚ୍ଚ।

# ଧରାବତରଣ କଲେ ପ୍ରଭୁ ଯୀଶୁ, ଆଜି ବଡ଼ଦିନ

ପୁରୀ,୨୪।୧୨(ଅଜିତ୍ କୁମାର ମହାନ୍ତି)

ପୁରୀରେ ବାସ କରୁଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବେଶ୍ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବଡ଼ଦିନ ପାଳନ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ପ୍ରଭୁ ଯୀଶୁ ଧରାବତରଣ କରିଛନ୍ତି। ଡିସେମ୍ବର ୨୫ରେ ବେଶ୍ ଧୁମ୍‌ଧାମରେ ପବିତ୍ର ବଡ଼ଦିନ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ମଧ୍ୟରାତ୍ରରେ ପୁରୀ ସହରରେ ବିଭିନ୍ନ ଚର୍ଚ୍ଚ ଯଥା କ୍ୟାଥଲିକ ଓ ବାପ୍‌ଟିଷ୍ଟ ଚର୍ଚ୍ଚରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାଳନ ହୋଇଛି। ମହାଆଡମ୍ବରରେ ସମ୍ପନ୍ନ ହୋଇଥିଲା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି। ଏଥିପାଇଁ ଚର୍ଚ୍ଚଗୁଡ଼ିକ ରଙ୍ଗିନ ଆଲୋକମାଳାରେ ଝଲସିଉଠୁଛି। ଖ୍ରୀଷ୍ଟଧର୍ମାବଲମ୍ବୀ ଭକ୍ତିଭାବନାରେ ସ୍ୱତନ୍ତ୍ର ପ୍ରାର୍ଥନାରେ ଯୋଗ ଦେଇଥିଲେ। ସନ୍ଧ୍ୟା ପରେ ଚର୍ଚ୍ଚକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଧାଡ଼ି ଛୁଟିଥିଲା। ଭକ୍ତିପୂତ ପରିବେଶରେ ସମସ୍ତେ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶରେ ଭାଗ ନେଇଥିଲେ। କ୍ୟାଥଲିକ ଚର୍ଚ୍ଚର ଫାଦରଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଚର୍ଚ୍ଚ ପରିସରରେ ନିର୍ମିତ ଅସ୍ଥାୟୀ ଗୁହାଳ ଘରୁ ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ଚର୍ଚ୍ଚକୁ ଆଣିଥିଲେ। ଏହି ଅବସରରେ ସୁମଧୁର ସଙ୍ଗୀତ ଗାନ କରାଯାଇଥିଲା। ଫାଦର ନବଜାତ ଯୀଶୁଙ୍କ ମୂର୍ତ୍ତି ପ୍ରାର୍ଥନା ଗୃହକୁ ନେଇଥିଲେ। ସେଠାରେ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଚର୍ଚ୍ଚ ପରିସରରେ ଥିବା ସମବେତ ଶ୍ରଦ୍ଧାଳୁ ଯୀଶୁଙ୍କ ମୂର୍ତ୍ତିକୁ ଚୁମ୍ବନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ଦିବ୍ୟପ୍ରସାଦ ସମର୍ପଣ କରାଯିବା ସହିତ ସମବେତ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା। ବଡ଼ଦିନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ପ୍ରାର୍ଥନା ସମାବେଶ ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ। ସୁଭାଷ ବୋଷ ଛକସ୍ଥିତ ବାପ୍‌ଟିଷ୍ଟ ଚର୍ଚ୍ଚରେ ମଧ୍ୟ ପାରମ୍ପରିକ ରୀତିରେ ଏହା ସମ୍ପନ୍ନ ହୋଇଥିଲା। ପ୍ରାର୍ଥନା ପରେ ଶ୍ରଦ୍ଧାଳୁମାନେ ପରସ୍ପରକୁ ଖ୍ରୀଷ୍ଟମାସ ଅଭିନନ୍ଦନ ଜଣାଇଥିଲେ। କେବଳ ଖ୍ରୀଷ୍ଟିୟାନ ନୁହନ୍ତି, ଅନ୍ୟ ଧର୍ମ ଓ ଜାତିର ଲୋକେ ଏହି ପବିତ୍ର ମୂହୁର୍ତ୍ତକୁ ଉପଭୋଗ କରିବା ପାଇଁ ସାମିଲ୍ ହୋଇଥିଲେ।

ଅପରପକ୍ଷରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ପୋଲିସ ନିୟୋଜିତ ରହିଛନ୍ତି। ବଡ଼ଦିନକୁ ବେଶ ଉତ୍ସାହର ସହ ପାଳନ କରାଯିବ ବୋଲି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନେ କହିଛନ୍ତି। ଏହି ଦୁଇ ଚର୍ଚ୍ଚ ବ୍ୟତୀତ ପୁରୀ ସହରରେ ଥିବା ଅନ୍ୟ ସମସ୍ତ ଚର୍ଚ୍ଚଗୁଡ଼ିକରେ ପର୍ବକୁ ପାଳନ କରାଯାଇଛି।

## ସଂକ୍ଷେପରେ

### ଆଜିଠୁ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍

କାକଟପୁର/ଅସ୍ତରଙ୍ଗ, ୨୪।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ମଙ୍ଗଳା ଆଥ୍‌ଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ୩୬ତମ ଅଲ୍ ଓଡ଼ିଶା ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ କାକଟପୁର ହାଇସ୍କୁଲ ପଛପଟ ମିନି ଷ୍ଟାଡିୟମରେ ଆରମ୍ଭ ହେବ। କଟକର ଜୁଭେନାଇଲ ସ୍ପୋର୍ଟିଂ ଏବଂ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ମ୍ୟାଚ୍ ହେବ। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗନେବେ। ଚାମ୍ପିୟନ ଦଳକୁ କପ୍ ସହ ୫୦ ହଜାର ୫ଶହ ୫୫ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ କପ୍ ସହ ୩୦ ହଜାର ୩ଶହ ୩୩ ଟଙ୍କା ପୁରସ୍କାର ଦିଆଯିବ। ପ୍ରତ୍ୟେକ ମ୍ୟାଚରେ ଆକର୍ଷଣୀୟ ଉପହାର ରଖାଯାଇଛି। ସେହିପରି ଦର୍ଶମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମଧ୍ୟ ରଖାଯାଇଛି ବୋଲି ମଙ୍ଗଳା କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ବୁଧବାର ସୂଚନା ଦେଇଛନ୍ତି।

### ଦେସ୍ଥଳିରେ ଗ୍ରାମସଭା

ଯୋଗେଶ୍ୱରପୁର,୨୪।୧୨(ରଶ୍ମିରଞ୍ଜନ ସାହୁ)

ଦେସ୍ଥଳି ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିକାଶ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଦେସ୍ଥଳି ସରପଞ୍ଚ ରିଶ୍ମା ସ୍ୱାଇଁ ଉପସ୍ଥିତ ଥିବା ୱାର୍ଡସଭ୍ୟାସଭ୍ୟ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ନାଏବ ସରପଞ୍ଚ ସୁମନ୍ତ ମଲିକ, ସମ୍ପାଦକ ଶିଶିର ମଲିକ, ପଞ୍ଚାୟତ ଅଧିକାରୀ ସୁମନ୍ତ ନାୟକ ଏବଂ ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତା ନିରଞ୍ଜନ ମିଶ୍ରଙ୍କ ପରଲୋକ

ସାକ୍ଷୀଗୋପାଳ,୨୪।୧୨
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଅଞ୍ଚଳର ବରିଷ୍ଠ ଖବରଦାତା ନିରଞ୍ଜନ ମିଶ୍ରଙ୍କର (୬୮) ବୁଧବାର ପରଲୋକ ହୋଇଛି। ଗଣମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ସେ ଜନପ୍ରିୟ ହୋଇପାରିଥିଲେ। ସ୍ୱର୍ଗତ ମିଶ୍ର ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ପ୍ରେସ୍ କ୍ଲବ ପ୍ରତିଷ୍ଠାତା ସଦସ୍ୟ ଓ ପୁରୀ ଜିଲା ସାମ୍ବାଦିକ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ସେ ବୁଟୁ ଭାଇନା ଭାବେ ପରିଚିତ ଥିଲେ। ଅସୁସ୍ଥତା କାରଣରୁ ସେ ନିଜ ସାନପୁଅ ପାଖରେ ହାଇଦ୍ରାବାଦରେ ରହି ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା। ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସତ୍ୟବାଦୀ ପ୍ରେସ୍ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅଶୋକ ବେହେରା ଶୋକବ୍ୟକ୍ତ କରିଛନ୍ତି।

# ଆଜିଠୁ ୨୫ତମ ନିମାପଡ଼ା ମହୋତ୍ସବ

ନିମାପଡ଼ା,୨୪।୧୨(ବିଚିତ୍ରାନନ୍ଦ ସାହୁ)

■ ପରିବେଷଣ ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ
■ ମୁତୟନ ହେବେ ୧୨ ପ୍ଲାଟୁନ ଫୋର୍ସ

ନିମାପଡ଼ା ମହୋତ୍ସବ କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପଲାଇନ ଏବଂ ବ୍ଲକ କଳା ସଂସ୍କୃତି ସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ୨୫ତମ ନିମାପଡ଼ା ମହୋତ୍ସବ ମୁକ୍ତାକାଶ ମଞ୍ଚରେ ବର୍ଣ୍ଣାଢ୍ୟ ପରିବେଶରେ ଗୁରୁବାର ଉଦ୍‌ଘାଟନ ହେବ। ଏହି ମହୋତ୍ସବ ୩ ଦିନ ଧରି ଚାଲିବ। ଚଳିତବର୍ଷ ଏହି ମହୋତ୍ସବ ୨୫ ବର୍ଷରେ ପଦାର୍ପଣ କରି ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ ପ୍ରବଳ ଜନସମାଗମ ହେବ। ଏହି ପରିପ୍ରେକ୍ଷୀରେ ମହୋତ୍ସବ ସ୍ଥଳୀ, ବାରବାଟୀ ଗ୍ରାଉଣ୍ଡ ସମେତ ନିମାପଡ଼ା ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୮ ଇନ୍ସପେକ୍ଟର, ୪୫ ଏସ୍‌ଆଇ ଓ ଏଏସ୍‌ଆଇ, ୭୦ ହୋମଗାର୍ଡଙ୍କ ସମେତ ୫୭ ଜଣ ବରିଷ୍ଠ ପୋଲିସ ଅଫିସର ସମେତ ୧୨ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ଜନସାଧାରଣ ପୋଲିସ ପ୍ରଶାସନର ନୀତି ନିୟମ ଓ କଟକଣା ମାନି ଚଳିବା ସହିତ ସହଯୋଗର ହାତ ବଢାଇବାକୁ ଏସ୍‌ଡିପିଓ ପାଢ଼ୀ ଅନୁରୋଧ କରିଛନ୍ତି।


ହରଚଣ୍ଡୀସାହି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବାଲି ଚୋରା ଚାଲାଣ: ଦୁର୍ବଳ ହେଉଛି ଭାର୍ଗବୀ ନଦୀବନ୍ଧ

ପିପିଲି,୨୪।୧୨(ଦୁର୍ଗାମାଧବ ମିଶ୍ର)

ପିପିଲି ଅଞ୍ଚଳର ଭାର୍ଗବୀ ନଦୀଘାଟରୁ ବାଲି ଚୋରା ଚାଲାଣ ହେଉଥିବାରୁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଫଳରେ ସେଠାରେ ବନ୍ୟା ସମୟରେ ଘାଇ ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ୨୦୦୮ରେ ଭାର୍ଗବୀ ନଦୀରେ ବନ୍ୟା ଯୋଗୁ ଫୁଲୁପାଳଠାରେ ଘାଇ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏବେ ସେହି ସ୍ଥାନରୁ ବାଲି ଚୋରା ଚାଲାଣ ଚାଲିଥିବା ଅଲଇଣ୍ଡିଆ ମୂଳ ନିବାସୀ ସଂଘ ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ଜଗନ୍ନାଥପୁର, ନୂଆଶାସନ, ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ତେଇଶିପୁର, ଯଶୁଆପୁର, ସାତଶଙ୍ଖ ଆଦି ଅଞ୍ଚଳର ସୁରକ୍ଷା ପାଇଁ ୨୦୦୮ ବନ୍ୟା ପରଠାରୁ ଉକ୍ତ ନଦୀବନ୍ଧକୁ ସୁଦୃଢ଼ କରାଯାଇନାହିଁ। ଉକ୍ତ ନଦୀବନ୍ଧରେ ହଜାର ହଜାର ଟ୍ରିପ୍ ବାଲି ବୋଝେଇ ଗାଡ଼ି ଯିବା ଦ୍ୱାରା ନଦୀବନ୍ଧ ଆହୁରି ଦୁର୍ବଳ ହେଉଛି। ବାଲି ଚାଲାଣ ପାଇଁ ସାକ୍ଷୀଗୋପାଳ ଶାଖା କେନାଲରେ ପାଇପ ପକାଇ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ନଦୀବନ୍ଧକୁ ସୁଦୃଢ଼ କରାଯିବାକୁ ଅଲଇଣ୍ଡିଆ ମୂଳନିବାସୀ ସଂଘର ରାଜ୍ୟ ସଭାପତି ବିଜୟ ସେଠୀ ପୁରୀ ଜିଲାପାଳ, ଉପଜିଲାପାଳ, ପିପିଲି ତହସିଲଦାର, ସ୍ଥାନୀୟ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ପୁରୀ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି।

# ମଣିଷ ପଣିଆ ଖୋଜନ୍ତୁ, ଦେଖନ୍ତୁ

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକୋତ୍ସବ

ଗୋପ,୨୪।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଆମେ ସମସ୍ତେ ମଣିଷ, ମଣିଷ ମୁଖରେ ମଧ୍ୟ ଭିନ୍ନତା ରହିଛି। କିନ୍ତୁ ଆମମାନଙ୍କୁ ଭଲ ମଣିଷ ସହିତ ମଣିଷ ପଣିଆ ଥିବା ମଣିଷ ଖୋଜିବା ଓ ଦେଖିବାକୁ ପଡିବ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଗୋପ ହାପିକଲୋନି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ସରସ୍ୱତୀ ମହାରାଜା ଉପସ୍ଥିତ ଅଭିଭାବକଙ୍କ ସହିତ ଉପସ୍ଥିତ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଏପରି ସୂଚନା ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମ୍ପାଦକ ଶିକ୍ଷା ବିକାଶ ସମିତି ଓଡ଼ିଶାର ଡ. ସରୋଜ କୁମାର ହାତୀ, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ବିଦ୍ୟାମନ୍ଦିର ସମ୍ପାଦକ ସନତ୍ ସେନାପତି, ସ୍କୁଲ ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ପ୍ରମୁଖ ଯୋଗଦେଇ ଶିକ୍ଷାରେ ଭବିଷ୍ୟତ ଦେଖିବା ସହିତ ଭଲ ମଣିଷ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ସ୍କୁଲର ପୁରାତନ ଛାତ୍ରଙ୍କ ସହିତ ସ୍କୁଲ ମାତୃଶକ୍ତି ମା'ମାନଙ୍କୁ ଓ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା କୃଷ୍ଣଲୀଳା, ଶିବ ତାଣ୍ଡବ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ଚାଲିଥିଲା। ବିଂଶତମ ବାର୍ଷିକ ଉତ୍ସବକୁ ବବିତା ପ୍ରଧାନ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ଦିଲୀପ କୁମାର ଭୋଇ, ଦେବାଶିଷ ଦିକ୍ଷୀତ, ଏସ୍ ପ୍ରିୟଦର୍ଶିନୀ, ବନିତା ଦେଇ, ବବିତା ସେନାପତି, ତୃପ୍ତିମୟୀ ସାହୁ, ସୁଜାତା ମହାନ୍ତି, ବିଶ୍ୱବାସିନୀ ନନ୍ଦ, ମାହେଶ୍ୱରୀ ନାଥ, ସସ୍ମିତା ବେହେରା, ତପସ୍ୱିନୀ ଭୋଇ ଓ ବିଶ୍ୱରୂପା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



# ଥାନା ଜମିରେ ହାଟ ନିର୍ମାଣ ନେଇ ଉଠିଲା ପ୍ରଶ୍ନ

## ଖୁବଶୀଘ୍ର ଜବରଦଖଲ ହଟାଯିବ: ଗୋପ ଥାନା ଅଧିକାରୀ

ଗୋପ,୨୪।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବଜାର ମଧ୍ୟଭାଗରେ ଥିବା ଥାନା ଜମିର ପାଚେରିର କିଛି ଅଂଶକୁ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଭଙ୍ଗାଯିବାର କେଇ ଘଣ୍ଟା ପରେ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରି କି ଥାନା ଜମିରେ ବେଆଇନ୍ ଭାବେ ଗଢି ଉଠିଥିବା ଦୋକାନବଜାରକୁ ଉଚ୍ଛେଦ କରାଯିବ ବୋଲି ପୋଲିସ୍ କହିଛି। ପ୍ରକାଶ ଯେ, ଜବରଦଖଲ ଅଭିଯୋଗକୁ ନେଇ ବେଆଇନ ଦୋକାନ ବଜାର ଉଚ୍ଛେଦ ହେବା ପାଇଁ ତହସିଲ ପକ୍ଷରୁ ମାପଚୁପ ଆରମ୍ଭ ହେବା ପରେ ଏବେ ସମ୍ପୃକ୍ତ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। କିଛି ବର୍ଷ ପୂର୍ବେ ଥାନା ଜମିରେ କେତେକ ବ୍ୟବସାୟୀ ଦୋକାନ ବଜାର କରିଛନ୍ତି। ଗୋପ ବ୍ଲକ ପକ୍ଷରୁ ହାଟ ନିର୍ମାଣ ପାଇଁ ପ୍ରାୟତଃ ୨୦ ଲକ୍ଷ ଟଙ୍କା ଥିବାରୁ ବ୍ଲକ ପ୍ରଶାସନ ଡୋଜର ଲଗାଇ ପାଚେରି ଭାଙ୍ଗିଥିଲା। ଏହାପରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ସଦଳବଳ ବୁଧବାର ସନ୍ଧ୍ୟାରେ ସେହି ସ୍ଥାନରେ ପହଞ୍ଚି ଖୋଳତାଡ଼ କରିଥିଲେ। ଗୋପ ତହସିଲ ପକ୍ଷରୁ ଜାନୁଆରୀ ପ୍ରଥମ ସପ୍ତାହରେ ବଜାର ଉଚ୍ଛେଦ ହେବାକୁ ସୂଚନା ଥିବାବେଳେ ଗତ ୨୩ ତାରିଖ ସନ୍ଧ୍ୟାରେ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଉକ୍ତ ଥାନା ଜମି ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପଢିହାରୀ କହିଛନ୍ତି, ଥାନା ଜମିର ପାଚେରି ଭଙ୍ଗାଯିବା ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇଥିଲି। ଖୁବ୍‌ଶୀଘ୍ର ଥାନା ଜମିରେ ଯେଉଁମାନେ ଦୋକାନ କରିଛନ୍ତି ସେମାନଙ୍କୁ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ଗୋପ ବଜାର ଉଚ୍ଛେଦ ହେବା ସମୟରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ପୂର୍ବତନ ଏସ୍‌ପିଙ୍କ ସହ କଥାବାର୍ତ୍ତା ହେବା ପରେ ଥାନା ଜମିରେ କେତେକ ଦୋକାନ ବଜାର ଅସ୍ଥାୟୀ ଭାବେ ଖୋଲାଯାଇଥିଲା। ହେଲେ ଏବେ ବଜାର ଉଚ୍ଛେଦ କରାଯିବା ଲାଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ କରାଯାଇଥିବାବେଳେ କେତେକ ସ୍ଥାନରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ହୋଇଛି। ଗୋପ-ନିମାପଡ଼ା ରାସ୍ତା ପାର୍ଶ୍ୱ ନୟନଯୋରିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ସରକାରୀ ଜମି ମଧ୍ୟ ଜବରଦଖଲ ହୋଇଛି।

# ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଳଙ୍ଗା,୨୪।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମିନି ଷ୍ଟାଡିୟମରେ ଲଙ୍କେଶ୍ୱରୀ ଫୁଟବଲ କ୍ଲବ ପକ୍ଷରୁ ୨୪ତମ ରାଜ୍ୟସ୍ତରୀୟ କପ୍‌ଫୁଟବଲ୍‌ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ସ୍ପୋର୍ଟସ୍ କ୍ଲବ ଏବଂ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସିଭିରମଣ ଗ୍ଲୋବାଲ ୟୁନିଭର୍ସିଟି ୧-୦ ଗୋଲ୍‌ରେ ନୟାଗଡ଼ ସ୍ପୋର୍ଟସ ହଷ୍ଟେଲକୁ ହରାଇ ବିଜୟ ହାଓଲ କରିଛି। ମ୍ୟାଚ୍‌କୁ ରେଫରି ସଞ୍ଜୀବ ଦାସ, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଲକି ହେମ୍ବ୍ରମ ପରିଚାଳନା କରିଥିଲେ। ଗୁରୁବାର ମା' ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ଏବଂ ଜଗା ୟୁନାଇଟେଡ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ମା' ଲଙ୍କେଶ୍ୱରୀ ଫୁଟବଲ କ୍ଲବ ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ୍ ରମେଶ ମହାପାତ୍ର, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ପ୍ରଭାତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# 'ସମାଜବାଦୀ ସଙ୍ଗଠନ ଗଢ଼ିବାକୁ ସିପିଆଇ ସଂକଳ୍ପବଦ୍ଧ'

ନିମାପଡ଼ା,୨୪।୧୨(ବିଚିତ୍ରାନନ୍ଦ ସାହୁ)


ଶତବାର୍ଷିକୀ ସମାରୋହରେ ମଞ୍ଚାସୀନ ଅତିଥି।

ଦେଶରେ ସମାଜବାଦୀ ସଂଗଠନ ଓ ସମାଜ ଗଠନ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଦୃଢ଼ ସଂକଳ୍ପବଦ୍ଧ। ଏଥିପାଇଁ ଜୋରଦାର ସଂଗ୍ରାମ ଓ ଆନ୍ଦୋଳନ ଆବଶ୍ୟକ। କେନ୍ଦ୍ରର ଭାଜପା ସରକାର ଫାସିବାଦର ସରକାର। ଏହି ସରକାର ସମୟରେ ଦେଶ ଓ ରାଜ୍ୟରେ ଶାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସରକାର ଚାଷୀ, ମୂଲିଆ, କୃଷକ, ଶ୍ରମିକ ମାରଣ ବୋଲି ସିପିଆଇର ଶତବାର୍ଷିକୀ ସମାରୋହରେ ଅତିଥି ଭାବେ ଯୋଗଦେଇ ଦଳୀୟ ନେତୃବୃନ୍ଦ କହିଛନ୍ତି। ସିପିଆଇର ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଦଳର ପୁରୀ ଜିଲାସ୍ତରୀୟ ଶତବାର୍ଷିକୀ ସମାରୋହ ବୁଧବାର ନିମାପଡ଼ା ଅମଳାପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପାଳନ କରାଯାଇଛି। ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ପାର୍ଟି ପତାକା ଉତ୍ତୋଳନ ସହ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଦେବେନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପାର୍ଟିର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସହସମ୍ପାଦକ ହରିହର ସେନାପତି, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ ମହାନ୍ତି, ବରିଷ୍ଠ ନେତା ସନାତନ ପାତ୍ର, ଜିଲା କୃଷକସଭା ସଭାପତି ମନୋଜ ପରିଡ଼ା ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ପାର୍ଟିକୁ ଅଧିକ ଶକ୍ତିଶାଳୀ, କ୍ରିୟାଶୀଳ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଶତବାର୍ଷିକୀ ପାଳନ ସମାରୋହରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ସିପିଆଇ ନେତା ଓ କର୍ମୀ ଯୋଗଦେଇଥିଲେ। ସାଥି ଗୋଲେଖ ନାୟକ, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ବନମାଳି ସାହୁ, ମହେନ୍ଦ୍ର ବାରିକ ଏବଂ ଦଣ୍ଡପାଣି ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ।

# ଡିସେମ୍ବର ୩୧, ନୂଆବର୍ଷରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ,୨୪।୧୨(ଅଜିତ୍ କୁମାର ମହାନ୍ତି)

## ସେବାୟତଙ୍କ ସହ ପୁରୀ ପୋଲିସର ସମନ୍ୱୟ ବୈଠକ


ବୈଠକରେ ପୋଲିସ ଅଧିକାରୀମାନଙ୍କ ସହ ସେବାୟତମାନେ।

ଡିସେମ୍ବର ୩୧ ଓ ନୂଆବର୍ଷ ଅବସରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଭିତରେ ଭକ୍ତମାନେ କିପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ବୁଧବାର ଏସ୍‌ପି ପ୍ରତୀକ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ସେବାୟତ, ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପତିତପାବନ ବାନା ପରିବର୍ତ୍ତନ ସମୟ, ମନ୍ଦିର ଭିତରେ ବେଢ଼ା ଅଞ୍ଚଳରେ ଭିଡ଼ ପରିଚାଳନା, ଦର୍ଶନ ସୁଚାରୁ ଗତି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। ପତିତପାବନ ବାନା ପରିବର୍ତ୍ତନ ସମୟରେ ହେବାକୁ ଥିବା ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ଭିଡ଼ ପରିଚାଳନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ନବବର୍ଷ ଅବସରରେ ଲକ୍ଷ୍ମୀ ମନ୍ଦିରରେ ହେବାକୁ ଥିବା ଭିଡ଼କୁ ଦୃଷ୍ଟିରେ ରଖି ଭିଡ଼ ପରିଚାଳନା ଓ ଦର୍ଶନ ବ୍ୟବସ୍ଥା କରାଯିବ। ସମସ୍ତ ସେବାୟତଙ୍କୁ କହିଛନ୍ତି ଯେ, ଆସନ୍ତା ଓ ନବବର୍ଷ ଦିନଗୁଡ଼ିକରେ ମନ୍ଦିରର ନୀତିକୁ ସଠିକ୍ ଭାବେ ପାଳନ କଲେ, ଶ୍ରଦ୍ଧାଳୁମାନେ ସହଜ, ସୁରକ୍ଷିତ ଓ ସୁମଧୁର ଦର୍ଶନର ସୁଯୋଗ ପାଇପାରିବେ ଏବଂ ଦୀର୍ଘ ସମୟ ଅପେକ୍ଷା କରିବାର ସମସ୍ୟା ମଧ୍ୟ କମିପାରିବ। ଏହାସହ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରହିଲେ, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ସୁନିୟୋଜିତ ଭାବେ ଦର୍ଶନ ସୁବିଧା ଦେବା ସମ୍ଭବ ହେବ।

ସମନ୍ୱୟ ବୈଠକରେ ଏସଏସଏମ ଏସଭି କମାଣ୍ଡାଣ୍ଟ ତାପସ ଦାସ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ଡିସି କୌଶିକ ନାୟକ, ସିଟି ଡିଏସପି ପ୍ରଶାନ୍ତ ସାହୁ, ଆଇଆଇସି ଟାଉନ ଥାନ ଗୋକୁଳ ରଞ୍ଜନ ଦାସ, ଏମ୍‌ସି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା, ମଧୁସୂଦନ ସିଂହାରୀ, ଅନନ୍ତ ତିଆଡ଼ି, ମାଧବ ପୂଜାପଣ୍ଡା, ମାଧବ ମହାପାତ୍ର, ମୀନା ହଜୁରୀ, ହରେକୃଷ୍ଣ ସିଂହାରୀ ସହ ଅନ୍ୟାନ୍ୟ ସେବାୟତମାନେ ଉପସ୍ଥିତ ଥିଲେ। ଶେଷରେ ଏସ୍‌ପି ସିଂହ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଅନୁରୋଧ କରିଥିଲେ ଯେ, ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ, ରେଗୁଲେଶନ୍ ଓ ଶୃଙ୍ଖଳା ବ୍ୟବସ୍ଥାକୁ ସହଯୋଗ କରି ନବବର୍ଷ ଦର୍ଶନକୁ ସୁଚାରୁ ଓ ସ୍ମରଣୀୟ କରିବାକୁ ସହଯୋଗ କରନ୍ତୁ।

## ପିଏମ୍ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ପିଏମ୍ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଆବାହକତ୍ୱ ଓ ପୌରୋହିତ୍ୟ ଏବଂ ଶିକ୍ଷକ ପ୍ରଭାତ ନିଶଙ୍କଙ୍କ ସଂଯୋଜନାରେ ଗତ ସୋମବାର ବିଦ୍ୟାଳୟ ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ନୂତନ ଅଧ୍ୟକ୍ଷାଭାବେ ପୁଷ୍ପଲତା ଜୟସିଂହ ଏବଂ ସର୍ବେଶ୍ୱର ସାହୁଙ୍କୁ ନୂତନ ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଚୟନ ପ୍ରକ୍ରିୟାରେ ଉକ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବାରୁ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଖୁସି ବ୍ୟକ୍ତ କରିଥିଲେ। ବବିତା ନାୟକ, ବିନି ପରିଡ଼ା, ସୁଜାତା ରଥ, ନମିତା ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୨୭୦ ପ୍ରକାର ଖାଦ୍ୟ ପ୍ରଦର୍ଶନ କଲେ ସ୍କାଉଟ୍ସ ଗାଇଡ୍ସ

### ଜାମ୍ବୋରେଟ୍ ତୃତୀୟ ଦିବସ

ଖୋର୍ଦ୍ଧା,୨୪।୧୨
(ପ୍ରଭାତ ପାଣିଗ୍ରାହୀ)


ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ଖାଦ୍ୟ ପ୍ରଦର୍ଶନ କରାଯାଇଛି।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ବରୁଣେଇ ଶିଳ୍ପାଞ୍ଚଳ ଅନ୍ତର୍ଗତ ରାଜ୍ୟ ତାଲିମ କେନ୍ଦ୍ରରେ ଚାଲିଛି ୨୦ତମ ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରେଟ୍। ବୁଧବାର ସ୍କାଉଟ୍ସ ଗାଇଡ୍ସମାନେ ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ସକାଳ ୭ଟା ୩୦ରେ ଆରମ୍ଭ ହୋଇଥିଲା ଶାରୀରିକ କୌଶଳ ପ୍ରଦର୍ଶନ। ସ୍କାଉଟ୍ସ ଗାଇଡ୍ସମାନେ ସେମାନଙ୍କ ଶାରୀରିକ କଳା କୌଶଳ ପାରଦର୍ଶିତା ଦେଖାଇଥିଲେ। ପରେ ଶିବିରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଦୁଃସାହସିକ ବେସ ଗୁଡିକରେ ସ୍କାଉଟ୍ସ ଗାଇଡ୍ସମାନେ ବିଭିନ୍ନ ବେସ ଗୁଡିକରେ ମଜା ନେଇଥିଲେ। ଅପରାହ୍ନ ୩ଟା ୩୦ରେ ପ୍ରତ୍ୟେକ ଜିଲାର ସ୍କାଉଟ୍ସ ଗାଇଡ୍ସମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା କଳାକୃତି ପ୍ରତିଯୋଗିତା। ଏଥିରେ ବିଭିନ୍ନ କଳାକୃତି ପ୍ରଦର୍ଶନ କରିଥିଲେ। ପରେ ସ୍କାଉଟ୍ସ ଗାଇଡ୍ସମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା। ୨୭୦ ପ୍ରକାର ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ମୁଖ୍ୟ ଅତିଥି, ସହକାରୀ ଶାରୀରିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପରିଡା, ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଉପସଭାପତି ମନୋରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନେ ତିଆରି କରିଥିବା ଖାଦ୍ୟକୁ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ଅତିଥିମାନେ ସ୍କାଉଟ୍ସ ଗାଇଡ୍ସଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ପ୍ରତିଯୋଗିତା ଉପଭୋଗ କରିଥିଲେ। ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଏବଂ ଗାଇଡ୍ସ କମିଶନର ଡ କାଳିପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ରାଜ୍ୟ ସଙ୍ଗଠନ କମିଶନର ତଥା ପ୍ରଶାସନିକ ଅଧିକାରୀ ଅନାମିକା ଦାସ ସ୍ୱାଗତ ଭାଷଣ ଓ ମଞ୍ଚ ସଂଯୋଜନା କରିଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବାଲୁଗାଁ,୨୪।୧୨
(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଏବଂ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ହେଲେ ସ୍ଥାନୀୟ ନୂଆଗଡ଼ ଅଞ୍ଚଳର ରାହୁଲ ପଲେଇ (୩୦)। ଅଭିଯୋଗ ମୁତାବକ, ସମ୍ପୃକ୍ତ ମହିଳାଙ୍କୁ ରାହୁଲ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ରାହୁଲ ପ୍ରେମ ସମ୍ପର୍କର ସୁଯୋଗ ନେଇ ମହିଳାଙ୍କଠାରୁ ୧୦ ଲକ୍ଷ ଟଙ୍କା ହଡ଼ପ କରି ନେଇଥିଲେ। ମହିଳା ଜଣଙ୍କ ବିବାହ କରିବା ପାଇଁ ରାହୁଲଙ୍କୁ ବାରମ୍ବାର ନିବେଦନ କରି ବିଫଳ ହେବା ପରେ ନ୍ୟାୟ ପାଇବା ଆଶାରେ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୪୫/୨୫) ରୁଜୁ କରି ତଦନ୍ତ ଚଳାଇବା ସହ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଦାସ ବେନହୁର ପାଇବେ ପ୍ରାଣନାଥ ସ୍ମୃତି ସମ୍ମାନ

### କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ମିଳିବ ମଞ୍ଜରୀ ସାହିତ୍ୟ ସମ୍ମାନ

ଖୋର୍ଦ୍ଧା,୨୪।୧୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ପ୍ରସାଦ ଦାସ ଓରଫ ଦାଶବେନହୁର ପ୍ରାଣନାଥ ସ୍ମୃତି ସମ୍ମାନ ଏବଂ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମଞ୍ଜରୀ ସାହିତ୍ୟ ସମ୍ମାନ ପାଇବେ। ଏନେଇ ବୁଧବାର ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ବାସଭବନରେ ପୁରାତନ ଛାତ୍ରଙ୍କ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହିତ ବିଭିନ୍ନ କ୍ଷେତ୍ରରେ ନିଜର କୃତୀତ୍ୱ ହାସଲ କରିଥିବା ଜଷ୍ଟିସ ଗିରିଜା ଶଙ୍କର ମହାପାତ୍ର, ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ପ୍ରଶାସନ ଅଧିକାରୀ ସ୍ନିଗ୍ଧା ଚମ୍ପତିରାୟ, ବରିଷ୍ଠ ସିନେ ସାମ୍ବାଦିକ ଦିଲୀପ ହାଲି, କଳା ସଂସ୍କୃତି କ୍ଷେତ୍ରରେ ଶ୍ରୀକାନ୍ତ ପଟ୍ଟନାୟକ, ସମୀର ମହାନ୍ତି, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆଲୁମ୍ନି ସଂଘ ସମ୍ପାଦକ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ଏବଂ ପୁରାତନ ଛାତ୍ର ସଂସଦର ସଭ୍ୟମାନେ ଉପସ୍ଥିତ ଥିଲେ।

# ଦମ୍ପତିଙ୍କଠାରୁ ମଙ୍ଗଳସୂତ୍ର ଝାମ୍ପିନେଲେ

ବାଘମାରୀ,୨୪।୧୨(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ସାରୁଆ ଶିଳ୍ପାଞ୍ଚଳ ରାସ୍ତାରେ ଜଣେ ଦୁର୍ବୃତ୍ତ ଦମ୍ପତିଙ୍କଠାରୁ ମଙ୍ଗଳସୂତ୍ର ଝାମ୍ପି ନେଇଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଫତେଗଡ଼ ଥାନା ବିଜିପୁର ଗ୍ରାମର ସୁଶାନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ସ୍ତ୍ରୀ ଓ ଝିଅକୁ ନେଇ ବାଇକ୍‌ରେ ଖୋର୍ଦ୍ଧା ମେଡିକାଲ ଯାଉଥିଲେ। ସାରୁଆ ପେଟ୍ରୋଲ ପମ୍ପ ଏବଂ ଶିଳ୍ପାଞ୍ଚଳ ମଝି ରାସ୍ତାରେ ପଛରୁ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ସୁଶାନ୍ତଙ୍କ ସ୍ତ୍ରୀଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଇ ଫେରାର ହୋଇଯାଇଥିଲା। ଏନେଇ ସୁଶାନ୍ତ ବାଘମାରୀ ଥାନାରେ ଅଭିଯୋଗ କରିଥିଲେ।

# ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

### ବ୍ରହ୍ମଗିରି ଏକାଦଶ ବିଜୟୀ

ନିରାକାରପୁର,୨୪।୧୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଭୂଷଣ୍ଡପୁରସ୍ଥିତ ବାଲିପାଟପୁର ରିଫିଉଜି ହାଇସ୍କୁଲ ଖେଳପଡିଆରେ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏକାଦଶତମ ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଲିଗ ମ୍ୟାଚ୍ ଏମକେସିସି କୁମାର ଖଟିଆ ଏବଂ ବ୍ରହ୍ମଗିରି ଏକାଦଶ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରଖଟିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୩୦ ରନ ସଂଗ୍ରହ କରିଥିଲା । ଜବାବରେ ବ୍ରହ୍ମଗିରି ଏକାଦଶ ଟିମ୍ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୨୩୧ରନ ସଂଗ୍ରହ କରି ବିଜୟ ହୋଇଥିଲା। ହରିଶ୍ଚନ୍ଦ୍ର ମଣ୍ଡଳ ଏବଂ ବିପ୍ଳବ ଲସ୍କର ମ୍ୟାଚ୍ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଗୌରହରି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ରଞ୍ଜିତ କୁମାର ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରମେଶ ସାହୁ, ଉପସଭାପତି ପ୍ରଶାନ୍ତ ଦାସ, କୋଷାଧ୍ୟକ୍ଷ ମନୋଜ ଜେନା, ଆୟୋଜକ ମାନସ ରଞ୍ଜନ ମଲ୍ଲିକ, ନିହାର ରଞ୍ଜନ ମଲ୍ଲିକ, ବାପି ଦଳାଇ, ମନୋଜ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

ବେଗୁନିଆ,୨୪।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଜୁ ଜନତା ଦଳ (ବିଜେଡି)ର ୨୯ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବେଗୁନିଆ ବିଜେଡି ସଭାପତି ପ୍ରଶାନ୍ତ ବେହେରା, ବୋଲଗଡ଼ ବିଜେଡି ସଭାପତି ବାନାମ୍ବର ମାଝି, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ବୋଲଗଡ଼ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ଶୁଭେନ୍ଦ୍ର କୁମାର ସାହୁ, ପ୍ରଦୀପ୍ତ କିଶୋର ଛୋଟରାୟ, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ବହୁ କର୍ମୀ ଉପସ୍ଥିତ ଥିଲେ। ଆସନ୍ତା ୨୬ତାରିଖରେ ବୋଲଗଡ଼ ସ୍ଥିତ ନନ୍ଦିଘୋଷ ଭବନଠାରେ ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବର୍ତ୍ତମାନର ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରାଯିବ ବୋଲି ମତପ୍ରକାଶ ପାଇଥିଲା।

# ଧାନବାଦ୍ ଫୁଟ୍‌ବଲ କ୍ଲବ୍ ସେମିଫାଇନାଲରେ

ଟାଙ୍ଗୀ,୨୪।୧୨(ରଘୁନାଥ ସାହୁ)



କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଧାନବାଦ୍ ଫୁଟ୍‌ବଲ କ୍ଲବ୍ ଏବଂ ବିଡାନାସୀ କ୍ଲବ କଟକ ମଧ୍ୟରେ ହୋଇଥିଲା। ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ୍ ଅମିମାଂସିତ ରହିଥିଲା। ଟ୍ରାଇବ୍ରେକରରେ ୪-୨ ଗୋଲରେ ଧାନବାଦ୍ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ର ଶେଖର ଦାଶ, ଟେଲି କଳାକାର ହାପି କର, ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ, ବସନ୍ତ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଦାର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଜୟ ମଙ୍ଗରାଜ, କାଳୁ ଚରଣ ସିଂ, ଗୋପାଳ ସାମନ୍ତରାୟ ସହଯୋଗ କରିଥିଲେ। ରତ୍ନାକର ସାମନ୍ତରାୟ, କେଦାର ପାତାଳ ସିଂ, ବାବୁ ବିଶ୍ୱାଳ, ତ୍ରିନାଥ ପାତ୍ର, ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ମା'ମଙ୍ଗଳା କ୍ଲବ କଟକ ଏବଂ ଓଡ଼ିଶା ପୋଲିସ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି।

ଭା.କ.ନି.
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।
ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।
ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।
ସ୍ୱା./- ଶାଖା ମୁଖ୍ୟ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 40/BBS/2025-26:** Supply of Hardware fittings & spacer for 220kV Cross Bus augmentation work of 315MVA ICT- 1,2 & 3 Bays at Grid S/s Mendhasal under EHT (O&M) Circle, Bhubaneswar.
**2)Tender Call Notice No. 41/BBS/2025-26:** Installation of 250kVA 33/0.4kV Plinth mounted Station Transformer at Grid S/s Ransinghpur under EHT (O&M) Circle, Bhubaneswar.
**3)Tender Call Notice No. 42/BBS/2025-26:** Hiring of commercial registered 7/9 seater AC bolero or equivalent for use at E&MR Division, Bhubaneswar under EHT (O&M) Circle, Bhubaneswar.
**4)Tender Call Notice No. 43/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Puri under EHT (O&M) Circle, Bhubaneswar.
**5)Tender Call Notice No. 44/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Bhubaneswar under EHT (O&M) Circle, Bhubaneswar.
**6)Tender Call Notice No. 05/MEN/2025-26:** Cutting of Jungle, Bushes, unwanted plants & Cleaning of fencing nets at 400kV GSS, Mendhasal under EHT (O&M) Division, Mendhasal.
**7)Tender Call Notice No. 26/KHU/2025-26:** Construction of two nos. of Transformer Oil sump pits at GSS, Khurda under EHT (O&M) Division, Khurda.
**8)Tender Call Notice No. OTCN-20/2025-26:** Engagement of one no. of diesel run A/C Bolero camper (Dala Bolero) or equivalent required for field & maintenance works of (O&M) S/D, Chatrapur under EHT (O&M) Division, Chatrapur under EHT (O&M) Circle, Berhampur.
**9)Tender Call Notice No. 11/2025-26:** Supply of different types of clamps and connectors for different grid S/s under EHT (O&M) Division, Rajgangpur.
**10)E-Tender Call Notice No. 12 OF 25-26:** Improvement to 1st floor (Wing-1) of Tech Tower, OPTCL, Bhubaneswar (Provision of Work station, file cabinet and office table) under Civil Works Circle, OPTCL, BBSR.
**11)E-Tender Call Notice No. BRL- 53/2025-26:** Construction of RCC slabs for Cable Trench slabs (220kV & 132kV) & Earth pits in S/Y of 220/132kV grid S/s, Tarkera under EHT (O&M) Division, Rourkela under EHT (O&M) Circle, Burla.
**12)Tender Call Notice No. RKL- 16/25-26:** Re-alignment of 132kV & 33kV isolators in different feeders at 132/33 kV GSS,Chhend under EHT (O&M) Division, Rourkela.
**13)Tender Call Notice No. BRL- 54/2025-26:** Empanelment of suppliers & contractors for the vendor list for the year 2026 under EHT (O&M) Circle, Burla.
**14)Tender Call Notice No. LPNGA/13/2025-26:** Procurement and supply of 50 nos 100W LED street light fittings of Crompton/Havells/Bajaj/Philips/Polycab make for 400/220/132/33kV GSS, Lapanga under EHT (O&M) Division, Lapanga.
**15)E-Tender Call Notice No. BRL-55/2025-26:** Overhauling of 40MVA, 132/33kV Power Transformer-II (Make- ALSTOM) at 132/33kV GSS, Bargarh under EHT (O&M) Division, Barpali under EHT (O&M) Circle, Burla.
**16)Tender Call Notice No. 10/2025-26:** Construction of RCC slabs for replacement of same in place of damaged cable trench slabs & earth pit slabs at 132/33 kV GSS Nimapara under EHT (O&M) Division, Puri.
**17)Tender Call Notice No. 09/CHP/2025-26:** Engagement of 01 no commercial registered light vehicle (AC Bolero Neo/ Bolero B8) to be used at the O/o The DGM (Elect.), Chainpal under EHT (O&M) Division,Chainpal.
**18)Tender Call Notice No. OT-10/(2025-26)/RGD:** Casting of RCC slabs for cable trenches for replacement against damaged slabs at 132/33kV GSS, Rayagada under EHT (O&M) Division, Rayagada.
For more details please visit OPTCL's website: **www.optcl.co.in.**

FIPR-72/2025-26
/optcl.odisha /optcl_odisha

ଭା.କ.ନି.
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

**ଖରିଫ୍ ଧାନ ସଂଗ୍ରହ, ୨୦୨୫-୨୬**

ବିଜ୍ଞାପନ ସଂଖ୍ୟା – ୦୩ ତାରିଖ: ୨୪।୧୨।୨୦୨୫

ଏତଦ୍ୱାରା କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ଼ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା୨୬।୧୨।୨୦୨୫ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।
''ଚାଷୀଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବା।''
**ଧାନ କ୍ରୟ ଦିବସ: ସୋମ, ମଙ୍ଗଳ, ବୁଧ, ଶୁକ୍ର ଓ ଶନିବାର**
**ସମୟ: ସକାଳ ୮ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରିପାରିବେ।**

**ଧାନର ଗୁଣାତ୍ମକ ମାନ**

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇ ନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ''ଏ'' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

:: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା ::

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩,୧୦୦.୦୦ |

ନିବେଦକ
ଉପଜିଲ୍ଲାପାଳ, ଆଠଗଡ଼-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

COIR BOARD
MINISTRY OF MICRO, SMALL & MEDIUM ENTERPRISES
GOVERNMENT OF INDIA

**ବୋର୍ଡର ଚାରିଟି ଭିନ୍ନ କେନ୍ଦ୍ରଠାରେ କଏର୍ ପ୍ରଶିକ୍ଷଣ ପାଠ୍ୟକ୍ରମ ଲାଗି ଆବେଦନ ଆହ୍ୱାନ କରାଯାଉଛି**

କଏର୍ ଟେକ୍ନୋଲୋଜିରେ ଆର୍ଟିସାନ୍‌ର
ଛଅମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୩ ।
(୬ ମାସ + ୧ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜୁଲାଇ '୨୬)
ଆବେଦନ ପ୍ରାପ୍ତିର ଶେଷ ତାରିଖ **୧୦.୦୧.୨୦୨୬**
ଯୋଗ୍ୟତା: ଆବେଦନକାରୀ ପଢ଼ିବା ଓ ଲେଖିବା ଜାଣିଥିବା ଆବଶ୍ୟକ

ଆଡ୍‌ଭାନ୍ସଡ୍ କଏର୍ ଟେକ୍ନୋଲୋଜିରେ
ଏକବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୪ ।
(୧ ବର୍ଷ + ୩ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜାନୁଆରୀ '୨୭)
ଆବେଦନ ପ୍ରାପ୍ତିର ଶେଷ ତାରିଖ **୧୦.୦୧.୨୦୨୬**
ଯୋଗ୍ୟତା: ପ୍ରି-ଡିଗ୍ରୀ କିମ୍ବା ୧୨ ଷ୍ଟାଣ୍ଡାର୍ଡ ଅଥବା ସମତୁଲ୍ୟ ଉତ୍ତୀର୍ଣ୍ଣ

**ତାଲିମ୍ କେନ୍ଦ୍ରଗୁଡ଼ିକର ତାଲିକା**
୧. ଜାତୀୟ କଏର୍ ପ୍ରଶିକ୍ଷଣ ଓ ଡିଜାଇନ୍ କେନ୍ଦ୍ର, ଆଲାପୁଝା, କେରଳ
୨. କଏର୍ ବୋର୍ଡ ଆଞ୍ଚଳିକ ବିସ୍ତାରଣ କେନ୍ଦ୍ର, ଥାଞ୍ଜାଭୁର, ତାମିଲନାଡୁ
୩. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
୪. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ରାଜମହେନ୍ଦ୍ରୀ, ଆନ୍ଧ୍ରପ୍ରଦେଶ

ମନୋନୀତ ପ୍ରଶିକ୍ଷାର୍ଥୀମାନେ ମାସିକ ଟ.୩୦୦୦/-ର ଷ୍ଟାଇପେଣ୍ଡ ପାଇବା ପାଇଁ ଯୋଗ୍ୟ ହେବେ ।

**ଉପରୋକ୍ତ ଦୁଇଟି ପାଠ୍ୟକ୍ରମ ପାଇଁ ସାଧାରଣ ଆବଶ୍ୟକତା**
- ବୟସ: ୧୮ରୁ ୫୦ ବର୍ଷ ମଧ୍ୟରେ
- କଏର୍ ଇଣ୍ଡଷ୍ଟ୍ରି (ଆର୍) ରୁଲ୍‌ସ, ୨୦୦୮ ଅନୁଯାୟୀ କଏର୍ ଫାକ୍ଟ୍ରି/କଏର୍ କୋ-ଅପରେଟିଭ୍ ସୋସାଇଟି ଦ୍ୱାରା ପ୍ରାୟୋଜିତ ପ୍ରାର୍ଥୀମାନଙ୍କୁ ପ୍ରାଥମିକତା ଦିଆଯିବ ।
- ୨୦% ସିଟ୍ ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ।

ନିମ୍ନଲିଖିତ କେନ୍ଦ୍ରଗୁଡ଼ିକରେ ମାଗଣା ହଷ୍ଟେଲ ସୁବିଧା ଉପଲବ୍ଧ ଅଛି ।
୧. ଭୁବନେଶ୍ୱର
୨. ଥାଞ୍ଜାଭୁର
୩. ଆଲାପୁଝା (କେବଳ ମହିଳାଙ୍କ ପାଇଁ)

ବାହାରେ ରହୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମାସିକ ଟ.୫୦୦/- ପରିମାଣର କ୍ଷତିପୂରଣ ଦିଆଯିବ (ଆଲାପୁଝାରେ ପୁରୁଷ ପ୍ରାର୍ଥୀ ଏବଂ ରାଜମହେନ୍ଦ୍ରୀରେ ସମସ୍ତ ପ୍ରାର୍ଥୀ)

CBC 25131/12/0024/2526

ଆବେଦନ ଫର୍ମ କଏର୍ ବୋର୍ଡ ୱେବ୍‌ସାଇଟ୍ www.coirboard.gov.inରୁ ଡାଉନଲୋଡ୍ କରାଯାଇପାରିବ

ଦ୍ରଷ୍ଟବ୍ୟ: ସମସ୍ତ ଯୋଗାଯୋଗ କେବଳ ଇମେଲ୍/ଫୋନ୍ ଜରିଆରେ କରାଯିବ ।

କୋଚି ୨୩.୧୨.୨୦୨୫
ସ୍ୱା./- ସଚିବ, କଏର୍ ବୋର୍ଡ

# ମୁକୁଳା ଡ୍ରେନରେ ପଡ଼ି ଛାତ୍ରୀ ଗୁରୁତର

ପୁରୁଣା ଭୁବନେଶ୍ୱର,୨୪।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଡ୍ରେନ ନିର୍ମାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ କେତେଜଣ ଅସାଧୁ ଠିକାଦାରଙ୍କ ପାଇଁ ଡ୍ରେନଗୁଡ଼ିକ ନିମ୍ନମାନର କାମ ହେବା ସହ ମୁକୁଳା ପଡ଼ିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହିକ୍ରମରେ ନନ୍ଦକିଶୋର ନଗର, ଗ୍ୟାରେଜ ଛକ ରାସ୍ତାର ବାମପାର୍ଶ୍ୱରେ ଯାଇଥିବା ଡ୍ରେନ ମୁକୁଳା ପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଷଷ୍ଠ ଶ୍ରେଣୀ ଛାତ୍ରୀ ସାଇପ୍ରଜ୍ଞା ବାରିକ ଟ୍ୟୁଶନରୁ ଫେରୁଥିବା ବେଳେ ମୁକୁଳା ଡ୍ରେନରେ ପଡ଼ିଯାଇ ଚିତ୍କାର କରିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ମୁକୁଳା ଡ୍ରେନଗୁଡ଼ିକର ସ୍ଲାବ୍ ପକାଇ ମରାମତି କରିବା ସମ୍ପର୍କରେ ବୁଧବାର ବିଏମ୍‌ସି ଡ୍ରେନେଜ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରାଯାଇଛି।

# ଭୁବନେଶ୍ୱରରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ଶୀଘ୍ର ସମାଧାନ ହେବ

## 'ରାପିଡ୍ ଇଲେକ୍ଟ୍ରିକାଲ ଆକ୍ସନ ଫୋର୍ସ' ନିୟୋଜିତ କଲା ବିଏମ୍‌ସି

ଭୁବନେଶ୍ୱର, ୨୪।୧୨(ବନ୍ଦନା ସେଠୀ)



ମେୟର ସୁଲୋଚନା ଦାସ ପତାକା ଦେଖାଇ ଆର୍‌ଇଏଏଫ୍‌ର ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର ମହାନଗର ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ତୁରନ୍ତ ହେବ ସମାଧାନ। ଏନେଇ ବିଏମ୍‌ସି ପକ୍ଷରୁ 'ରାପିଡ୍ ଇଲେକ୍ଟ୍ରିକାଲ ଆକ୍ସନ ଫୋର୍ସ'(ଆର୍‌ଇଏଏଫ୍) ନିୟୋଜିତ କରାଯାଇଛି। ୩ଟି ସ୍ୱତନ୍ତ୍ର ଗାଡ଼ିରେ ହାଇଡ୍ରୋଲିକ୍ ଲ୍ୟାଡର ସହ ଦକ୍ଷ କର୍ମଚାରୀ ରହିଛନ୍ତି। ଖୁବ୍‌ଶୀଘ୍ର ଆଉ ଏକ ଗାଡ଼ି ନିୟୋଜିତ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି ଅଞ୍ଚଳର ଯେକୌଣସି ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଖରାପ ହେବା ଅଭିଯୋଗ ଆସିଲେ ଏମାନେ ତୁରନ୍ତ ସେଠାରେ ପହଞ୍ଚି ମରାମତି କରିବେ। ପ୍ରତି ଗାଡ଼ିରେ ୩ଜଣ ଲେଖାଏ କର୍ମଚାରୀ ରହିବେ। ସେମାନଙ୍କ ମଧ୍ୟରେ ଜଣେ ଜମାଦାର, ଜଣେ ଇଲେକ୍ଟ୍ରିସିଆନ ଓ ଆଉ ଜଣେ ଡ୍ରାଇଭର। ଏହିସବୁ ଗାଡ଼ିକୁ ସଞ୍ଚାଳନ କରିବା ପାଇଁ ଜଣେ ଟିମ୍ ଲିଡରଙ୍କୁ ନିୟୋଜିତ କରାଯାଇଛି। ଆବଶ୍ୟକ ପଡ଼ିଲେ ଘଟଣାସ୍ଥଳକୁ ଅଧିକ କର୍ମଚାରୀ ମଧ୍ୟ ଯିବେ। ଏହି କର୍ମଚାରୀମାନେ ଦୈନିକ ଅତିକମ୍‌ରେ ଦୁଇଟି ଲେଖାଏ ୱାର୍ଡ ବୁଲି ଷ୍ଟ୍ରିଟ୍ ଲାଇଟ ମରାମତି କାମ କରିବେ। ଏହାବାଦ୍ ଯେଉଁ ଅଞ୍ଚଳରୁ ଅଭିଯୋଗ ଆସିବ ସେହି ସ୍ଥାନକୁ ତୁରନ୍ତ ଯିବେ। ଏବେ ଭୁବନେଶ୍ୱରରେ ୭୮ହଜାର ୫୦୦ରୁ ଅଧିକ ଷ୍ଟ୍ରିଟ୍ ଲାଇଟ୍ ରହିଥିବାବେଳେ ୧୮୦ଟି ହାଇମାଷ୍ଟ ଲାଇଟ୍ ପୋଷ୍ଟ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଏମ୍‌ସି ଅଞ୍ଚଳରେ ୨ହଜାର ୪୦୦ ନୂତନ ପୋଲରେ ୫ ହଜାରରୁ ଅଧିକ ଲାଇଟ୍ ଲଗାଯାଇଛି। ସେହିପରି ବିଭିନ୍ନ ଛକରେ ମୋଟ୍ ୩୪ଟି ହାଇମାଷ୍ଟ ଲାଇଟ୍ ଲାଗିଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଡ଼ିଗୁଡ଼ିକର ଲୋକାର୍ପଣ କରିଥିଲେ। ଅତିରିକ୍ତ କମିଶନର ରତ୍ନାକର ସାହୁ, କର୍ପୋରେଟର ସନ୍ତୋଷ କୁମାର ସିଂଙ୍କ ସହ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ବିୱାଇ କାର୍ଯ୍ୟର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୨୪।୧୨(ବନ୍ଦନା ସେଠୀ)

ରାଜ୍ୟର ସମସ୍ତ ସ୍ଥାନୀୟ ପୌରସଂସ୍ଥା (ୟୁଏଲ୍‌ବି) ସହିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'(ଏମ୍‌ଏସ୍‌ବିୱାଇ)ର କାର୍ଯ୍ୟକାରିତା ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା ବୈଠକ ବୁଧବାର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି କହିଲେ, ଗୋଟିଏ ଦେଶ ତଥା ରାଜ୍ୟ କେତେ ପ୍ରଗତିଶୀଳ ତାହା ସେହି ଦେଶ, ସହରଗୁଡ଼ିକୁ ଲକ୍ଷ୍ୟକଲେ ସ୍ପଷ୍ଟ ଜଣାପଡ଼ିଥାଏ। ଓଡ଼ିଶା ଏବେ ଦ୍ରୁତ ପ୍ରଗତି ପଥରେ ଆଗକୁ ଅଗ୍ରସର ହେଉଛି। ଏହି ଗତିକୁ ଆହୁରି ଦ୍ରୁତତର କରିବା ଲାଗି ଆମକୁ ସହରୀ ବିକାଶ ଯୋଜନା ପ୍ରକଳ୍ପର ସଫଳ ରୂପାୟନ କରିବା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି। ଏଥିସହିତ ବିଭିନ୍ନ ସହରୀ ସଂସ୍ଥାରେ ଅନୁମୋଦିତ ଏମ୍‌ଏସ୍‌ବିୱାଇ ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଶେଷ କରିବା ଓ

## ଗୁଣବତ୍ତା, ଦଳଗତ କାର୍ଯ୍ୟକୁ ଗୁରୁତ୍ୱ

ଏହାର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଏମ୍‌ଏସ୍‌ବିୱାଇ ଅଧୀନରେ ଯୋଜନା ପ୍ରସ୍ତୁତି, କ୍ରୟ ଏବଂ ଦକ୍ଷତା ବୃଦ୍ଧି ପାଇଁ ପୌର କର୍ମଚାରୀମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଶିକ୍ଷଣ ଏବଂ ସାମର୍ଥ୍ୟକୁ ବ୍ୟବହାର କରି କ୍ଷେତ୍ରସ୍ତରରେ ସମସ୍ତ ବାଧାବିଘ୍ନ ଦୂର କରିବା, ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, କାର୍ଯ୍ୟାଦେଶ ଜାରି କରି କାର୍ଯ୍ୟ ଆରମ୍ଭ କରିବା ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିନୟ କୁମାର ଦାସ, ଶିଖା ବିଶ୍ୱାଳ, ଅତିରିକ୍ତ ଅର୍ଥ ପରାମର୍ଶଦାତା ଭାଗ୍ୟଧର ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତ ଗିରଫ

## ପୋଲିସକୁ ହତ୍ୟା ଉଦ୍ୟମ ଘଟଣା

ଭୁବନେଶ୍ୱର,୨୪।୧୨(ସତ୍ୟଜିତ ରାଉତ)

ପୋଲିସକୁ ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ପିତୁପଡ଼ିଆ ବସ୍ତିରେ ରହୁଥିବା ଖୋର୍ଦ୍ଧା ଜିଲା ବେଗୁନିଆର ବିଜୟ କୁମାର ବେହେରା(୨୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୪ ମେ ୨୩ ରାତି ପ୍ରାୟ ୧୧ଟା ୩୦ବେଳେ କ୍ୟାପିଟାଲ ଥାନାଧିକାରୀ, ଏସ୍‌ଆଇ ମାନସ କୁମାର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ୟୁନିଟ୍-୬ ଅନ୍ତର୍ଗତ ପିତୁପଡ଼ିଆ ବସ୍ତି ନିକଟରେ ପାଟ୍ରୋଲିଂ ଏବଂ ନାକା ଡ୍ୟୁଟିରେ ନିୟୋଜିତ ଥିଲେ। ରାତି ପ୍ରାୟ ୧୨ଟା ୧୦ବେଳେ ବିଜୟ କୁମାର ବେହେରା ଏସ୍‌ଆଇ ମାନସଙ୍କ ସହ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ସେ ପୋଲିସକୁ ଠେଲାପେଲା କରିଥିଲେ। ସାଧାରଣ ନିର୍ବାଚନ ପାଇଁ ଚେକିଂ କରାଯାଉଥିବା ପୋଲିସ ବୁଝାଇଥିଲେ ମଧ୍ୟ ବିଜୟ ବୁଝି ନ ଥିଲେ। ସେ ହଠାତ୍ ଏସ୍‌ଆଇ ସାହୁଙ୍କ ବେକକୁ ଚିପିଧରି ମରଣାନ୍ତକ ଆକ୍ରମଣ କରିବା ସହ ୟୁନିଫର୍ମ ଚିରି ଦେଇଥିଲେ। ଅନ୍ୟ ପୋଲିସ ଅଧିକାରୀମାନେ ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତ ଜଣକ ଗାଳିଗୁଲଜ କରି ପୋଲିସ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ପରେ ବାଇକ୍ ଯୋଗେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ପୋଲିସ ମାମଲା (ନଂ.୨୮୭/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଲକ୍ଷ୍ୟ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)

ଲକ୍ଷ୍ୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ 'ଏଲ୍‌ଆଇଟି ହରିଜନ୍-୨୫' ଚନ୍ଦ୍ରଶେଖରପୁରସ୍ଥିତ ରେଲୱେ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟର ପ୍ରିନ୍ସିପାଲ ଡିଲୋବର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ନକ୍ସଲ ବିରୋଧୀ ଅଭିଯାନର ଏଡିଜି ସଞ୍ଜୀବ ପଣ୍ଡା ଯୋଗଦେଇ ନୀତି ମୂଲ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ସୁଶାନ୍ତ କେ ରାଉତ ଏବଂ ଯୁକ୍ତ୨ ଶାଖାର ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଦାଶ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ ବାର୍ତ୍ତା ବହନ କରୁଥିବା ନାଟକ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ଏହାସହ ମନୋମୁଗ୍ଧକର ନୃତ୍ୟକୁ ସମସ୍ତେ ଉପଭୋଗ କରିଥିଲେ। ପରେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶୈଳେନ୍ଦ୍ର ସାମନ୍ତରାୟଙ୍କ ନୃତ୍ୟ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ବରିଷ୍ଠ ଅଧ୍ୟାପିକା ଜୟଶ୍ରୀ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥଲେ।


ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍ | ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ



ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍ | ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନୀତିକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



# ଖରିଫ୍ ଧାନ ସଂଗ୍ରହ, ୨୦୨୫-୨୬

ବିଜ୍ଞାପନ ସଂଖ୍ୟା – ୦୩ — ତାରିଖ: ୨୪।୧୨।୨୦୨୫

